


# ଅଙ୍କୁର




କନ୍ଧମାଳରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ସଂପର୍କିତ ଉଦ୍ୟମର କିଛି ଅନୁଭୂତି

# ଅଙ୍କୁର



## ପ୍ରାକ୍ ପ୍ରାଥମିକ ଶିକ୍ଷା ଓ ଯତ୍ନ ସଂପର୍କିତ କାହାଣୀ




# ଅଙ୍କୁର

ପ୍ରକାଶକ :

ସୋସିଆଲ୍ ୱେଲ୍‌ଫେୟାର ଏଜେନ୍‌ସି ଆଂଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ସ୍ୱାତୀ)
ମାଲେରିମାହା, ପାବୁରିଆ, କନ୍ଧମାଳ – ୭୬୨୧୧୨, ଓଡିଶା
Email: swati_pab@yahoo.co.in, Website: www.swatiodisha.org

ସହାୟତା :

ସେଭ୍ ଦି ଚିଲ୍‌ଡ୍ରେନ୍, ଭୁବନେଶ୍ୱର

ସଂପାଦନା- ମୃତ୍ୟୁଞ୍ଜୟ ବେହେରା, କଳିଙ୍ଗ ବିହାର, ଭୁବନେଶ୍ୱର

ପ୍ରକାଶନ ସମୟ

ମାର୍ଚ୍ଚ ୨୦୨୦

# ବହି ବିଷୟରେ କିଛି କଥା . . .

ଏହି ଅଙ୍କୁର ପୁସ୍ତିକାରେ କନ୍ଧମାଳର ଫିରିଙ୍ଗିଆ ବ୍ଲକ୍ ଅଂଚଳରେ ଶିଶୁମାନଙ୍କ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ଦିଗରେ ସ୍ୱାତୀ ଦ୍ୱାରା ନିଆଯାଇଥିବା ପ୍ରଚେଷ୍ଟାର କାହାଣୀ ମାନ ରହିଛି ।

କନ୍ଧମାଳ ଜିଲ୍ଲାର ଏହି ଫିରିଙ୍ଗିଆ ବ୍ଲକ୍ ଅଂଚଳ ଅନେକାଂଶରେ ଦୁର୍ଗମ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ମଧ ଅବହେଳିତ । ପାରିବାରିକ ଅଭାବ ଓ ଶିକ୍ଷା ପ୍ରତି ଗୁରୁତ୍ୱ ନଥିବା ହେତୁ ଶିଶୁମାନେ ଶିକ୍ଷାରେ ଅନେକ ଦୁର୍ବଳ ଏବଂ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖା ମଧ ବେଶ୍ ଅଧିକ । ତେଣୁ ଶିଶୁ, ବିଶେଷ କରି ୩ ରୁ ଛ ବର୍ଷ ପର୍ଯ୍ୟନ୍ତ ପିଲା ମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ସେମାନଙ୍କ ଶିକ୍ଷା ପରିବେଶରେ ଉନ୍ନତୀ ଆଣିବା ଏବଂ ସେମାନଙ୍କ ପାଇଁ ଉନ୍ନତ ମାନର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ଓ ଶିକ୍ଷାଦାନ ପଦ୍ଧତିରେ ସୃଜନଶୀଳତା ଆଣିବା ଲକ୍ଷ୍ୟରେ ସ୍ୱାତୀ ଦ୍ୱାରା ପ୍ରାକ୍ ପ୍ରାଥମିକ ଶିକ୍ଷା ଏବଂ ଯତ୍ନ ସଂପର୍କିତ କାର୍ଯ୍ୟକ୍ରମ ଇସିସିଇ ଚାଲୁ ରହିଛି । ସେଭ୍ ଦି ଚିଲ୍ଡ୍ରେନ ସହଯୋଗରେ ସ୍ୱାତୀ ଏହି କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ର ୧୪ ଗ୍ରାମ ପ□ୟତର ୧୨୨ଟି ଗାଁରେ କାର୍ଯ୍ୟ କରୁଛି । ଏଥିରେ ୬ଟି ଆଇ.ସି.ଡି.ଏସ୍ ସେକ୍ଟରର ୧୦୦ଟି ଅଙ୍ଗନବାଡି ଓ ୫୦ଟି ସରକାରୀ ସ୍କୁଲ୍‌କୁ ସାମିଲ କରାଯାଇଛି । ସମୁଦାୟ ଅଂଚଳର ୩ ବର୍ଷରୁ କମ୍ ୨୩୧୦ ଜଣ ପିଲା ଏବଂ ୩ରୁ ୬ ବର୍ଷ ବୟସ ମଧରେ ଥିବା ୧୯୫୪ ଜଣ ପିଲାଙ୍କୁ ଏଥିରେ ସାମିଲ କରାଯାଇଛି । ତିନିରୁ ଛଅ ବର୍ଷ ବୟସର ପିଲାମାନଙ୍କ ପାଇଁ ଉନ୍ନତ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପାଇଁ ଥିବା ବ୍ୟବସ୍ଥା ଗୁଡିକୁ ଅଧିକ ଦକ୍ଷ ଓ ସକ୍ଷମ କରାଇବା, ଏଥିପାଇଁ ଥିବା ସରକାରୀ ବ୍ୟବସ୍ଥାକୁ ଅଧିକ କ୍ରୀୟାଶୀଳ, ପ୍ରଭାବଶାଳୀ ଓ ଗୁଣାତ୍ମକ ଅଭିବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

ଏହି କାର୍ଯ୍ୟକ୍ରମ ମାଧମରେ ଅଙ୍ଗନବାଡି କର୍ମୀ, ସହାୟିକା, ପ୍ରାଥମିକ ଶିକ୍ଷକ ଆଦିଙ୍କୁ ଉନ୍ନତ ଶିଶୁଶିକ୍ଷା କୌଶଳ ସଂପର୍କିତ ତାଲିମ ଦିଆଯିବା ସହ, ଅଭିଭାବକ ଗ୍ରାମବାସୀ ଓ ପ□ୟତ ପ୍ରତିନିଧି ମାନଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷାର ଗୁରୁତ୍ୱ ସଂର୍କରେ ସଚେତନ କରାଯାଉଛି । ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ନୀୟମିତ କରିବା, ଶତ ପ୍ରତିଶତ ଉପସ୍ଥାନ ହାସଲ କରିବା, କେନ୍ଦ୍ର ଗୁଡିକୁ ଆକର୍ଷଣୀୟ କରିବା, ପିଲା ଓ ଅଭିଭାବକ ମାନଙ୍କ ସହାୟତାରେ ଶିକ୍ଷଣ ସାମଗ୍ରୀ ତିଆରି କରିବା ସହ ପିଲାମାନଙ୍କୁ କେନ୍ଦ୍ରପ୍ରତି ଓ ଶିକ୍ଷା ପ୍ରତି ଆକୃଷ୍ଟ କରିବାକୁ ପଦେକ୍ଷପ ମାନ ନିଆଯାଉଛି । ଏହି ପୁସ୍ତିକାରେ ସନ୍ନିହିତ କାହାଣୀ ଗୁଡିକ ଆମ ଉଦ୍ୟମର କିଛି କିଛି ଝଲକ ।

ଆଶା ଏହି ପୁସ୍ତିକାଟି ଶିଶୁଶିକ୍ଷା ଦିଗରେ କାମ କରୁଥିବା ସମସ୍ତଙ୍କୁ ନିଶ୍ଚୟ ଉତ୍ସାହିତ କରିବ ।

ଧନ୍ୟବାଦ ସହ
ଇଂ, ହରିଶଙ୍କର ରାଉତ
ସଂପାଦକ, ସ୍ୱାତୀ

## ସୂଚୀପତ୍ର


| ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|
| ଦୂର ଗାଁରୁ ଅଙ୍ଗନବାଡି କେନ୍ଦ୍ରକୁ ଆସିଲେ ପିଲାମାନେ | ସୁବଳ ବେହେରା | ୫ |
| ଶିକ୍ଷଣ ସାମଗ୍ରୀ ଜିଲାପିର ମନ ବଦଳାଇଦେଲା | ନିରୁପମା କହଁର | ୭ |
| ମାତୃକମିଟିର ସଭ୍ୟାମାନେ ନିଜ ଦାୟିତ୍ୱ ଜାଣିଲେ | ସତ୍ୟପ୍ରସାଦ ଓ ମାମାଲି ବିଶ୍ୱାଳ | ୯ |
| ନୀୟମିତ ଅଙ୍ଗନବାଡି ଆସିଲା ଶ୍ରୀଦେବୀ | ଶ୍ରଦ୍ଧାଙ୍ଗିନୀ ମଲ୍ଲୀକ | ୧୧ |
| ନୀୟମିତ ହେଲା ପିଡିଆଗୁଡା ଅଙ୍ଗନବାଡି କେନ୍ଦ୍ର | ସୁନେମିୟା ଦିଗାଲ | ୧୪ |
| ଶିଶୁଶିକ୍ଷାକୁ ଗୁରୁତ୍ୱ ଦେଲେ କୁଟୀବାରି ଗାଁର ଲୋକେ | ଚିନ୍ମୟୀ ମୁଖି | ୧୬ |
| ଖେଳ ଛାଡି ପାଠରେ ମନଦେଲେ ତଳପଡା ଗାଁର ଶିଶୁମାନେ | ପ୍ରଭଞ୍ଜନ କହଁର | ୧୮ |
| ପ୍ରତ୍ୟୁଷର ଚଗଲାମି ବଦଳିଲା | ପ୍ରଭଞ୍ଜନ କହଁର | ୨୦ |
| ପାଠ ପଢିଲା ବିନାୟକ | ରାନିମା ଦିଗାଲ | ୨୩ |
| ଗାଁଆ କୁ ସୁନ୍ଦର ଅଙ୍ଗନବାଡି | ଗାୟତ୍ରୀ ମହାରଣା | ୨୪ |
| କମିଟି ସଦସ୍ୟାମାନେ ସଜାଡିଲେ ଅଙ୍ଗନବାଡି କେନ୍ଦ୍ର | ଜି.ନିହାର ନଳିନୀ ଦେବୀଦ□ | ୨୭ |
| ଅଙ୍ଗନବାଡିରୁ ଗାଁ ଲୋକେ ଶିଶୁଙ୍କ ପୁଷ୍ଟି ସୁରକ୍ଷା ଶିଖିଲେ | ଶିଶିର କୁମାର ବେହେରା | ୨୯ |
| ପାଠରେ ଆଗୁଆ ହେଲା ନିକିତା | କନକଲତା ପାତ୍ର | ୩୧ |
| ଆୟୁଷର ଭୟ ଦୂରହେଲା | ରୀନା ପ୍ରଧାନ | ୩୩ |
| ଗ୍ରାମବାସୀଙ୍କ ମତଭେଦ ଦୂରହେଲା | ମାଳତୀ ପ୍ରଧାନ | ୩୪ |
| ଶିଶୁଶିକ୍ଷାରେ ପରିବ□ନ ଆଣିଲେ ସୁପ୍ରଭା ଦିଦି | ବସନ୍ତ କୁମାର ପ୍ରଧାନ | ୩୬ |
| ଅଭିଭାବକ ତିଆରିକଲେ ଶିକ୍ଷଣ ସାମଗ୍ରୀ | ମାମିନା ମହାରଣା | ୩୮ |
| ଶିଶୁଶିକ୍ଷାରେ ଆଗ୍ରହ ସୃଷ୍ଟିକଲେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର | ମାଳତୀ ପ୍ରଧାନ | ୪୦ |
| ଶିଶୁମେଳା ବଦ୍ରିନାଥକୁ କେନ୍ଦ୍ରକୁ ଆସିବାକୁ ଉତ୍ସାହିତ କଲା | ବଚନ ମାଝୀ | ୪୨ |
| ମୀନୁର ମୌନତା ବଦଳିଲା | ସୁଭଦ୍ରା କହଁର | ୪୪ |
| ଅଙ୍ଗନବାଡି କେନ୍ଦ୍ରର ସାଜସଜ୍ଜା ଶିଶୁ ମାନଙ୍କୁ ଆକର୍ଷିତ କଲା | ମିନତୀ କହଁର | ୪୬ |
| ଅଙ୍ଗନବାଡି ପ୍ରତି ଗାଁ ଲୋକଙ୍କ ମନୋଭାବ ବଦଳିଲା | ସରସ୍ୱତୀ ବିନ୍ଧାଣୀ | ୪୭ |
| ଶିଶୁ ଶିକ୍ଷାରେ ନୂଆ ଉତ୍ସାହ ଆଣିଲେ ସୀମାଂଚଳ ସାର୍ | ସର୍ବେଶ୍ୱର ସାହୁ | ୫୦ |

# ଦୂର ଗାଁରୁ ଅଙ୍ଗନବାଡି କେନ୍ଦ୍ରକୁ ଆସିଲେ ପିଲାମାନେ

ସୁବଳ ବେହେରା



ଆମ କନ୍ଧମାଳର ଭୌଗୋଳିକ ଚିତ୍ର ଅନ୍ୟ ଅଂଚଳଠାରୁ ନିଆରା । ଅଧିକାଂଶ ଅଂଚଳ ପାହାଡ ଓ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ । ମଝିରେ ଛୋଟିଆ ଛୋଟିଆ ପଡା ଗାଁ ସବୁ । ଗୋଟିଏ ରାଜସ୍ୱ ଗାଁକୁ ଲାଗି ରହିଥିବା ପାଖାପାଖି ପଡା ଗାଁ ଗୁଡିକ ଭିତରେ ୨ ରୁ ୩ କିଲୋମିଟର ଦୂରତା । କେତେକ ଗାଁକୁ କେବଳ ପାଦଚଲା ରାସ୍ତା ହିଁ ରହିଛି । ଜଙ୍ଗଲ ଭିତରେ ବା ପାହାଡ ପାରିହୋଇ ପାଦରେ ଚାଲି ଚାଲି ସେହି ଗାଁରେ ପହଞ୍ଚିବାକୁ ପଡେ । ଯୋଗାଯୋଗର ଏହିସବୁ ଅସୁବିଧା ଯୋଗୁଁ ସ୍କୁଲ୍ ଓ ଅଙ୍ଗନବାଡି ପରି ଅନୁଷ୍ଠାନ ଗୁଡିକର ପିଲାମାନେ ଅନେକ ଅସୁବିଧାର ସମ୍ମୁଖିନ ହୋଇଥାନ୍ତି । ସେମିତି ଗୋଟିଏ ଗାଁ ହେଉଛି ଫିରିଙ୍ଗିଆ ବ୍ଲକ୍ ଜାଯେଶପାଙ୍ଗା ପଞ୍ଚାୟତର ଲଦଡି । ବ୍ଲକ୍ ଠାରୁ ପ୍ରାୟ ୨୫ କିଲୋମିଟର ଦୂରରେ ରହିଥିବା ଏହି ଗାଁଟିରେ ୪ଟି ସାହିର ୧୪୭ ପରିବାର ରହନ୍ତି । ମୋଟ ଲୋକସଂଖ୍ୟା ୬୭୨ ମଧ୍ୟରୁ କେବଳ ଆଦିବାସୀଙ୍କ ସଂଖ୍ୟା ୫୨୪ । ୪ଟି ସାହି ପାଇଁ ଲଦଡି ଠାରେ ରହିଛି ଅଙ୍ଗନବାଡି କେନ୍ଦ୍ରଟିଏ । ୧୩ ଜଣ ପୁଅ ଓ ୧୯ ଜଣ ଝିଅ ଏଠାକୁ ପଢିବାକୁ ଆସନ୍ତି । କାମ୍ବାପଡା ସାହିଟି କେନ୍ଦ୍ରଠାରୁ ଦୁଇ କିଲୋମିଟର ଦୂରରେ ଅବସ୍ଥିତ । ସେଠାରୁ ୭ ଜଣ ପିଲାଙ୍କ ନାଁ ଲେଖାହୋଇଛି କେନ୍ଦ୍ରରେ । ତେବେ କାମ୍ବାପଡାରୁ କେନ୍ଦ୍ରକୁ ଆସିବା ପାଇଁ ଏକ ଜଙ୍ଗଲୀ ରାସ୍ତା ରହିଛି ଏବଂ ପୋଲରେ ଏକ ପାଣିନାଳ ପାର ହୋଇ ଆସିବାକୁ ପଡେ । ରାସ୍ତାର ଏହି ଖରାପ ଅବସ୍ଥା ଯୋଗୁଁ କେନ୍ଦ୍ରର ଛୋଟ ଛୋଟ ପିଲାମାନେ ନୀୟମିତ ଆସି ପାରନ୍ତି ନାହିଁ । ଯେଉଁଦିନ ଅଙ୍ଗନବାଡି କର୍ମୀ କିମ୍ବା ସହାୟିକା ଗାଁକୁ ଯାଇ ପିଲାମାନଙ୍କୁ ସାଥିରେ ଧରି ଆସନ୍ତି ସେହିଦିନ ସେମାନେ ଆସନ୍ତି । ଅନ୍ୟଦିନ ଗୁଡିକରେ ବିଶେଷକରି ବର୍ଷାଦିନ ସାରା ପିଲାମାନେ ଆଦୌ ଆସନ୍ତି ନାହିଁ ।

ଏହି ଅସୁବିଧା ଦୀର୍ଘବର୍ଷରୁ ଲାଗି ରହିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରୁନଥିଲା । ସ୍ୱାତୀ ଓ ସେଭ୍ ଦି ଚିଲ୍ଡ୍ରେନ ଦ୍ୱାରା ଇସିସିଇ ପ୍ରକଳ୍ପ ଆରମ୍ଭ ହେବାପରେ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ଶିଶୁ ଉପସ୍ଥାନ ନୀୟମିତ କରିବା ଏବଂ ସେମାନଙ୍କ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରାଗଲା । ଇସିସିଇ କାର୍ଯ୍ୟକ୍ରମର ଜଣେ କର୍ମୀ ଭାବେ ମୁଁ ସେହି କେନ୍ଦ୍ରକୁ ଯିବା ସମୟରେ ଏହି ଅସୁବିଧାଟି ମୋ ନଜରକୁ ଆସିଲା । ତେଣୁ ଏହାର କିପରି ସ୍ଥାୟୀ ସମାଧାନ ହୋଇପାରିବ ସେଦିଗରେ ମୁଁ ଅଙ୍ଗନବାଡି କର୍ମୀଙ୍କ ସହ ମିଶି ଆଲୋଚନା କଲି । କାମ୍ବାଗୁଡାରେ ସାହି ଲୋକଙ୍କ ସହ ମିଶି ସମାଧାନର ସୂତ୍ର ବାହାର କରିବାକୁ ଏକ ବୈଠକ ରଖାଗଲା । ବୈଠକରେ ଗାଁ ଲୋକମାନଙ୍କ ସହ ଅଙ୍ଗନବାଡି କର୍ମୀ ଓ ମୁଁ ଉପସ୍ଥିତ ରହିଲୁ । ପୁରୁଷ ମାନଙ୍କ ସହିତ ମହିଳା ମାନଙ୍କୁ ମଧ୍ୟ ଏହି ବୈଠକକୁ ଡକାଗଲା ।



ବୈଠକରେ ପ୍ରଥମେ ଅଙ୍ଗନବାଡିର ଉପାଦେୟତା ଏବଂ ପରିଚାଳନା ସଂପର୍କରେ ଆଲୋଚନା କରାଗଲା । ଗାଁ ଲୋକମାନେ ବିଶେଷକରି ଏହା ଶିଶୁଖାଦ୍ୟ ଓ ଗର୍ଭବତୀ ମା ମାନଙ୍କୁ ଛତୁଆ ବା□ୁଥିବା ଏବଂ ଟୀକାକରଣ କରୁଥିବା ଏକ କେନ୍ଦ୍ର ହିସାବରେ ବୁଝୁଥିଲେ । ଏହା ଶିଶୁ ମାନଙ୍କର ଏକ ପ୍ରାକ୍ ପ୍ରାଥମିକ ଶିକ୍ଷାକେନ୍ଦ୍ର ବୋଲି ସେମାନଙ୍କର ଆଦୌ ଧାରଣା ନଥିଲା । ମୁଁ ଆମ ଅଂଚଳର ଶିଶୁ ମାନଙ୍କ ଶିକ୍ଷା ଏବଂ ସ୍କୁଲ ଯିବା ପୂର୍ବରୁ ଆବଶ୍ୟକ ଥିବା ଶିକ୍ଷା ବିଷୟରେ ବୁଝାଇଥିଲି । ପିଲାମାନେ ଏଠାରେ ସ୍କୁଲ୍ ଯିବା ପର୍ଯ୍ୟନ୍ତ କୌଣସି ଶିକ୍ଷା ପାଉନାହାନ୍ତି । ବାପା ମା ବିଭିନ୍ନ କାମକୁ ଚାଲିଗଲେ ସେମାନେ ଗାଁରେ ଖେଳକୁଦ କରୁଛନ୍ତି କିମ୍ବା ନାଳ ଝରଣା ଆଦିରେ ମାଛ ଧରୁଛନ୍ତି । ଏସବୁ ଦ୍ୱାରା ଶିଶୁଟିର ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଠିକ୍ ଯତ୍ନ ନିଆଯାଇ ପାରୁନାହିଁ । ପ୍ରଥମରୁ ସେମାନଙ୍କୁ ଶିକ୍ଷାଭିମୁଖୀ କରାଯାଇନଥିବାରୁ ସ୍କୁଲ ଆରମ୍ଭ ସମୟରେ ଦିନକୁ ଆଠଘ□ ଶ୍ରେଣୀ ଘର ଚାରିକାନ୍ଥରେ ଆବଦ୍ଧ ରହି ପଢିବାକୁ ସେମାନେ ଆଗ୍ରହ କରୁ ନାହାନ୍ତି । ପିଲାଟିର ମୂଳଦୁଆ ଶିକ୍ଷା ଦୁର୍ବଳ ରହୁଥିବାରୁ ପରବ□ୀ ସମୟରେ ସେମାନେ ଉଚ୍ଚ ଶ୍ରେଣୀରେ ଫେଲ୍ ହେଉଛନ୍ତି । ସହରା□ଳରେ ଲୋକମାନେ ନିଜ ପିଲାମାନଙ୍କୁ ୩ ବର୍ଷ ବୟସରୁ ପାଠପଢା ପ୍ରତି ଆକୃଷ୍ଟ କରିବାକୁ ବିଭିନ୍ନ ଖେଳ ସ୍କୁଲ୍‌ରେ ଭ□ି କରୁଛନ୍ତି । ଗାଁ ଗହଳିରେ ସେହି ସୁବିଧା ପାଇଁ ସରକାର ଅଙ୍ଗନବାଡି କେନ୍ଦ୍ର ସବୁ ଖୋଲିଛନ୍ତି । ତେଣୁ ସେଠାକୁ ପିଲା ମାନଙ୍କୁ ନପଠାଇଲେ ସେମାନେ ଶିକ୍ଷା ପାଇବା ସୁଯୋଗ ହରାଇବେ ବୋଲି ଗ୍ରାମବାସୀଙ୍କୁ ବୁଝାଇଲି । ଅଙ୍ଗନବାଡି ସ୍ତରରେ ଶିକ୍ଷାକୁ କିପରି ଅଧିକ ଚାପମୁକ୍ତ, ସୁଗମ ଓ ମନୋରଂଜନଧର୍ମୀ କରିହେବ ସେଥିପାଇଁ ସ୍ୱାତୀ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । କେନ୍ଦ୍ରଗୁଡିକୁ ଆକର୍ଷଣୀୟ ଭାବରେ ବିଭିନ୍ନ ଚିତ୍ରରେ ରଙ୍ଗାଯାଇଛି, ପିଲାମାନେ ଖେଳିଖେଳି ଶିଖିବା ପାଇଁ ବିଭିନ୍ନ ଖେଳନା ସାମଗ୍ରୀ ଦିଆଯାଇଛି । ଚିତ୍ର ଦ୍ୱାରା, ଗପ ଦ୍ୱାରା, ଗୀତ ଦ୍ୱାରା ଏବଂ ଖେଳ ଦ୍ୱାରା କିପରି ବିଭିନ୍ନ ପାଠ ବିଷୟ ଶିଖିପାରିବେ ସେଥିପାଇଁ ଚାର୍ଟ, ପୋଷ୍ଟର, ପଠନ ସାମଗ୍ରୀ ସବୁ ଯୋଗାଇ ଦିଆଯାଇଛି । ପିଲାମାନଙ୍କୁ ବିଭିନ୍ନ ଉପାୟରେ ଶିକ୍ଷା ଦେବାପାଇଁ ଅଙ୍ଗନବାଡି କର୍ମୀମାନଙ୍କୁ ତାଲିମ ଓ ପ୍ରଶିକ୍ଷଣ ଦିଆଯାଇଛି । ତେଣୁ ନିଜ ପିଲାର ଭବିଷ୍ୟତ ଗଠନ ପାଇଁ ସବୁ ପିଲାଙ୍କୁ ଅଙ୍ଗନବାଡି କେନ୍ଦ୍ରକୁ ନୀୟମିତ ପହ□ାଇବା ଆବଶ୍ୟକ ବୋଲି ବୁଝାଇଥିଲି ।

ଗ୍ରାମବାସୀ ମାନେ ଗାଁ ପାଖରୁ କେନ୍ଦ୍ରଟି ଦୂରରେ ରହିଥିବା ଯୋଗୁଁ ଅସୁବିଧାର ସମ୍ମୁଖିନ ହେଉଥିବା କଥା ଜଣାଇଥିଲେ । ସମସ୍ତେ ନିଜ ନିଜର କାର୍ଯ୍ୟରେ ଚାଲି ଯାଉଥିବାରୁ ପିଲାଙ୍କୁ ପହ□ାଇବା ସମ୍ଭବ ହେଉନଥିବା କହିଥିଲେ । ମୁଁ ସେମାନଙ୍କୁ କିଛି ଉଦାହରଣ ଦେଇଥିଲି । ସହରା□ଳରେ ଲୋକମାନେ ନିଜ ପିଲାମାନଙ୍କୁ ସ୍କୁଲ୍‌ରେ ପଢାଇବା ପାଇଁ ଘରଠାରୁ ୩/୪ କିଲୋମିଟର ଦୂର ସ୍କୁଲ୍ ପର୍ଯ୍ୟନ୍ତ ନେବା ଆଣିବା କରିଥାନ୍ତି । କାରଣ ସେମାନେ ପିଲାମାନଙ୍କ ଶିକ୍ଷାକୁ ସେତିକି ଗୁରୁତ୍ୱ ଦେଇଥାନ୍ତି । ସେହିପରି ନିଜେ ଯଦି ନିଜର ଗାଈ ଛେଳିଙ୍କୁ ନୀୟମିତ ଚରାଇବା ପାଇଁ ଠିକ୍ ସମୟରେ ଜଙ୍ଗଲକୁ ନେଉଛେ ଏବଂ ସାରାଦିନ ଜଗିରଖି ଚରେଇ ଆଣୁଛେ ଅଥଚ ନିଜର ଶିଶୁକୁ ସ୍କୁଲ ନପଠାଇ ଏଣେତେଣେ ବୁଲିବାକୁ ଛାଡି ଦେଉଛେ ତାହେଲେ ଆମ ପିଲାର ଭବିଷ୍ୟତ ଗଠନ ହେବ କିପରି ।



ଗାଁ ସହ ଅଙ୍ଗନବାଡିର ସଂପର୍କ ବେଶ୍ ସୁଦୃଢ ହୋଇଛି ।

ଲୋକମାନେ ଶେଷରେ ପିଲାଙ୍କ ଭବିଷ୍ୟତ ଓ ଶିକ୍ଷା ବିଷୟକୁ ହୃଦୟଙ୍ଗମ କଲେ । ଗାଁର ପଢୁଥିବା ୭ଟି ଯାକ ପରିବାର ପ୍ରତ୍ୟେହ ପାଳିକରି ପିଲାମାନଙ୍କୁ କେନ୍ଦ୍ରରେ ପହ□ଇବାକୁ ନିଷ୍□ ନେଲେ । କୈଣସି ଦିନ ପିଲାମାନଙ୍କ କେନ୍ଦ୍ରକୁ ଆସିବା ବନ୍ଦ କରିବେ ନାହିଁ ବୋଲି ମଧ ଶପଥ ନେଲେ ।

ଏବେ ସେହି ଗୁଡାର ପିଲାମାନେ ନୀୟମିତ କେନ୍ଦ୍ରକୁ ଆସୁଛନ୍ତି ଏବଂ ଶିକ୍ଷା ଗ୍ରହଣ କରୁଛନ୍ତି । ପ୍ରତିଦିନ ଗୋଟିଏ ପରିବାରର ଲୋକ ସେମାନଙ୍କୁ କେନ୍ଦ୍ରକୁ ନେବା ଆଣିବା କରୁଛନ୍ତି ।

# ଶିକ୍ଷଣ ସାମଗ୍ରୀ ଜିଲାପିର ମନ ବଦଳାଇଦେଲା

ନିରୁପମା କହଁର

ପାଂଚ ବର୍ଷର ଛୋଟ ଝିଅଟିଏ ଜିଲାପି । ଲତପଙ୍ଗିଆ ଅଙ୍ଗନବାଡିର ଛାତ୍ରୀ ସେ । ଚେହେରା ବେଶୀ ଦୁର୍ବଳ ନହେଲେ ମଧ ମୁହଁଟି ସବୁବେଳେ ଶୁଖିଲା ଦିଶୁଥାଏ । ମୁଁ ଯେତେବେଳେ ବି ସେ କେନ୍ଦ୍ରକୁ ଯାଏ ଦେଖେ ଯେ ଜିଲାପି ଅଧିକାଂଶ ସମୟ ନିରବରେ ବସୁଛି । ସାଥି ପିଲାମାନଙ୍କ ସହ ବିଶେଷ ଖେଳକୁଦ କରୁନାହିଁ । ପଚାରିଲେ ବି ଚାରିପଦରେ ପଦେ କଥା କହୁନାହିଁ ।  ଅଙ୍ଗନବାଡି ଦିଦିଙ୍କୁ ପଚାରିବାରୁ ସେ ଅଧିକାଂଶ ସମୟ କେନ୍ଦ୍ରକୁ ଆସିବାକୁ ମଧ ମନ ବଳାଉନାହିଁ ବୋଲି କହିଲେ । ତାଙ୍କ ଘର କେନ୍ଦ୍ରଠାରୁ ଟିକିଏ ଦୂରରେ । ମୋତେ ଲାଗିଲା ପିଲାଟି ପ୍ରତି ବୋଧହୁଏ ବିଶେଷ ଗୁରୁତ୍ୱ ଦିଆ ଯାଉନଥିବାରୁ ସେ ନିଜ ସଂକୋଚ ଭାଙ୍ଗି ପାରୁନାହିଁ ।

ତା ବିଷୟରେ ଜାଣିବା ପାଇଁ ଦିନେ ମୁଁ ତାଙ୍କ ଘରେ ଯାଇ ପହ□ିଲି । ଘରେ ପହ□ିଲା ବେଳକୁ ତାର ବାପା ମା କେହି ନଥିଲେ । କାମ କରିବାକୁ କ୍ଷେତକୁ ଚାଲି ଯାଇଥିଲେ । ଜିଲାପି ଦାଣ୍ଡ ବାରଣ୍ଡାରେ ଏକୁଟିଆ ବସି ଧୂଳି ଧୂସରିଆ ହୋଇ ଖେଳୁଥିଲା । ତାକୁ ପାଖକୁ ଡାକିଲି । ଲାଜ ଲାଜ ହୋଇ ମୋ ପାଖକୁ ଆସିଲା । ସାଙ୍ଗରେ ନେଉଥିବା ଚକୋଲେଟ୍‌ଟି ତା ହାତକୁ ବଢାଇଦେଲି । ଚକୋଲେଟ୍‌ଟି ମୋ ହାତରୁ ନେବା ପରେ ମୋ ପାଖରେ ବସିଲା । ମୁଁ ତାର ବାପା ମାଙ୍କ କଥା ପଚାରିଲି । ଧିର କଣ୍ଠରେ ଉ□ର ଦେଲା ଯେ, ସେମାନେ କାମକୁ ଯାଇଛନ୍ତି । ତୁ କଣ ଖାଇଛୁ ବୋଲି ପଚାରିବାରୁ ମୁଣ୍ଡ ହଲେଇ ମନା କଲା । ମୁଁ ଲକ୍ଷ୍ୟକଲି ଏସବୁ କଥାବା□ା ଭିତରେ ତାର ଲାଜ ଟିକେ ଦୂରେଇ ଗଲାଣି । ଅଭାବୀ ପରିବାରଟି ହୋଇଥିବାରୁ ବାପା ମା କ୍ଷେତ କାମ ଓ ଜଙ୍ଗଲ କାମକୁ ଚାଲିଯାଆନ୍ତି । ପିଲାଟି ବାପା ମା ଫେରିବା ପର୍ଯ୍ୟନ୍ତ ଏକୁଟିଆ ବୁଲୁଥାଏ । ବାପା ମା କାମରୁ ଫେରି ଘରକାମ କରନ୍ତି । ପିଲା ମାନଙ୍କୁ ଭଲମନ୍ଦ ପଚାରିବା ବା ତା ସହ

କଥାବାର୍ତ୍ତା ହୁଅନ୍ତି ନାହିଁ । ଭାବିଲି ଏହି ଅବହେଳା ହିଁ ଜିଲାପିକୁ ଏମିତି କରି ଦେଇଛି । ମଧ୍ୟାହ୍ନ ଗଡିବା ପରେ ତା ମା ଫେରିଲେ । ତାଙ୍କ ସହ ଜିଲାପିର ପଢ଼ିବା ଓ ଖାଇବା ପିଇବା ସଂପର୍କରେ କଥାହେଲି । ଜିଲାପି ପିଲାଦିନୁ ସେମିତି ମୌନ ସ୍ୱଭାବର ବୋଲି କହିଲେ । ମୁଁ ତାଙ୍କୁ ଜିଲାପିର ଖାଦ୍ୟପେୟର ଦାୟିତ୍ୱ ନେବା ଓ ପାଠ ପଢ଼ା ଦିଗରେ ଆଗ୍ରହ ସୃଷ୍ଟି କରିବାକୁ କହିଲି ।



ଅନ୍ୟଦିନ ସେହି ଅଙ୍ଗନବାଡି କେନ୍ଦ୍ରକୁ ଗଲାବେଳେ ମୁଁ ସାଥିରେ କିଛି ଶିକ୍ଷଣ ସାମଗ୍ରୀ ଓ ଖେଳନା ନେଇ ଗଲି । ଏସବୁ ଖେଳନା ଆମେ କର୍ମୀ ମାନେ ପିଲାଙ୍କ ଶିକ୍ଷାର ଆଗ୍ରହ ବଢ଼ାଇବା ପାଇଁ ତିଆରି କରିଥିଲୁ । ମୁଁ ଜିଲାପି ଏବଂ ଅନ୍ୟ ପିଲା ମାନଙ୍କୁ ଚାରିପାଖେ ଗୋଲ କରି ବସାଇ ଖେଳିଲି । ସେମାନଙ୍କୁ ଛବି ଓ ଚିତ୍ର ଦେଖାଇ ପଶୁପକ୍ଷୀଙ୍କ ନାଁ ପଚାରିଲି । ଛବିରୁ ଗଣିଶିଖିବା, ଅକ୍ଷର ସଜା ଖେଳ କରିବା ଆଦି ଦ୍ୱାରା ଜିଲାପିକୁ ଖେଳରେ ମଗ୍ନ ରଖିବା ପାଇଁ ଚେଷ୍ଟା କଲି । ଦିଦିଙ୍କୁ ମଧ ଖେଳିଖେଳି ଶିଖିବା ଓ ପଢ଼ିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ କହିଲି । ପିଲା ମାନଙ୍କ ସହ ଯେତେ ଅଧିକ କଥାହେବେ ସେମାନେ ସେତେ ଅଧିକ ଚତୁର ହେବେ ଏବଂ ସେମାନଙ୍କ ମାନସିକ ବିକାଶ ସେତେ ଶିଘ୍ର ହେବ ବୋଲି ଜଣାଇଲି । ଦୁଇ ଦିନ ପରେ ପୁଣି ସେହି କେନ୍ଦ୍ରକୁ ଗଲି । ଜିଲାପି ଏବଂ ଅନ୍ୟ ପିଲା ମାନଙ୍କୁ ଏକାଠି କରି ଗୀତ ଅଭିନୟ ଏବଂ ଗଳ୍ପ ଅଭିନୟ ଆଦି କରାଇଲି । ପିଲା ମାନଙ୍କ ଭିତରେ ପରସ୍ପର ଭାବର ଆଦାନ ପ୍ରଦାନ ପାଇଁ ଖେଳ କଲି । କିଛି ଦିନ ପରେ ଲକ୍ଷ୍ୟ କଲି, ଜିଲାପିର ମନୋଭାବରେ ଦୃତ ପରିବର୍ତ୍ତନ ହେଉଛି । ସେ ଆଉ ଆଗପରି କେନ୍ଦ୍ରକୁ ଆସିବାକୁ ମନଉଣା କରୁନାହିଁ । ସେହିପରି ପିଲାଙ୍କ ସାଥିରେ ମିଶି ଖେଳକୁଦ କରୁଛି ।

କେନ୍ଦ୍ରରେ ହେଉଥିବା ମାସିକ ବୈଠକରେ ଜିଲାପିର ମାଙ୍କୁ ତାର ପରିବର୍ତ୍ତନ ବିଷୟରେ ପଚାରିଲି । ଜିଲାପିର କଥା ଶୁଣି ସେ ଖୁସିରେ ଜଣାଇଲେ ଯେ, ଏବେ ଜିଲାପି ମନକୁ ମନ ସଞ୍ଜବେଳେ ବହି ଧରି ଚିତ୍ରସବୁ ବଡ ପାଟିରେ ପଢୁଛି । ନିଜେ ନିଜେ ଅଙ୍ଗନବାଡିରୁ ଶିଖିଥିବା ଗୀତ ବି ବୋଲୁଛି ।  ବେଳେବେଳେ କାଉ, କୁକୁଉ, ହାତୀ ଆଦି ଗପ ଶୁଣାଉଛି ଓ ମନକୁ ମନ ବେଶ୍ ଖୁସି ହେଉଛି । ସବୁଠୁ ବଡ କଥାହେଲା ସେ ଆଗପରି ଖାଇବା ସମୟରେ ଆଉ ହଇରାଣ କରୁନାହିଁ । ଯାହାଦେଲେ ମଧ ଖାଉଛି ଓ ଅଙ୍ଗନବାଡି ଆସିବାକୁ ଜିଦ୍ କରୁଛି । ମୁଁ ତାଙ୍କୁ ଜିଲାପିର ବିଭିନ୍ନ କାମ, ପାଠପଢ଼ା ଓ ଖାଦ୍ୟପେୟ ଉପରେ ଗୁରୁତ୍ୱ ଦେବାକୁ ବୁଝାଇଲି । ଛୋଟ ପିଲା ହୋଇଥିବାରୁ ଆମେ ତାକୁ ଅବହେଳା କରିଥାଉ ଏବଂ ତାର ରୁଚି ଏବଂ ଖୁସିକୁ ଗୁରୁତ୍ୱ ଦେଇନଥାଉ ଫଳରେ ସେ ପ୍ରତିକ୍ରିୟାଶୀଳ ହୋଇଥାଏ ଅଥବା ମୌନ ହୋଇଯାଇଥାଏ । ଆମେ ଯଦି ତା ପ୍ରତି ଠିକ୍ ଧାନ ଦେବା ତାହେଲେ ତାର ଉଚିତ ବିକାଶ ହୋଇପାରିବ ।

# ମାତୃକମିଟିର ସଭ୍ୟାମାନେ ନିଜ ଦାୟିତ୍ୱ ଜାଣିଲେ

ସତ୍ୟପ୍ରସାଦ କର୍ଣ୍ଣ ଓ ମାମାଲି ବିଶ୍ୱାଳ



ମହିଳା ଓ ଶିଶୁ ବିକାଶ ପାଇଁ ଗାଁ ଗୁଡିକରେ ଅଙ୍ଗନବାଡି କେନ୍ଦ୍ରମାନ ରହିଛି । ଏଠାରେ ମହିଳା ମାନଙ୍କର ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସମସ୍ତ ବନ୍ଦୋବସ୍ତ ରହିବା ସହ ଶିଶୁ ମାନଙ୍କର ପୁଷ୍ଟିର ଯତ୍ନ ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ସଂପର୍କରେ ବିଶେଷ ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟକ୍ରମରେ ଲୋକ ସହଭାଗୀତା ଏବଂ ପରିଚାଳନା ଗତ ସହାୟତା ପାଇଁ ପ୍ରତି ଅଙ୍ଗନବାଡି ସ୍ତରରେ ମାତୃକମିଟି ଓ ଯା□କମିଟି ରହିଛି । ସେମାନେ ନୀୟମିତ ବୈଠକ କରି ଅଙ୍ଗନବାଡିର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିବା, ଶିଶୁ ମାନଙ୍କୁ ଅଙ୍ଗନବାଡିକୁ ନୀୟମିତ ପଠାଇବା ବ୍ୟବସ୍ଥା, କେନ୍ଦ୍ରରେ ଶିକ୍ଷାର ଗୁଣାତ୍ମକ ମାନ, ଖାଦ୍ୟ ଓ ପୁଷ୍ଟିର ତ□ବଧାନ ନେବା, ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ସମାଧାନ କରିବା ଆଦିରେ ସହଯୋଗ କରିବା ଆବଶ୍ୟକ । ତେବେ ଗାଁ ଗୁଡିକରେ ଥିବା ଏସବୁ କମିଟି ଅଧିକାଂଶରେ ନାମକୁ ମାତ୍ରଥିଲେ ମଧ ନିଜ ଦାୟିତ୍ୱ ସଂପାଦନ କରିବା ଦେଖାଯାଉନାହିଁ ।

ଫିରିଙ୍ଗିଆ ବ୍ଲକ୍ ସାଡିଙ୍ଗିଆ ପଂଚାୟତର ସୁମରବନ୍ଧ ଗାଁ । ବ୍ଲକ୍ କାର୍ଯ୍ୟାଳୟ ଠାରୁ ପ୍ରାୟ ୩୦ କିଲୋମିଟର ଦୂରରେ ରହିଥିବା ଏହି ଗାଁରେ ୩୦୦ରୁ ଅଧିକ ଲୋକ ବାସ କରନ୍ତି ।ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ମଧ ଏହି ଦୁଇଟି କମିଟି ରହିଛି । ତେବେ କମିଟିରେ ଥିବା ସଭ୍ୟା ମାନେ ଏସଂପର୍କରେ କିଛି ଜାଣି ନଥିବାରୁ କିମ୍ବା ନିୟମିତ ଭାବେ ସହଯୋଗ କରୁନଥିବାରୁ କେନ୍ଦ୍ରର କାମରେ ବହୁତ ଶିଥିଳତା ଆସିଯାଇଥିଲା । ଅଙ୍ଗନବାଡି କର୍ମୀ ସେମାନଙ୍କୁ ବିଭିନ୍ନ ବୈଠକ ସମୟରେ ଡାକୁଥିଲେ ମଧ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତଥିବା ଦର୍ଶାଇ କମିଟିର ସଭ୍ୟା ମାନେ କେବେ ଉପସ୍ଥିତ ରହୁଥିଲେ ତ ଆଉ କେବେ ଆସୁନଥିଲେ ।


ସ୍ୱାତୀ ଓ ସେଭ୍ ଦି ଚିଲ୍ଡ୍ରେନ ସହୟତାରେ ଏହି ଅଂଚଳର ଶିଶୁମାନଙ୍କର ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଏବଂ ଯତ୍ନରେ ସୁଧାର ଆଣିବା ପାଇଁ ପ୍ରାକ୍ ପ୍ରାଥମିକ ଶିକ୍ଷା ଏବଂ ଯତ୍ନ ସଂପର୍କିତ କାର୍ଯ୍ୟକ୍ରମ ଇସିସିଇ ଆରମ୍ଭ କରାଗଲା । ଅଙ୍ଗନବାଡି ସ୍ତରରେ ଥିବା ଅସୁବିଧା ଗୁଡିକ ଦୂର କରି ସେଠାରେ ଶିଶୁ ମାନଙ୍କ ଶିକ୍ଷାରେ କିପରି ଗୁଣାତ୍ମକ ଅଭିବୃଦ୍ଧି କରାଯାଇପାରିବ ସେ ଦିଗରେ କାର୍ଯ୍ୟକ୍ରମ ମାନ କରାଗଲା । ସୁମରବନ୍ଧ ଗାଁରେ କମିଟି ଗୁଡିକ ଭିତରେ ଥିବା ଏହି ଅସୁବିଧାକୁ ଲକ୍ଷ୍ୟ କରି ଇସିସିଇ କାର୍ଯ୍ୟକ୍ରମ ସହାୟକ ଭାବେ ମୁଁ ଅଙ୍ଗନବାଡି କର୍ମୀଙ୍କ ସହ ଆଲୋଚନା କଲି । ତାପରେ କମିଟିର ସମସ୍ତ ସଭ୍ୟାଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ସେମାନଙ୍କ ଅସୁବିଧା ସବୁକୁ ବୁଝିଲି । ସଭ୍ୟାମାନେ ନିଜେ କାର୍ଯ୍ୟବ୍ୟସ୍ତ ରହୁଥିବାରୁ ଏବଂ ଅଙ୍ଗନବାଡି କର୍ମୀ ବୈଠକ ଗୁଡିକ ପାଇଁ ବିଶେଷ ଗୁରୁତ୍ୱ

ଦେଇନଥିବାରୁ ସେମାନେ ଯୋଗ ଦେଇ ପାରୁନାହାନ୍ତି ବୋଲି ଜଣାଇଥିଲେ । ତେବେ ଏହା ସେମାନଙ୍କର ଦାୟିତ୍ୱ ଏବଂ ଏହା ସହ ସେମାନଙ୍କର ଶିଶୁର ଭବିଷ୍ୟତ ଜଡିତ ରହିଥିବା ସେମାନଙ୍କୁ ଜଣାଇଥିଲି ।



ଏକ ନିର୍ଦ୍ଦିଷ୍ଟ ଦିନରେ ଉଭୟ କମିଟିର ସଭ୍ୟା ଓ ଅଙ୍ଗନବାଡିର ଏକ ମିଳିତ ବୈଠକ ଆୟୋଜନ କରାଗଲା । ବୈଠକରେ ଅଙ୍ଗନବାଡିରୁ ଗାଁ ଲୋକମାନେ କିପରି ସୁବିଧା ପାଇପାରିବେ ଏବଂ ତାହାର ପରିଚାଳନାରେ କେଉଁ କେଉଁ ସହାୟତା କରିବେ ତାହା ଭଲ ଭାବରେ ଆଲୋଚନା କରାଗଲା । ଆଜିକାଲି ସମୟରେ ପିଲାମାନେ ପ୍ରାରମ୍ଭିକ ଅବସ୍ଥାରୁ ବିଭିନ୍ନ ବିଷୟରେ ଶିକ୍ଷା ଲାଭ କରିବାର ଆବଶ୍ୟକତା ରହିଛି । ଯାହାଫଳରେ ଛଅ ବର୍ଷ ବୟସରେ ସ୍କୁଲ୍‌ରେ ପଢିବା ବେଳକୁ ଶିଶୁଟି ନିଜକୁ ମାନସିକ ଭାବେ ପ୍ରସ୍ତୁତ କରିସାରିଥିବ । ଆଗରୁ ଏହି ବ୍ୟବସ୍ଥା ନଥିବାରୁ ବହୁ ପିଲା ପାଠକୁ ଡରି ପ୍ରାଥମିକ ଶ୍ରେଣୀରୁ ପଢା ଛାଡି ଦେଉଥିଲେ । ଏବେ ସ୍ୱଚ୍ଛଳ ପରିବାର ଗୁଡିକ ନିଜ ପିଲାଙ୍କୁ ପଢିବାକୁ ପ୍ରସ୍ତୁତ କରିବାକୁ ବିଭିନ୍ନ ପ୍ଲେ ସ୍କୁଲ୍‌ରେ ନାଁ ଲେଖାଉଛନ୍ତି । ତେବେ ଗାଁ ଗହଳିରେ ଲୋକମାନେ କିପରି ସେହି ସୁବିଧା ପାଇବେ ସେଥିପାଇଁ ସରକାରୀ ସ୍ତରରେ ଅଙ୍ଗନବାଡି ବ୍ୟବସ୍ଥା ରହିଛି । ତେଣୁ ଗାଁ ଲୋକେ ନିଜେ ଯଦି ନ ବୁଝି ସହଯୋଗ ନକରିବେ ତାହେଲେ ପିଲାମାନଙ୍କ ବିକାଶରେ ବାଧାସୃଷ୍ଟି ହେବ ।

ସଭ୍ୟାମାନେ ସମସ୍ତେ ଏହା ବୁଝି ହୃଦୟଙ୍ଗମ କରିଥିଲେ ଏବଂ ମାତୃ କମିଟି ଓ ଯାଂଚ କମିଟିର ଥିବା ଦାୟିତ୍ୱ ଗୁଡିକ ତୁଲାଇବା ପାଇଁ ସମ୍ମତୀ ଦେଇଥିଲେ । ସେମାନଙ୍କୁ କମିଟିର ବିଭିନ୍ନ ଦାୟିତ୍ୱ ଏବଂ ବୈଠକ ସଂପର୍କରେ ବୁଝାଇ ଦିଆଯାଇଥିଲା । ସେମାନେ ବ୍ୟକ୍ତିଗତ ଭାବରେ ବିଭିନ୍ନ ସମୟରେ କେନ୍ଦ୍ରରେ ଉପସ୍ଥିତ ରହି ପିଲାଙ୍କୁ କିପରି ଶିକ୍ଷା ଦିଆଯାଉଛି, କିପରି ଖାଦ୍ୟପେୟରେ ଯତ୍ନ ନିଆଯାଉଛି ତାହା ପରଖିବା ପାଇଁ କୁହାଗଲା ।



ବୈଠକ ପରେ କମିଟି ସଭ୍ୟା ମାନେ କିଛି କିଛି ବୁଝିଲେ ମଧ ଅଭିଭାବକ ମାନେ ବିଶେଷ ସଚେତନ ହେଲେ ନାହିଁ । କେନ୍ଦ୍ରଟି ଠାରୁ ସାହି ଗୁଡିକ ଟିକେ ଟିକେ ଦୂରରେ ରହିଥିଲା । ତେଣୁ ଛୋଟ ପିଲାମାନଙ୍କୁ ସେମାନେ ଏକୁଟିଆ କେନ୍ଦ୍ରକୁ ଛାଡୁନଥିଲେ । କେନ୍ଦ୍ର ସହାୟିକା ସେମାନଙ୍କୁ ନିତି ନିତି ଯାଇ ସାଙ୍ଗରେ ଆଣିବାକୁ କହୁଥିଲେ । ସହାୟିକା ସାହିଗୁଡିକ ବୁଲି ପିଲାଙ୍କୁ ଆଣିବା, ପୁଣି କେନ୍ଦ୍ରରେ ରୋଷେଇ କରି ଖାଦ୍ୟ ବ୍ୟବସ୍ଥା କରିବା ଆଦିରେ ବିଶେଷ ହଇରାଣ ହେଉଥିଲେ । ମୁଁ ଲକ୍ଷ୍ୟକଲି ଯେ ଗାଁ

ଲୋକମାନଙ୍କ ଅଙ୍ଗନବାଡି ସଂପର୍କରେ ଅଲଗା ଧାରଣା ରହିଛି । ଏଠି ଶିଶୁମାନେ କେବଳ ଖାଦ୍ୟ ପାଇବେ ଏବଂ ତାହା ଅଙ୍ଗନବାଡି ସହାୟିକାଙ୍କ ଦାୟିତ୍ୱ ବୋଲି ସେମାନେ ବୁଝୁଥିଲେ । ମୁଁ ସାହି ଗୁଡୁକ ବୁଲି ଅଭିଭାବକ ମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରେ ଶିଶୁଶିକ୍ଷା ସଂପର୍କରେ ଭଲଭାବେ ବୁଝାଇଲି । ସ୍ଥାନୀୟ କର୍ମୀ ଓ ସଭ୍ୟା ମାନଙ୍କ ସହାୟତାରେ ସାହିରେ ମହିଳାଦଳ ଗଠନ କଲୁ । ସେଥିରେ ଦଳର କାର୍ଯ୍ୟକ୍ରମ ସହ ପ୍ରତିଦିନ ଦୁଇଜଣ ଲେଖାଏଁ ସାହିର ପିଲା ମାନଙ୍କୁ ନେଇ କେନ୍ଦ୍ରରେ ଛଅଡିବାକୁ ନିଷ୍ପନିଆଗଲା ।

ଏବେ କେନ୍ଦ୍ରଟି ବେଶ୍ ସୁରୁଖୁରୁରେ ପରିଚାଳିତ ହେଉଛି । କମିଟିର ନୀୟମିତ ବୈଠକ ହେବା ସହ କେନ୍ଦ୍ରର ବିଭିନ୍ନ ଅସୁବିଧା ଏବଂ ପିଲାମାନଙ୍କର ଉନ୍ନତୀ ସଂପର୍କରେ ଆଲୋଚନା ହେଉଛି । ମହିଳା ଦଳ ମାନଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରରେ ପିଲାମାନଙ୍କର ଉପସ୍ଥାନ ବୃଦ୍ଧି ପାଇଛି । କେନ୍ଦ୍ରରେ ଶିଶୁ ମାନଙ୍କର ଜନ୍ମ ଦିବସ, ବିଭିନ୍ନ ଜାତୀୟ ଦିବସ ପାଳନ ହେଉଛି । ସ୍ୱାତୀ ତରଫରୁ ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପାଠ୍ୟ ଉପକରଣ, ଖେଳ ସଂରଞ୍ଜାମ ଆସି ଯୋଗାଇ ଦିଆଯାଇଛି । ପିଲାମାନଙ୍କ ଶିକ୍ଷାର ମାନବୃଦ୍ଧି ସହ ଅଭିଭାବକଙ୍କ ସହଭାଗୀତା ବଢିଛି ।

# ନୀୟମିତ ଅଙ୍ଗନବାଡି ଆସିଲା ଶ୍ରୀଦେବୀ

ଶ୍ରଦ୍ଧାଙ୍ଗିନୀ ମଲ୍ଲୀକ



ସେସ୍କାଜୋଡି ଗାଁର ସନ୍ତୋଷ ଓ ସସ୍ମିତାଙ୍କ ଚାରି ବର୍ଷର ଝିଅ ଶ୍ରୀଦେବୀ । ବନ୍ଧଗଡଠାରୁ ପାଂଚ କିଲୋମିଟର ଦୂରରେ ଅବସ୍ଥିତ ଛୋଟିଆ କନ୍ଧ ଆଦିବାସୀ ଗାଁଟି ଏହି ସେସ୍କାଜୋଡି । ଗାଁରେ ଚାଳିଶଟି ପରିବାର ରହନ୍ତି । ଗାଁରେ ଅଙ୍ଗନବାଡି କେନ୍ଦ୍ରଟିଏ ଥିଲେ ମଧ ଏହାର ସୁପରିଚାଳନା ପାଇଁ ଗାଁ ଲୋକେ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ । କେନ୍ଦ୍ରରେ ନାଁ ଲେଖାଇଥିବା ୧୬ ଜଣ ଶିଶୁଙ୍କ ମଧରୁ ୮ ଜଣ ପୁଅ ଓ ୮ ଜଣ ଝିଅ । ତେବେ ବାପା ମାଆଙ୍କ ଦାୟିତ୍ୱହୀନତା ଯୋଗୁଁ ପିଲାମାନେ ନୀୟମିତ କେନ୍ଦ୍ରକୁ ଆସନ୍ତି ନାହିଁ । ବେଳେବେଳେ କେବଳ ଖାଦ୍ୟ ପାଇଁ ଆସିଥାନ୍ତି ଏବଂ ପାଠପଢାରେ ଗୁରୁତ୍ୱ ଦିଅନ୍ତି ନାହିଁ । ଗାଁରେ ଅଙ୍ଗନବାଡି କେନ୍ଦ୍ରଟି ଯେ ଶିଶୁ ଶିକ୍ଷାର ମୂଳଦୁଆ ତାହା ଅଧିକାଂଶ ଅଭିଭାବକ ଆଦୌ ବୁଝନ୍ତି ନାହିଁ । ଅଙ୍ଗନବାଡିରେ ଶ୍ରୀଦେବୀର ନାଁ ଥିଲେ ମଧ ସେ ଆଦୌ ଆସେନାହିଁ । ବାପା ମା ତାକୁ କେନ୍ଦ୍ରକୁ ଆସିବାକୁ ପ୍ରସ୍ତୁତ କଲେ କାନ୍ଦି କାନ୍ଦି ଗଡିଯାଏ । ସତେ ଯେମିତି କେନ୍ଦ୍ରଟି ତାପାଇଁ ଗୋଟେ ବନ୍ଦୀଶାଳ । ବାପା ମା ଧମକଚମକ ଦେଇ ଆଣି ଛାଡିଲେ ଟିକେ ସମୟ ରହି ଜୋର୍‌ରେ କାନ୍ଦେ । ଶେଷରେ ବାପା ମା ବିରକ୍ତ ହୋଇ ତାକୁ ଆଉ କେନ୍ଦ୍ରକୁ ପଠାଉନଥିଲେ ।




ମୁଁ ସେହି କେନ୍ଦ୍ରକୁ ପରିଦର୍ଶନରେ ଯିବାବେଳେ ଏ ଘଟଣା ମୋ ଦୃଷ୍ଟିକୁ ଆସିଲା । ମୁଁ ଅଙ୍ଗନବାଡି କର୍ମୀଙ୍କ ଠାରୁ ତା ସଂପର୍କରେ ଶୁଣିଲି । ତାପରେ ତାଙ୍କ ଘରକୁ ଯାଇ ତାର ବାପା ମାଆଙ୍କ ସହ ଶ୍ରୀଦେବୀ ବିଷୟରେ କଥାହେଲି । ସେମାନେ ମଧ ତାର କେନ୍ଦ୍ରକୁ ଆସିବାକୁ ଆଦୌ ଇଚ୍ଛା ନଥିବା କହିଥିଲେ । ମୁଁ ଲକ୍ଷ୍ୟ କଲି ଯେ କେନ୍ଦ୍ର ପ୍ରତି ତାମନରେ ଏକ ଭୟ ରହିଯାଇଛି । ବୋଧହୁଏ ତାକୁ ଏଠାକୁ ଆସିବାକୁ ବାପା ମା ବାଧ କରିବା ଏବଂ କେବେକେବେ ଧମକଚମକ ଦେବାରୁ ସେ ଅଧିକ ଡରି ଯାଇଛି । କେନ୍ଦ୍ରକୁ ଆସିଲେ ସେ ଘର ପରି ସ୍ୱାଧିନତା ପାଇବ ନାହିଁ ବା ଏଠାରେ ପାଠ ପଢିବାକୁ ପଡିବ ବୋଲି ତାର ମନରେ ଏକ ବଦ୍ଧମୂଳ ଧାରଣା ରହିଯାଇଛି ।

ପିଲାଟିଏକୁ ଶିକ୍ଷା ଦେବାକୁ ହେଲେ ଆମେ ତାର ମନସ୍ତତ୍ୱକୁ ଭଲଭାବେ ବୁଝିବାକୁ ପଡିବ । ଯଦି ତାର କୌଣସି କାମ ବା ସ୍ଥାନ ପ୍ରତି ଅନାଗ୍ରହ ବା ଭୟ ଆସିଗଲା ତାହେଲେ ସେଠାକୁ ଯିବାକୁ ସେ ଇଚ୍ଛାକରିବ ନାହିଁ । ମୁଁ କେନ୍ଦ୍ରରେ ଅନ୍ୟ ପିଲାମାନଙ୍କୁ ଶ୍ରୀ ଦେବୀ ବିଷୟରେ ପଚାରିଲି । ସେ ଗାଁରେ ସେମାନଙ୍କ ସହ ଖେଳୁଛି କି ନାହିଁ, ଠିକ୍ ଭାବେ ମିଶୁଛି କି ନାହିଁ ତାହା ଜାଣିଲି । ସେ ସେମାନଙ୍କ ସହ ମିଳାମିଶା କରିବା ସହ ଖେଳୁଥିବା ପିଲାମାନେ କହିଲେ । ଯଦି ଗାଁରେ ପିଲାଟି ଠିକ୍‌ରେ ଖେଳକୁଦ କରୁଛି ତାହେଲେ ଏଠିକି ଆସିବ ନାହିଁ କାହିଁକି ? ତେଣୁ ତା ମନରୁ ପ୍ରଥମେ ଭୟ ଦୂର କରିବାକୁ ପଡିବ ଏବଂ ଦ୍ୱିତୀୟରେ କେନ୍ଦ୍ରଟିକୁ ତାର ନିଜର ଖେଳସ୍ଥାନ ବୋଲି ତା ମନରେ ଧାରଣା ଜନ୍ମାଇବାକୁ ପଡିବ ବୋଲି ସ୍ଥିର କଲି । ଅଙ୍ଗନବାଡି କର୍ମୀଙ୍କ ସହ ଏ ସଂପର୍କରେ ଆଲୋଚନା ମଧ କଲି ।



ପିଲାମାନେ କିପରି ଖେଳକୁଦରୁ, ଛବିରୁ ଓ ଗୀତନାଚ ଦ୍ୱାରା ପଢିଶିଖିବେ ସେଥିପାଇଁ ସ୍ୱାତୀ ତରଫରୁ କେନ୍ଦ୍ର ଗୁଡିକୁ ପାଠ୍ୟ ଉପକରଣ ଏବଂ ଖେଳ ସଂରଞ୍ଜାମ ଯୋଗାଇ ଦିଆଯାଇଥାଏ । ମୁଁ ଲକ୍ଷ୍ୟ କଲି ଆମେ ନିଜେ ସ୍କୁଲ୍‌ରେ ପଢିଥିବା ଧାରା ଭଳି ଅଙ୍ଗନବାଡିରେ କର୍ମୀ ମାନେ ମଧ ପିଲା ମାନଙ୍କୁ ଅଧିକାଂଶରେ ପାଠ ପଢାଉଛନ୍ତି । କେନ୍ଦ୍ରକୁ ଆସିଲେ ପ୍ରଥମେ ବହି ପଢିବା, ସଂଖ୍ୟା ଲେଖିବା, ପଦ ଡାକିବା ଆଦି ପରି ପ୍ରକ୍ରିୟା ଆରମ୍ଭ ହେଉଛି ଏବଂ ଶେଷ ବେଳକୁ ପିଲାଙ୍କୁ ଖେଳନା ଦେଇ ଖେଳିବାକୁ କୁହାଯାଉଛି । ଏହା ଦ୍ୱାରା ପିଲାମାନେ ଏହାକୁ ଏକ ସ୍କୁଲ୍ ଭଳି ଭାବୁଛନ୍ତି । କ୍ଲାସ ଆରମ୍ଭରୁ ମଧ ଖେଳରୁ ପଢା ଆରମ୍ଭ କରାଯାଇପାରିବ ବା ଗପ ଗୀତରୁ ପଢା ଆରମ୍ଭ କରାଯାଇପାରିବ ସେହି ଧାରାଟିକୁ ଆମେ ଗୁରୁତ୍ୱ ଦେଉନାହୁଁ । ଅଧିକାଂଶ ଅଭିଭାବକ ମଧ କେନ୍ଦ୍ରରେ ପାଠ ପଢାହେଉଛି ନା ଖାଲି ଖେଳାଯାଉଛି ବୋଲି ଅଭିଯୋଗ ଆଣନ୍ତି । ଆମେ ଯେ ଶିଶୁ ମନସ୍ତତ୍ୱକୁ ଆଦୌ ବୁଝିନାହୁଁ ଏବଂ

ଆମେ ଯାହା ଚାହୁଁ ଶିଶୁଟି ତାହା କରୁ ବୋଲି ଇଚ୍ଛାକରୁଥିବାରୁ ସେମାନେ ଅମନଯୋଗୀ ହେବାପାରି ସମସ୍ୟା ଉପୁଜୁଛି ।



ମୁଁ ନିଜେ ଶ୍ରୀ ଦେବୀକୁ ତାର ଘରୁ ବୁଝାଇ କେନ୍ଦ୍ରକୁ ଆଣିଲି । ସେଠାରେ ସେଦିନ ପିଲାମାନଙ୍କୁ ବସାଇ ବିଭିନ୍ନ ଖେଳ କଲି । ନିଜେ ଛୋଟଛୋଟ ଗୀତ ଗାଇଲି ଏବଂ ପିଲାମାନଙ୍କୁ ପାଳିଧରିବାକୁ କହିଲି । ଚିତ୍ର ଚାର୍ଟ ଦେଖାଇ ବିଭିନ୍ନ ପଶୁପକ୍ଷୀଙ୍କ ନାଁ ପଚାରିଲି ଏବଂ ଚିତ୍ର ଦେଖାଇ ବିଭିନ୍ନ ଗପ ଶୁଣାଇଲି । ଲକ୍ଷ୍ୟକଲି ଶ୍ରୀଦେବୀ ମଧ୍ୟ ପିଲାମାନଙ୍କ ସହ ମିଶି ସବୁ କରୁଛି । ତହିଁ ପରଦିନ ପୁଣିଥରେ ସେହି କେନ୍ଦ୍ରକୁ ଗଲି । ଶ୍ରୀଦେବୀକୁ କେନ୍ଦ୍ରରେ ଛାଡି ଆସିବାକୁ ତାର ଘରେ କହିଆସିଲି । ଠିକ୍ ସମୟରେ ତାର ବାପା ତାକୁ ଆଣି ଛାଡି ଦେଇଗଲେ । ତାର ବାପାଙ୍କୁ ପଚାରି ବୁଝିଲି ଯେ ଯଦିଓ ଆଜି ଆସିବାକୁ ସେ ନିଜଆଡୁ ରାଜି ନଥିଲା ତେବେ ଆଗପରି ଅଝଟ କରୁନଥିଲା । ସେଦିନ ପିଲାମାନଙ୍କୁ ବସାଇ ହାତ ଆଙ୍ଗୁଠିରେ ଗଣିଶିଖିବା, ଗୀତ ଗାଇ ଗାଇ ନିଜ ଦେହର ବିଭିନ୍ନ ଅଙ୍ଗକୁ ଚିହ୍ନାଇବା ଆଦି ଶିଖାଇଲି । ଘରେ କେଉଁକେଉଁ ପିଲା କଣ ସବୁ ଖେଳ ଖେଳୁଛନ୍ତି ତାଙ୍କ ସହ ଆଲୋଚନା କଲି । କେଉଁ ଖେଳ କେମିତି ଖେଳାଯାଏ ତାଙ୍କୁ ବୁଝାଇବାକୁ କହିଲି । କାଠିଖେଳ, ଗୋଡି ଖେଳ, ଦଉଡି ଖେଳ ଆଦି ଘରେ କେମିତି ଖେଳନ୍ତି ତାହା କରି ଦେଖାଇବାକୁ ସେମାନଙ୍କୁ କହିଲି । ଲକ୍ଷ୍ୟକଲି ଅନ୍ୟମାନଙ୍କ ସହ ଶ୍ରୀଦେବୀ ବେଶ୍ ଆଗ୍ରହରେ ଏସବୁ ଆଲୋଚନାରେ ଭାଗ ନେଉଛି । ପିଲାମାନଙ୍କୁ ପଚାରିଲି କାଲି ସବୁ କିଏ ନୂଆ ଖେଳ ଶିଖି ଆସିଥିବ । ସବୁ ପିଲା ହାତ ଟେକିଲେ । ପୁଣି ପଚାରିଲି କାଲି ଯିଏ ଆଗ ଆସିବ ସେ ଆଗେ ନିଜ ଖେଳ ଖେଳିବ – କିଏ ଆଗ ଆସିବ । ସବୁ ପିଲାଙ୍କ ସହ ଶ୍ରୀ ଦେବୀ ମଧ୍ୟ ହାତ ଟେକିଲା । ଲକ୍ଷ୍ୟକଲି ଶ୍ରୀଦେବୀର ମନୋଭାବ ଅତିଶିଘ୍ର ପରିବର୍ତ୍ତନ ହେଉଛି । ତାକୁ ଏହିପରି ଧ୍ୟାନ ଦେବାକୁ ଅଙ୍ଗନବାଡି କର୍ମୀଙ୍କୁ କହିଲି ।

ସପ୍ତାହକ ପରେ ପୁଣିସେହି କେନ୍ଦ୍ରକୁ ଯିବାବେଳେ ଦେଖିଲି ଅନ୍ୟମାନଙ୍କ ସହ ଶ୍ରୀଦେବୀ ମଧ୍ୟ କେନ୍ଦ୍ରକୁ ଆସିଛି । ଦିଦି କହିଲେ ଯେ ତାକୁ ଆଉ କେନ୍ଦ୍ରକୁ ଆଣି ଛାଡିବାକୁ ପଡୁନାହିଁ । ନିଜେ ନିଜେ ଆସୁଛି ଏଥର । କେନ୍ଦ୍ରରେ ଖେଳନା ଗୁଡିକ ଦେଖି ତାର ଆଗ୍ରହ ବଢିଯାଇଛି । ମୁଁ ଦିଦିଙ୍କୁ ଜଣାଇଲି ଯେ ଯେହେତୁ ଆଗରୁ ସେ ଏଠିକି ଆସିବାକୁ ଭୟ କରୁଥିଲା ସେଥିପାଇଁ ଏଠାରେ ଥିବା ଖେଳନା ବା ଜିନିଷ ଗୁଡିକ ତାର ନୁହେଁ ବୋଲି ଭାବୁଥିଲା । ଏଠି କଣ ହେଉଛି ନହେଉଛି ସେଥିପ୍ରତି ଧ୍ୟାନ ଦେଉନଥିଲା । କିନ୍ତୁ ଯେତେବେଳେ ସେ ନିଜେ ଏଠିକାର ପରିବେଶ ବିଷୟରେ ଜାଣିଲା ଓ ମିଶିଲା ତାର ମନ ପରିବର୍ତ୍ତନ ହେଲା । ତେଣୁ ପିଲାମାନେ ଯେତେବେଳେ ଏହା ତାଙ୍କର ନିଜ ଜାଗା ବୋଲି ବିଚାର କରିବେ ସେତେବେଳେ ଆଉ ସମସ୍ୟା ରହିବ ନାହିଁ ।

ଶିଶୁର ପରିବର୍ତ୍ତନ ପାଇଁ ଅଭିଭାବକ ମାନେ ମଧ୍ୟ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ । ତେବେ ଅଙ୍ଗନବାଡିର ମାତୃକମିଟି ଓ ଯାଂଚ କମିଟିର ସଦସ୍ୟା ମାନେ କୌଣସି ବୈଠକକୁ ଠିକ୍‌ରେ ନଆସିବା ଯୋଗୁଁ ଅଙ୍ଗନବାଡି କେନ୍ଦ୍ରର କାର୍ଯ୍ୟଧାରା ସହ ସେମାନଙ୍କ ସଂପର୍କ ରହୁନାହିଁ । ସେମାନେ ନିଜେ କିପରି ଶିଶୁ ମାନଙ୍କ ଦାୟିତ୍ୱ ନେବେ ତାହା ବୁଝାଇବାକୁ ଉଭୟ କମିଟିର ସଦସ୍ୟା ମାନଙ୍କୁ ନେଇ ଏକ ବୈଠକର ଆୟୋଜନ କଲି । ବୈଠକରେ ଅଙ୍ଗନବାଡିରେ

ଶିଶୁକୁ କିପରି ଶିକ୍ଷା ଦିଆଯାଏ, ଏଠାରେ ଥିବା ପାଠ୍ୟ ଉପକରଣ ଓ ଖେଳ ସରଞ୍ଜାମ ସବୁ ପିଲାର ମାନସିକ ଓ ଶାରିରୀକି ଅଭିବୃଦ୍ଧିରେ କିପରି ସହାୟତା କରେ ତାହା ଅଙ୍ଗନବାଡି କର୍ମୀ କମିଟିର ସଦସ୍ୟା ମାନଙ୍କୁ ବୁଝାଇଲେ । ଘରେ ବାପା ମା ଯଦି ଠିକ୍‌ରେ ଗୁରୁତ୍ୱ ଦେବେ ତାହେଲେ ପିଲାମାନେ କେବେ କେନ୍ଦ୍ରକୁ ଆସିବାକୁ ଅମଙ୍ଗ ହେବେ ନାହିଁ ବୋଲି ସେମାନଙ୍କୁ ଜଣାଇଲି । ତେଣୁ ନିଜ ସନ୍ତାନର ଭବିଷ୍ୟତ ଗଠନ ପାଇଁ ସେମାନେ ମଧ୍ୟ ସଜାଗ ହେବା ଆବଶ୍ୟକ । ପିଲାକୁ କେନ୍ଦ୍ରରୁ ଶିଖିଥିବା ବିଭିନ୍ନ ଗପ, ଗୀତ, ନାଚ ଓ ଖେଳ ଦେଖାଇବାକୁ ଉତ୍ସାହିତ କରିବା, ସେମାନଙ୍କୁ ସଫାସୁତର ରଖିବା, ତାଙ୍କ ଖାଦ୍ୟ ଓ ପୁଷ୍ଟି ପ୍ରତି ଯତ୍ନବାନ ହେବାକୁ ସେମାନଙ୍କୁ ଜଣାଇଲି ।

ଏବେ ଏହି କେନ୍ଦ୍ରଟିରେ ଅନେକ ସୁଧାର ଆସିଛି । ସବୁ ପିଲା ନୀୟମିତ ଆସିବା ସହ ଶିକ୍ଷାଦାନର ଗୁଣାତ୍ମକ ମାନ ବି ବଢ଼ିଛି । ଶ୍ରୀଦେବୀ ମଧ୍ୟ ସବୁଦିନ ବେଶ୍ ଖୁସି ମନରେ ପହଞ୍ଚୁଛି ଆସି କେନ୍ଦ୍ରରେ ।

# ନୀୟମିତ ହେଲା ପିଡିଆଗୁଡା ଅଙ୍ଗନବାଡି କେନ୍ଦ୍ର

ସୁନେମିତ୍ରା ଦିଗାଲ



ଫିରିଙ୍ଗିଆ ବ୍ଲକ୍ ଡିମିରିଗୁଡା ବ୍ଲକ୍‌ର କନ୍ଧ ଆଦିବାସୀ ଗାଁଟିଏ ପିଡିଆଗୁଡା । ଗାଁରେ ୭୫ଟି ପରିବାରର ୩୨୫ରୁ ଅଧିକ ଲୋକ ରହନ୍ତି । ଗାଁ ପାଇଁ ଅଙ୍ଗନବାଡି କେନ୍ଦ୍ରଟିଏ ରହିଛି ଏବଂ ଏଠାରେ ୧୭ ଜଣ ପିଲା ନାଁ ଲେଖାଇଛନ୍ତି । ଗାଁ ଲୋକଙ୍କ ସଚେତନତା ଅଭାବରୁ କେନ୍ଦ୍ରଟି ଠିକ୍ ଭାବେ ଚାଲୁନଥିଲା । କେନ୍ଦ୍ରକୁ କେବେ ପିଲା ଆସୁଥିଲେ ତ କେବେ ଆସୁନଥିଲେ । ଲୋକମାନେ ସକାଳୁଉଠି ନିଜ ଚାଷକାମ ବା ଜଙ୍ଗଲ କାମକୁ ଚାଲିଯାଉଥିଲେ ଏବଂ ସାଙ୍ଗରେ ଛୋଟ ପିଲାମାନଙ୍କୁ ନେଇ ଯାଉଥିଲେ । ଅଙ୍ଗନବାଡି କର୍ମୀ ଓ ସହାୟିକା ଗାଁରେ ରହୁଥିବା ଅଳ୍ପ କିଛି ପିଲାଙ୍କୁ ଡାକି ଆଣୁଥିଲେ । ସେମାନେ ବିଶେଷକରି ଅଙ୍ଗନବାଡି ଖାଦ୍ୟ ଖାଇସାରିବା ପରେ ପୁଣି ଘରକୁ ଫେରି ଯାଉଥିଲେ । ମୁଁ ସେହି କେନ୍ଦ୍ର ସହ ଯୋଗାଯୋଗ ରଖିବା ପରେ ଏହି ଅସୁବିଧା ଗୁଡିକୁ ଲକ୍ଷ୍ୟ କଲି । ସ୍ଥାନୀୟ କର୍ମୀଙ୍କ ସହ କେନ୍ଦ୍ରର ଏହି ସମସ୍ୟା ବିଷୟରେ ଆଲୋଚନା କଲି । ଲକ୍ଷ୍ୟକଲି ଯେ ଅଙ୍ଗନବାଡିର ଗୁରୁତ୍ୱ ବିଷୟରେ ଗାଁ ଲୋକ ଏବଂ କେନ୍ଦ୍ର ମଧ୍ୟରେ ସଠିକ ଆଲୋଚନା ହୋଇପାରିନାହିଁ । ଅଙ୍ଗନବାଡି କେନ୍ଦ୍ରଟି ଗାଁର ମହିଳା ଓ ଶିଶୁ ମାନଙ୍କ ପାଇଁ ଯେ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ସେ ସଂପର୍କରେ କେହି ଅବଗତ ନୁହଁନ୍ତି । ଶିଶୁ ମାନଙ୍କୁ ଅଙ୍ଗନବାଡିରୁ କେବଳ ଖାଦ୍ୟମିଳେ ଏବଂ ଯେଉଁଦିନ ଅଙ୍ଗନବାଡି ଖୋଲାଥିବ ସେଦିନ ପିଲାମାନେ ଖାଦ୍ୟ ପାଇବେ ବୋଲି ଗାଁ ଲୋକଙ୍କ ଧାରଣା ଥିଲା । ସ୍ଥାନୀୟ କର୍ମୀ ମଧ୍ୟ ବିଭିନ୍ନ ବ୍ଲକ୍‌ସ୍ତରୀୟ ବୈଠକ ଓ

ଖାଦ୍ୟ ଆଣିବା ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଯିବା ସମୟରେ କେନ୍ଦ୍ର ବନ୍ଦ ରହୁଥିଲା । ତେଣୁ ଗାଁ ଲୋକଙ୍କୁ ବୁଝାଇ କେନ୍ଦ୍ରଟିକୁ କିପରି ଭଲରେ ଚଳାଯାଇପାରିବ ସେବିଷୟରେ କର୍ମୀଙ୍କ ସହ ମିଶି ଯୋଜନା କଲି ।



ଗାଁର ସମସ୍ତ ଗ୍ରାମବାସୀ, ଅଙ୍ଗନବାଡି କମିଟି ଗୁଡିକର ସଭ୍ୟା ଏବଂ କର୍ମୀଙ୍କୁ ନେଇ ଏକ ବୈଠକ କରାଗଲା । ସେଥିରେ ଗାଁର ଅଙ୍ଗନବାଡି କାର୍ଯ୍ୟ ସଂପର୍କରେ ଆଲୋଚନା କରାଗଲା । ଅଧିକାଂଶ ଲୋକ ଏବଂ କମିଟି ସଭ୍ୟାମାନେ ସେ ସଂପର୍କରେ ବିଶେଷ ଅବଗତ ନଥିଲେ । ମୁଁ ସେମାନଙ୍କୁ ଅଙ୍ଗନବାଡି କିପରି ଶିଶୁ ମାନଙ୍କ ପାଇଁ ପ୍ରାକ୍ ପ୍ରାଥମିକ ଶିକ୍ଷାର ମୂଳଭି□ ତାହା ବୁଝାଇଲି । କେନ୍ଦ୍ରରେ ଶିଶୁର ଛଟି ବିକାଶ ଯଥା - ପରିପୁରକ ପୁଷ୍ଟି ସାଧନ, ପ୍ରତିଷେଧକବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପୁଷ୍ଟି ସଂପର୍କିତ ଶିକ୍ଷା,ପରାମର୍ଶ ସେବା ଏବଂ ପ୍ରାକ୍ ବିଦ୍ୟାଳୟ ଅଣଆନୁଷ୍ଠାନିକ ଶିକ୍ଷା ପାଇଁ ବ୍ୟବସ୍ଥା ରହିଛି । ସବୁପିଲା ଯେପରି ଉନ୍ନତ ମାନର ଶିକ୍ଷା ପାଇବେ ଏବଂ ତାପୂର୍ବରୁ ଶିକ୍ଷା ଓ ସ୍ୱାସ୍ଥ୍ୟର ସହାୟତା ପାଇ ନିଜକୁ ପ୍ରାଥମିକ ଶିକ୍ଷା ପାଇଁ ପ୍ରସ୍ତୁତ କରିପାରିବେ ସେଥି ନିମନ୍ତେ ଏହି ଅଙ୍ଗନବାଡି କେନ୍ଦ୍ର ଖୋଲା ଯାଇଛି ଏବଂ ସରକାର ଏଥିପାଇଁ ସମସ୍ତ ସହାୟତା ମଧ୍ୟ ଯୋଗାଇ ଦେଉଛନ୍ତି । ଏହିଠାରେ ଶିଶୁର ମାନସିକ ବିକାଶ, ଶାରିରୀକ ବିକାଶ, ଭାଷାର ବିକାଶ ଏବଂ ସାମାଜିକ ବା ଆବେଗିକ ବିକାଶ ସାଧିତ ହେବ । ଏହି ବ୍ୟବସ୍ଥାକୁ ଅଧିକ ସୁଗମ କରିବା ପାଇଁ ସ୍ୱାତୀ ଓ ସେଭ୍‌ଦି ଚିଲ୍ଡ୍ରେନ ତରଫରୁ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ବିଭିନ୍ନ ପାଠ୍ୟ ସାମଗ୍ରୀ, କ୍ରିଡା ସାମଗ୍ରୀ ଯୋଗାଇ ଦିଆଯାଇଛି ଏବଂ ଶିଶୁମାନଙ୍କୁ ବିଭିନ୍ନ କୌଶଳରେ ଶିକ୍ଷା ଦେବାପାଇଁ କର୍ମୀ ମାନଙ୍କୁ ତାଲିମ ମଧ୍ୟ ଦିଆଯାଉଛି । ତେଣୁ ଶିଶୁର ଉନ୍ନତି ପାଇଁ ତାକୁ ଅଙ୍ଗନବାଡି କେନ୍ଦ୍ରକୁ ନୀୟମିତ ଭାବେ ଛାଡିବା ଆବଶ୍ୟକ ଏବଂ କେନ୍ଦ୍ର ନୀୟମିତ ଖୋଲିବା ଦରକାର । କେନ୍ଦ୍ରକୁ ଚଳାଇବା ପାଇଁ ଅଙ୍ଗନବାଡି କର୍ମୀ ମାନଙ୍କର ଯେତିକି ଦାୟିତ୍ୱ ରହିଛି ଗାଁ ଲୋକ ଏବଂ ଅଭିଭାବକ ମାନଙ୍କର ମଧ୍ୟ ସେତିକି ଦାୟିତ୍ୱ ରହିଛି । ସେଥିପାଇଁ କେନ୍ଦ୍ରରେ ମାତୃ କମିଟି ଏବଂ ଯାଂଚ କମିଟି ରହିଛି ଏବଂ ଅଭିଭାବକ ମାନେ ସେଥିରେ ସଭ୍ୟା ରହିଛନ୍ତି । ଏସବୁ ସତ୍ୱେ ଯଦି କେନ୍ଦ୍ର ଚାଲି ପାରିବ ନାହିଁ ତାହେଲେ ଗାଁର ଶିଶୁ ମାନଙ୍କ ଭବିଷ୍ୟତକୁ ଆମେ ନିଜେ ନଷ୍ଟ କରୁଛେ ବୋଲି ବୁଝାପଡିବ । ବୈଠକରେ ଗାଁ ଲୋକମାନେ ଅଙ୍ଗନବାଡିର ଏତେ ସବୁ ବ୍ୟବସ୍ଥା ରହିଥିବାର ଅବଗତ ନଥିବା ଜଣାଇଥିଲେ । ତେବେ ଏଥର ସେମାନେ ପିଲାମାନଙ୍କୁ ନୀୟମିତ କେନ୍ଦ୍ରକୁ ପଠାଇବେ





ବୋଲି ସମ୍ମତି ଦେଇଥିଲେ । ଉପସ୍ଥିତ ମାତୃକମିଟି ସଭ୍ୟାମାନେ ପିଲାମାନେ ନୀୟମିତ ଆସିବାକୁ ଅନୁଧାନ କରିବେ ବୋଲି ନିଷ୍ପ୍ତି ନିଆଗଲା । ସେହିପରି ଯାଂଚ କମିଟିର ସଭ୍ୟାମାନେ ବିଭିନ୍ନ ସମୟରେ କେନ୍ଦ୍ରକୁ ଯାଇ ପିଲାମାନଙ୍କ ଖାଦ୍ୟ, ପୁଷ୍ଟି ଏବଂ ପାଠପଢା ବ୍ୟବସ୍ଥା ତଦାରଖ କରିବାକୁ ଠିକ୍ କରାଗଲା । ମୁଁ ସପ୍ତାହରେ ଦୁଇଥର ଏହି କେନ୍ଦ୍ରକୁ ଯାଇ ବୈଠକର ନିଷ୍ପ୍ତି ଅନୁସାରେ ସଭ୍ୟା ଓ କର୍ମୀ ନିଜର ଦାୟିତ୍ୱ ତୁଲାଉଛନ୍ତି କି ନାହିଁ ତାହା ଅନୁଧାନ କଲି । କେନ୍ଦ୍ରରେ ଉପସ୍ଥିତ ରହି ଗପ, ଗୀତ ନାଚ ଓ ଖେଳ ମାଧମରେ ପିଲାମାନଙ୍କୁ କିପରି ପଢାଯିବ ତାହା କରି ଦେଖାଇଥିଲି ।

ଏବେ ଏହି କେନ୍ଦ୍ରଟି ବେଶ୍ ସୁରୁଖୁରୁରେ ନୀୟମିତ ଚାଲିବା ସହ ପିଲାମାନଙ୍କର ମଧ ପୂର୍ଣ୍ଣ ଉପସ୍ଥାନ ରହୁଛି । ମାସକୁ ମାସ ମାତୃକମିଟି ଓ ଯାଂଚ କମିଟିର ବୈଠକ ହେଉଛି ଏବଂ ଗାଁ ଲୋକଙ୍କ ସହଭାଗୀତା ବଢିଛି ।

# ଶିଶୁଶିକ୍ଷାକୁ ଗୁରୁତ୍ୱ ଦେଲେ କୁଟୀବାରି ଗାଁର ଲୋକେ

ଚିନ୍ମୟୀ ମୁଖି



ରତଙ୍ଗ ପଂଚାୟତର ଛୋଟ ଗାଁଟିଏ କୁଟୀବାରି । ବ୍ଲକ୍ କାର୍ଯ୍ୟାଳୟ ଫିରିଙ୍ଗିଆ ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଅବସ୍ଥିତ ଗାଁଟି । ବ୍ଲକ୍ ପାଖରେ ରହିଥିବାରୁ ଗାଁଟି ଅଂଚଳର ଅନ୍ୟ ଗାଁ ଗୁଡିକ ଠାରୁ ଆଗୁଆ । ଗାଁରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ଅଧିକ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ଅନୁଷ୍ଠାନ ସଂପର୍କରେ ବେଶ୍ ଭଲ ଧାରଣା ମଧ ରହିଛି । ଗାଁରେ ରହିଛି ଅଙ୍ଗନବାଡି କେନ୍ଦ୍ରଟିଏ । ୧୨ଜଣ ପିଲା ଏଠାରେ ନାଁ ଲେଖାଇଛନ୍ତି । ବ୍ଲକ୍‌ର ନିକଟରେ ରହିଥିବାରୁ କେନ୍ଦ୍ରଟି ସବୁବେଳେ ଖୋଲା ରହେ । ତେବେ ଗାଁ ଲୋକମାନେ କେନ୍ଦ୍ରଟି ପ୍ରତି ଯେପରି ଗୁରୁତ୍ୱ ଦେବାକଥା ଦିଅନ୍ତି ନାହିଁ । ଅଙ୍ଗନବାଡି କେନ୍ଦ୍ର କେବଳ ପ୍ରସୂତି ଓ ଗର୍ଭବତୀ ମହିଳାଙ୍କ ଯତ୍ନ ପାଇଁ ଉଦ୍ଦିଷ୍ଟ ବୋଲି ସେମାନେ ଭାବନ୍ତି । ଗର୍ଭବତୀ ମାନଙ୍କୁ ପଞ୍ଜିକରଣ କରି ସେମାନଙ୍କୁ ପ୍ରତିଷେଧକ ଦେବା, ଖାଦ୍ୟ ଯୋଗାଇବା ଏବଂ ସେମାନଙ୍କୁ ପ୍ରସୂତିକାଳୀନ ସହାୟତା ଦେବା କାମ କେବଳ ଏହି କେନ୍ଦ୍ରର ବୋଲି ସେମାନଙ୍କର ଧାରଣା । ଏହା ଯେ ଗାଁର ଶିଶୁ ମାନଙ୍କର ଆଦ୍ୟଶୈଶବର ଶିକ୍ଷାକେନ୍ଦ୍ର ଏବଂ ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ, ମାନସିକ ଓ ଆବେଗିକ ଆଦି ସାମଗ୍ରିକ ବିକାଶ ପାଇଁ ଏହି କେନ୍ଦ୍ରରେ ବ୍ୟବସ୍ଥା ରହିଛି ତାହା ସେମାନେ ଜାଣନ୍ତି ନାହିଁ । ତେଣୁ ଗାଁର ପିଲା ମାନଙ୍କୁ ନିୟମିତ କେନ୍ଦ୍ରକୁ ପଠାଇବାକୁ ଅଭିଭାବକ ମାନେ ଧାନ ଦିଅନ୍ତି ନାହିଁ କିମ୍ବା କମିଟିର ସଦସ୍ୟା ମାନେ ନିଜ ଦାୟିତ୍ୱକୁ ଗୁରୁତ୍ୱ ଦିଅନ୍ତି ନାହିଁ ।

ସେଭ୍ ଦି ଚିଲ୍ଡ୍ରେନ ସହାୟତାରେ ସ୍ୱାତୀ ଅନୁଷ୍ଠାନ ଅଙ୍ଗନବାଡି ଗୁଡିକରେ ଶିଶୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ପଦକ୍ଷେପ ନେଇ କେନ୍ଦ୍ର ଗୁଡିକର ପରିଚାଳନା ବ୍ୟବସ୍ଥାକୁ ଦୃଢ କରିବା ଏବଂ ଶିକ୍ଷଣ ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ



ଯେତେବେଳେ ପଦକ୍ଷେପ ଗ୍ରହଣ କଲା କେନ୍ଦ୍ର ଗୁଡିକରେ ଏସବୁ ସମସ୍ୟା ସାମ୍ନାକୁ ଆସିଲା । ସ୍ୱାତୀର କର୍ମୀ ହିସାବରେ ମୁଁ ଲକ୍ଷ୍ୟକଲି ଯେ ଗାଁ ଲୋକମାନଙ୍କର ସବୁ ବିଷୟରେ ସଚେତନତା ଥିଲେ ମଧ କେନ୍ଦ୍ର ପରିଚାଳନା ପ୍ରତି ସେମାନଙ୍କର ହେୟ ମନୋଭାବ ରହିଛି । କେନ୍ଦ୍ର ଗୁଡିକ ବଜାର ଅଂଚଳରେ ଗଢିଉଠୁଥିବା ବେସରକାରୀ ପ୍ଲେ ସ୍କୁଲ ପରି ଉନ୍ନତ ନୁହେଁ ବୋଲି ସେମାନଙ୍କ ଧାରଣା ରହିଛି । ପ୍ଲେ ସ୍କୁଲ୍ ଗୁଡିକରେ ପିଲାମାନେ ୟୁନିଫର୍ମ ପିନ୍ଧି ଟିଫିନ୍ ବାକ୍ସ ଧରି ଯିବା ଏବଂ କିଛି ଇଂରେଜି ଶବ୍ଦ ଶିଖିବାକୁ ସେମାନେ ଉନ୍ନତ ଶିକ୍ଷା ବୋଲି ଧରି ନେଇଛନ୍ତି । ଅଙ୍ଗନବାଡି ଗୁଡିକରେ ଶିଶୁର ବିକାଶ ପାଇଁ ତାଠାରୁ ଅଧିକ ବ୍ୟବସ୍ଥା ରହିଛି ଏବଂ ତା ସହିତ ସ୍ୱାସ୍ଥ୍ୟ ଓ ପୁଷ୍ଟିର ସୁରକ୍ଷା ମଧ ହେଉଛି ବୋଲି ସେମାନେ ଜାଣି ପାରୁନାହାନ୍ତି । ତେଣୁ ଅଭିଭାବକ ମାନଙ୍କୁ ବ୍ୟକ୍ତିଗତ ଭାବରେ ଭେଟି ଅଙ୍ଗନବାଡିରେ ମିଳୁଥିବା ବ୍ୟବସ୍ଥା ବିଷୟରେ ବୁଝାଇବା ସହ କମିଟିର ସଦସ୍ୟା ମାନଙ୍କୁ କେନ୍ଦ୍ର ପରିଚାଳନାର ଦାୟିତ୍ୱ ବିଷୟରେ ଜଣାଇବି ବୋଲି ନିଷ୍ପତି ନେଲି ।

ଗାଁର ମୁଖ୍ୟ ଓ ଶିକ୍ଷିତ ଲୋକମାନଙ୍କୁ ଭେଟି ଗାଁ ଅଙ୍ଗନବାଡିରେ ସ୍ୱାତୀ ତରଫରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ସଂପର୍କରେ ବୁଝାଇଲି । ଅଙ୍ଗନବାଡି କେନ୍ଦ୍ର ପ୍ରତି ଉପଯୁକ୍ତ ଧାନ ଦିଆଗଲେ ତାହା କିପରି ଏକ ବଳିଷ୍ଠ ଶୈଶବ ଶିକ୍ଷାକେନ୍ଦ୍ର ହୋଇପାରିବ ସେ ବିଷୟରେ ଆଲୋଚନା କଲି । ସେହିପରି ପଢୁଥିବା ପିଲାମାନଙ୍କ ପରିବାରକୁ ଭେଟି ଅଙ୍ଗନବାଡିରେ ଥିବା ଶିକ୍ଷା ବ୍ୟବସ୍ଥା ସଂପର୍କରେ ଜଣାଇଲି । ଏହି ଶିକ୍ଷା ପଦ୍ଧତିକୁ ଅଧିକ ଉନ୍ନତ କରିବା ପାଇଁ କିପରି ସ୍ୱାତୀ ବିଭିନ୍ନ ସାଜ ସରଞ୍ଜାମ ଯୋଗାଇ ଦେଇଛି ତାହା ସେମାନଙ୍କୁ ଜଣାଇଲି । ସେହିପରି ନିଜ ଘରେ ଥିବା ଶିଶୁର ଖାଦ୍ୟପେୟର ଯତ୍ନ ଏବଂ ପାଠପଢାର ଯତ୍ନ କିପରି ବାପା ମାଆ ଗ୍ରହଣ କରିବେ




ସେ ସଂପର୍କରେ ସେମାନଙ୍କ ସହ ଆଲୋଚନା କଲି । କେନ୍ଦ୍ରର ମାତୃ କମିଟି ଓ ଯାଂଚ କମିଟିର ସଭ୍ୟା ମାନଙ୍କ ବୈଠକ କରି ସେମାନଙ୍କୁ ଅଙ୍ଗନବାଡି କେନ୍ଦ୍ରର ଗୁରୁତ୍ୱ ଏବଂ ତାର ପରିଚାଳନାରେ ସେମାନଙ୍କ ଦାୟିତ୍ୱ ବିଷୟରେ ବୁଝାଇଲି ।

କେନ୍ଦ୍ରର କର୍ମୀଙ୍କ ସହ ଏହି କେନ୍ଦ୍ର କିପରି ଏକ ଶ୍ରେଷ୍ଠ କେନ୍ଦ୍ର ହୋଇପାରିବ ସେ ସଂପର୍କରେ ଚେଷ୍ଟା କରିବାକୁ ଉତ୍ସାହିତ କଲି । କେନ୍ଦ୍ରଟିକୁ ଆକର୍ଷଣୀୟ ଭାବେ ସଜାଇବା, ପିଲାଙ୍କ ଶିକ୍ଷଣ ସାମଗ୍ରୀ ସବୁ ଠିକ୍ ଭାବେ ସଜାଡି ରଖିବା, ପିଲାମାନଙ୍କୁ ସଫାସୁତର ରଖିବା, ନାଚ, ଗୀତ ଓ ଖେଳ ଆଦି ମାଧମରେ ଶିକ୍ଷା ଦେବା ପଦ୍ଧତି ଗୁଡିକ ସଂପର୍କରେ

ଜଣାଇଲି । କେନ୍ଦ୍ରର କର୍ମୀ ଏସବୁ ବିଷୟକୁ ଧ୍ୟାନ ଦେଲେ । ପିଲାମାନେ ସମସ୍ତେ କିପରି ସବୁଦିନ କେନ୍ଦ୍ରରେ ଉପସ୍ଥିତ ରହିବେ ସେଥିଲାଗି ଗୁରୁତ୍ୱ ଦେଲେ । ମାସକୁ ମାସ କମିଟି ଗୁଡିକର ବୈଠକ କରି ସଦସ୍ୟା ମାନଙ୍କୁ ପିଲାମାନଙ୍କ ଅଭିଭାବକ ମାନଙ୍କୁ ବୁଝାଇବାକୁ କହିଲେ । ନିଜେ ମଧ୍ୟ ଅଭିଭାବକ ମାନଙ୍କୁ ମିଶି ପିଲାମାନଙ୍କ ଶିକ୍ଷାର ତତ୍ତ୍ୱାବଧାନ ନେବାକୁ କହିଲେ । ଏସବୁ ଉଦ୍ୟମ ଫଳରେ ଏବେ କେନ୍ଦ୍ରଟିର ପରିଚାଳନାରେ ଗାଁ ଲୋକଙ୍କ ସହଭାଗୀତା ବଢିଛି ଏବଂ ନିଜ ଶିଶୁ ମାନଙ୍କ ଶିକ୍ଷା ଦିଗରେ ସେମାନେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି ।

# ଖେଳ ଛାଡି ପାଠରେ ମନଦେଲେ ତଳପଡା ଗାଁର ଶିଶୁମାନେ

ପ୍ରଭଞ୍ଜନ କହଁର



ଶିଶୁ ବୟସ ହେଉଛି ଖେଳକୁଦ ଓ ଚଗଲାମିର ବୟସ । ଏହି ସମୟରେ ସେ ନିଜ ଇଚ୍ଛାରେ ସାଙ୍ଗସାଥି ମାନଙ୍କ ସହ ଖେଳିବାରେ ଓ ବୁଲିବାରେ ଆନନ୍ଦ ପାଏ । କିନ୍ତୁ ବାପା ମାଆ ଓ ଅଭିଭାବକ ମାନେ ତାକୁ କମ୍ ବୟସରୁ ବହି ସିଲଟ ଧରି ପାଠପଢାଇବା ଆରମ୍ଭ କରିଦିଅନ୍ତି । ସେ ନବୁଝିଲେ ତାକୁ ମାଡଗାଳି ବି ଦିଅନ୍ତି । ଫଳରେ ପିଲାର ମାନସିକତା ଉପରେ ଏହା କୁପ୍ରଭାବ ପକାଏ ଏବଂ ସେ ଭୟ କରିଯାଏ । ପାଠପଢା ଏକ ନିର୍ଯ୍ୟାତନା ବୋଲି ପ୍ରଥମରୁ ସେ ବୁଝିବା ଆରମ୍ଭ କରେ । ଆମ କନ୍ଧମାଳର ଆଦିବାସୀ ଗାଁ ଗୁଡିକରେ ଶିଶୁ ମାନେ ତ ଆହୁରି ଅଧିକ ସ୍ୱାଧିନ । ଏଠାରେ ବାପା ମାଆ ପିଲାର ଆଦ୍ୟ ଶୈଶବ ଶିକ୍ଷାପ୍ରତି ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ । ନିଜେ କାମକୁ ଯିବାବେଳେ ପିଲାମାନଙ୍କୁ ସାଥିରେ ଧରି ଯାଆନ୍ତି । ପିଲାମାନେ ସେଠାରେ ଗଛରୁ ଫଳ ତୋଳିବା, ଝରଣାରୁ ମାଛ ଧରିବା. ମୂଷା ଗାତ ଖୋଳିବା. ଚଢେଇକୁ ଟେକା ମାରିବା ଆଦି କାମରେ ଲାଗିଯାଆନ୍ତି । ତେଣୁ ଅଙ୍ଗନବାଡି ସ୍ତରରେ ସେମାନଙ୍କୁ ଯେତେବେଳେ କେନ୍ଦ୍ରରେ ରଖି ପଢାଇବା ବ୍ୟବସ୍ଥା କରାଯାଏ ସେମାନେ ଆଦୌ ଇଚ୍ଛା କରନ୍ତି ନାହିଁ । କେନ୍ଦ୍ରକୁ ଆସିବାକୁ ଅମଙ୍ଗ ହୁଅନ୍ତି ଏବଂ ଲୁଚନ୍ତି । ଅତି ବାଧକଲେ କାନ୍ଦନ୍ତି ଓ ଲୁଚି ଚାଲିଯାଆନ୍ତି ।

ତଳପଡା ଗାଁର ବୁଦ୍ଧଦେବ ଓ ତାର ସାଙ୍ଗ ମାନଙ୍କର ସ୍ୱଭାବ ମଧ୍ୟ ଠିକ୍ ଏହିପରି । ଫିରିଙ୍ଗିଆ ବ୍ଲକ୍‌ର ଆଭ୍ୟନ୍ତରୀଣ ଅଂଚଳ କାଶିନୀପଦର ପଦର ପଞ୍ଚାୟତରେ ଥିବା ଆଦିବାସୀ ଗାଁଟିଏ ତଳପଡା । ଗାଁରେ ପଚାଶରୁ ଅଧିକ କନ୍ଧ ଆଦିବାସୀ ପରିବାର ରହନ୍ତି । ଗାଁ ଚାରିପାଖେ ଜଙ୍ଗଲ ଓ ପାହାଡ ଘେରି ରହିଛି । ଗାଁକୁ ଜଙ୍ଗଲ ଭିତର ଦେଇ ପାଦଚଲା ରାସ୍ତାଟିଏ ଏବଂ ବର୍ଷାଦିନେ ଲୋକମାନେ ଗମନାଗମନରେ ବହୁତ ଅସୁବିଧା ଭୋଗ କରନ୍ତି । ଗାଁ ଲୋକଙ୍କ ଚଳାଚଳ ମଧ୍ୟ ସ୍ୱଚ୍ଛଳ ନୁହେଁ । ଚାଷ ସେମାନଙ୍କ ମୁଖ୍ୟ ଜୀବିକା ହୋଇଥିବାବେଳେ ଜଳସେଚନର ସୁବିଧା ନଥିବାରୁ ଅଧିକାଂଶ ଜମିରେ ପ୍ରତିବର୍ଷ ଖିନ୍ଦପୋଡି ହୋଇଥାଏ । ଲୋକମାନେ ଗାଈ ଛେଳି ପାଳନ କରି ଏବଂ ଜଙ୍ଗଲରୁ ବିଭିନ୍ନ ଜିନିଷ

ସଂଗ୍ରହ କରି ଚଳିଥାନ୍ତି । ଗାଁଲୋକଙ୍କ ଏହି ଆର୍ଥିକ ଦୁରାବସ୍ଥା ସେମାନଙ୍କୁ ନିଜ ପିଲାମାନଙ୍କ ଶିକ୍ଷା ଓ ଭବିଷ୍ୟତ ଗଠନ ଉପରେ ମଧ ପ୍ରଭାବ ପକାଇଥାଏ । ଲୋକମାନେ ଘରର ବିଭିନ୍ନ କାମରେ ପିଲାମାନଙ୍କୁ ନିୟୋଜିତ କରିଦିଅନ୍ତି । ଛୋଟ ପିଲାମାନଙ୍କର ଉପଯୁକ୍ତ ଦାୟିତ୍ୱ ନେଇ ପାରନ୍ତି ନାହିଁ । ତେଣୁ ଗାଁରେ ଅଙ୍ଗନବାଡି କେନ୍ଦ୍ରଟିଏ ଥିଲେ ମଧ ପିଲାମାନେ ଠିକ୍ ସମୟରେ ଆସନ୍ତି ନାହିଁ ।



ସ୍ୱାତୀ ପ୍ରାକ୍ ଶୈଶବ ଶିକ୍ଷାର ସୁଧାର ପାଇଁ ଯେତେବେଳେ କାର୍ଯ୍ୟକ୍ରମ ଗ୍ରହଣ କଲା ଜଣେ ସ୍ୱାତୀ କର୍ମୀ ହିସାବରେ ମୁଁ ଏହି ଗାଁରେ ପହ□ଲି । ଗାଁର ଅବସ୍ଥା ଏବଂ ଅଙ୍ଗନବାଡିର ଅବସ୍ଥା ଦେଖି ବୁଝିଲି ଯେ ଏହି ଗାଁରେ ଲୋକମାନେ ନିଜର ପରିସ୍ଥିତି ଯୋଗୁଁ ହିଁ ଅଙ୍ଗନବାଡି ସହ ଜଡିତ ହୋଇ ପାରୁନାହାନ୍ତି । ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କ ସହ ମିଶି ଅଙ୍ଗନବାଡିର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କଲି । ଜଣାପଡିଲା ଯେ ବାପା ମାଆ ପିଲାମାନଙ୍କୁ କେନ୍ଦ୍ରକୁ ପଠାଇବା ଉପରେ ଗୁରୁତ୍ୱ ଦେଉନାହାନ୍ତି । ଏହାପରେ କେନ୍ଦ୍ରଟିକୁ ସଜାଡିବାକୁ ଅଙ୍ଗନବାଡି କର୍ମୀଙ୍କ ସହ ମିଶି ଯୋଜନା କଲି । ପ୍ରଥମେ ଅଭିଭାବକ ମାନଙ୍କ ସହ ବୈଠକ କରି ପିଲାମାନଙ୍କୁ ନୀୟମିତ କେନ୍ଦ୍ରକୁ ପଠାଇବାକୁ ପରାମର୍ଶ ଦେଲୁ । ପିଲାଟି ଏଠାରେ ଖାଦ୍ୟ, ପୋଷାକ ଓ ଔଷଧ ଆଦି ସହ ପଢିବାର ସୁଯୋଗ ପାଇବ ଏବଂ ସେମାନଙ୍କୁ ନିଜ ସହ କ୍ଷେତ ପଦରକୁ ସାଙ୍ଗରେ ନେଇଯିବାକୁ ପଡିବ ନାହିଁ । ସ୍ୱାତୀ ଦ୍ୱାରା ପିଲାମାନଙ୍କ ଉନ୍ନତ ଶିକ୍ଷା ପାଇଁ କେନ୍ଦ୍ର ଗୁଡିକୁ କିପରି ସହଯୋଗ ଓ ସହାୟତା ଦିଆଯାଉଛି ତାହା ଜଣାଇଲୁ । ଅଭିଭାବକ ମାନେ ଏଥିରେ ରାଜି ହୋଇଗଲେ ମଧ ପିଲାମାନଙ୍କ ମନ ବଦଳାଇବା ଆମ ପାଇଁ ଏକ ଆହ୍ୱାନ ଥିଲା । ଆରମ୍ଭରୁ ସେମାନେ କେନ୍ଦ୍ରକୁ ନଆସି ବାହାରେ ବୁଲିଥିବାରୁ ସେମାନଙ୍କୁ ପଢାରେ କିପରି ମନଯୋଗୀ କରାଯାଇ ପାରିବ ସେଥିପାଇଁ ସୂତ୍ର ଖୋଜିଲୁ । ନିଷ□ ନେଲୁ ଯେ ପ୍ରଥମେ କିଛି ଦିନ ସେମାନଙ୍କୁ କେନ୍ଦ୍ରରେ ପାଠ ନପଢାଇ ବାହାରେ ସେମାନେ ଖେଳୁଥିବା ବିଭିନ୍ନ ଖେଳକୁଦରୁ ପାଠପଢା ଆରମ୍ଭ କରିବା ।



ଦିନେ ଗାଁର ସବୁ ପିଲାଙ୍କୁ ଏକାଠି କରି ମୁଁ ନିକଟସ୍ଥ ଜଙ୍ଗଲକୁ ଗଲି । ସେଠାରେ ପିଲାମାନଙ୍କୁ ବିଭିନ୍ନ ଗଛର ପତ୍ର ଓ ଫୁଲ ଆଦି ସଂଗ୍ରହ କରିବାକୁ କହିଲି । ପିଲାମାନେ ଆଗ୍ରହରେ ସେ ସବୁ ସଂଗ୍ରହ କଲେ । ସେସବୁ ଧରି କେନ୍ଦ୍ରକୁ ଆସିଲୁ । ସେଠାରେ ସମସ୍ତେ ବସି କିଏ କେତେ ପ୍ରକାର ସଂଗ୍ରହ କରିଛି, କିଏ ବେଶୀ କରିଛି, କିଏ କମ୍ ସଂଗ୍ରହ କରିଛି ଆଦି ହିସାବ କଲୁ । ତାପରେ ସେହି ପତ୍ର ଓ ଫୁଲକୁ ବିଭିନ୍ନ ଝୋଟି ଆକାରରେ ସଜାଇଲୁ ସମସ୍ତେ ନିଜର ଡାଳ ପତ୍ରକୁ ସୁନ୍ଦର ସୁନ୍ଦର ଆକାରରେ ସଜାଇଲେ

। ସେମାନେ ଆଣିଥିବା ପତ୍ର ଓ ଫୁଲରୁ କିଏ କାହାର ନାଆଁ ଜାଣିଛି ତାହା ପଚାରି ବୁଝିଲୁ । ସେହିପରି ଜଙ୍ଗଲରେ ବୁଲିଲାବେଳେ କିଏ କଣ ଦେଖିଲେ ସେ ବିଷୟରେ ଜଣେ ଜଣେ କହିଲେ । କିଏ ଉଇ ହୁଙ୍କା ଦେଖିଲେ, କିଏ ଜନ୍ଦା ଓ କାଇ ପିମ୍ପୁଡି ଦେଖିଲା, କିଏ ଚଢେଇର ଡାକ ଶୁଣିଲା ଆଦି କଥା ସେମାନେ କହିଲେ । ସେମାନଙ୍କ କଥାକୁ ନେଇ ମୁଁ ଜଙ୍ଗଲ ରାଇଜର କଥା ବୋଲି ଗପଟିଏ ଶୁଣାଇଲି । ଶେଷରେ ସେମାନେ କେନ୍ଦ୍ରରେ ଖାଦ୍ୟ ଖାଇଲେ । ପରଦିନ ଆସିଲେ ଆହୁରି ଅଧିକ କଥା ଜାଣିବା ବୋଲି ତାଙ୍କୁ ଜଣାଇଲି । ତା ପରଦିନ ମୁଁ ପହଞ୍ଚିବାବେଳକୁ ପିଲାମାନେ ଆଗତୁରା ଆସି ପହଞ୍ଚିସାରିଥିଲେ । ମୁଁ ସେମାନଙ୍କୁ କେନ୍ଦ୍ର ବାହାରେ ବସାଇ ଦିଆସିଲି ଖୋଳରେ ସଲପ ସୂତା ଲଗାଇ କିପରି ଟେଲିଫୋନ କରିହେବ ତାହା ବୁଝାଇଲି । ଖାଲି ଦିଆସିଲି ଖୋଳ ଆଣି ସେଥିରେ ଲମ୍ବା ସୂତା ଲଗାଇ ପରସ୍ପର କାନରେ ଦେଇ ଶୁଣିବାକୁ କହିଲି । ଏହା ତାଙ୍କୁ ବେଶ୍ ଆମୋଦିତ କଲା । ସେହିପରି ସେମାନେ ନିଜେ କଣ ସବୁ ଖେଳ ଜାଣିଛନ୍ତି ବୋଲି ପଚାରିଲି । ସେମାନେ ପତା ଖେଳ, ଗୁଡି ଲୁଚେଇବା ଖେଳ ଆଦି ଜାଣିଛନ୍ତି ବୋଲି କହିଲେ । ଏହାପରେ ଗୀତ ଦ୍ୱାରା ଗଣନା ଶିକ୍ଷା, ବିଭିନ୍ନ ପଶୁପକ୍ଷୀଙ୍କ ଶବ୍ଦ ଆଦି ବିଷୟରେ ଖେଳିଲୁ ।

ମୁଁ ଲକ୍ଷ୍ୟକଲି ପିଲାମାନେ ଏହି ପ୍ରକ୍ରିୟାରେ ବେଶ୍ ଜଡିତ ରହୁଛନ୍ତି । ନିଜେ ନିଜେ କେନ୍ଦ୍ରକୁ ଆସିବାକୁ ଆଗ୍ରହ କରୁଛନ୍ତି ଏବଂ ଏହା ପାଠପଢା ବୋଝ ବୋଲି ବିଚାର କରୁନାହାନ୍ତି । ତେଣୁ ସ୍ଥାନୀୟ ଅଙ୍ଗନବାଡି ଦିଦିଙ୍କୁ ଅଧିକ ନାଚଗୀତ ଓ ଖେଳ କୁଦ ମାଧ୍ୟମରେ ଆକୃଷ୍ଟ କରିବା ପାଇଁ କହିଲି । ସ୍ୱାତୀ ଦ୍ୱାରା ଦିଆଯାଇଥିବା ଶିକ୍ଷଣ ସାମଗ୍ରୀ ବ୍ୟବହାର କରି କିପରି ପିଲାମାନଙ୍କୁ ପଢାଯାଇପାରିବ ସେ ବିଷୟରେ ବୁଝାଇଦେଲି । ଦିଦି ମଧ୍ୟ ସେହି ପ୍ରକ୍ରିୟାରେ ପଢାଇବା ଚାଲୁ ରଖିଲେ । ପିଲାମାନେ ଖୁସି ମନରେ କେନ୍ଦ୍ରକୁ ଆସିଲେ ଏବଂ ପାଠ ପଢିବା ଆରମ୍ଭ କଲେ । ଏବେ ଗତ ଚାରିମାସ ମଧ୍ୟରେ ପିଲାମାନଙ୍କର ଅନେକ କିଛି ପରିବର୍ତ୍ତନ ହୋଇଛି । ସେମାନେ ଗଣନା, ଅକ୍ଷର ଚିହ୍ନିବା, ସଂଖ୍ୟା ଲେଖିବା ଆଦି କଲେଣି । ସେମାନେ କିପରି ଏହି ପ୍ରକ୍ରିୟାରେ ଭାଷା ଓ ଗଣିତରେ ଥିବା ଦଶଟି ଦକ୍ଷତା ଶିଖିପାରିବେ ତାହା କରିବାକୁ ଅଙ୍ଗନବାଡି କର୍ମୀ ନିଷ୍ଠାର ସହ ଲାଗିପଡିଛନ୍ତି ।

# ପ୍ରତ୍ୟୁଷର ଚଗଲାମି ବଦଳିଲା

ପ୍ରଭଞ୍ଜନ କହଁର



ପାଂଚ ବର୍ଷ ବୟସର ପ୍ରତ୍ୟୁଷ । ବାପା ମାଆଙ୍କ ହିସାବରେ ବଡ ଚଗଲା । କେତେବେଳେ ହେଲେ ଘରେ ଦଣ୍ଡେ ଦେଖିବାକୁ ପାଇବ ନାହିଁ । କେତେବେଳେ କୋଉ ଗଛରେ ଚଢି ଆମ୍ବ ତେନ୍ତୁଳି ପାରୁଥିବ ତ ଆଉ କେତେବେଳେ ନାଳରେ ପାଣି କାଦୁଅ ହୋଇ ମାଛ ଧରୁଥିବ । ତା ବୟସର ସାଙ୍ଗ ପିଲାମାନେ ସକାଳୁ ଅଙ୍ଗନବାଡି ଯିବାକୁ ବାହାରିବା ବେଳେ ସେ ଘରଛାଡି କେଉଁଆଡେ ଲୁଚି ଯାଇଥିବ । ବାପା ବା ଅଙ୍ଗନବାଡି କର୍ମୀଙ୍କୁ ଦେଖିଲେ ଡିଆଁମାରି ଚମ୍ପଟ ମାରିବ । ଧରାପଡିଗଲେ କାନ୍ଦି କାନ୍ଦି ତଳେ ଗଡିଯିବ ପଛେ ଆଦୌ କେନ୍ଦ୍ରକୁ ଆସିବ ନାହିଁ । ତାର ବାପା ମାଆ ତାକୁ ଅନେକ ଥର କେନ୍ଦ୍ରକୁ

ଆଣିବାକୁ ଚେଷ୍ଟାକରି ମଧ୍ଯ ବିଫଳ ହେବାରୁ ବିରକ୍ତ ହୋଇ ତା ପ୍ରତି ଧ୍ୟାନ ଦେଲେ ନାହିଁ ।




କାଶିନୀପଦର ଗାଁର ମୋହନ ଚନ୍ଦ୍ର ପ୍ରଧାନ ଏବଂ ରଞ୍ଜିତା ପ୍ରଧାନଙ୍କ ପୁଅ ଏହି ପ୍ରତ୍ୟୁଷ । ଫିରିଙ୍ଗିଆ ଠାରୁ ପ୍ରାୟ ୨୫ କିଲୋମିଟର ଦୂର କାଶିନୀପଦର ଗାଁ । ଗାଁ ଚାରିପଟେ ଘେରି ରହିଛି ଜଙ୍ଗଲ । ଗାଁ ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନାହିଁ । ଲୋକମାନେ ନିଜର ନିତ୍ୟବ୍ୟବହାର୍ଯ୍ୟ ଜିନିଷ କିଣିବା ପାଇଁ ଫିରିଙ୍ଗିଆ ବଜାର ଉପରେ ନିର୍ଭର କରନ୍ତି । ଗାଁରେ ୧୨୦ରୁ ଅଧିକ ଆଦିବାସୀ ପରିବାର ବାସ କରନ୍ତି । ପରିବାର ଗୁଡିକର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନଥିଲେ ମଧ୍ୟ ଗାଁର ଲୋକମାନଙ୍କ ହୃଦୟ ସ୍ୱଚ୍ଛ ଆଉ ସରଳ । ଗାଁରେ ଅଙ୍ଗନବାଡି କେନ୍ଦ୍ରଟିଏ ରହିଛି । ୯ ଜଣ ଝିଅ ଓ ୧୦ ଜଣ ପୁଅଙ୍କୁ ମିଶାଇ ସମୁଦାୟ ୧୯ ଜଣ ପିଲା ଏଠାରେ ପଞ୍ଜିକୃତ ହୋଇଛନ୍ତି । ଦୂର ଓ ଦୁର୍ଗମ ଅଂଚଳରେ କେନ୍ଦ୍ରଟି ଥିଲେ ମଧ୍ୟ କେନ୍ଦ୍ରର କର୍ମୀ ଶାନ୍ତିଲତା କହଁର ଏବଂ ସହାୟିକା ପୁଷ୍ପଲତା ଭୁକ୍ତା କେନ୍ଦ୍ରଟିକୁ ଅତି ସୁନ୍ଦର ଭାବେ ପରିଚାଳନା କରିଥାନ୍ତି । ଗାଁ ମଝିରେ ଥିବା କେନ୍ଦ୍ରଗୃହଟି ବେଶ୍ ଚିତ୍ରିତ ଓ ସୁସଜ୍ଜିତ । ଆଗରେ ସୁନ୍ଦର ଫୁଲ ବଗିଚାଟିଏ ମଧ୍ୟ ରହିଛି । ଘରର କାନ୍ଥରେ ମାତୃ ଓ ଶିଶୁସ୍ୱାସ୍ଥ୍ୟ ସଂପର୍କିତ ବିଭିନ୍ନ ଚିତ୍ର ସହ ପିଲାଙ୍କ ଶିକ୍ଷା ପାଇଁ ଚିତ୍ର ସବୁ ରହିଛି । ପିଲାମାନେ କେନ୍ଦ୍ରର ଏହି ସାଜସଜ୍ଜା ପ୍ରତି ବେଶ୍ ଆକୃଷ୍ଟ ହୋଇଥାନ୍ତି । ଅଙ୍ଗନବାଡି କର୍ମୀ ମଧ୍ୟ ପିଲାମାନଙ୍କ ଶିକ୍ଷା ସହ ସେମାନଙ୍କ ସଫାସୁତର ଓ ପରିମଳକୁ ବେଶୀ ଧ୍ୟାନ ଦେଇଥାନ୍ତି । ମୁଁ ସେହି କେନ୍ଦ୍ରକୁ ବିଭିନ୍ନ ସମୟରେ ଯିବାବେଳେ କେନ୍ଦ୍ରର ପରିବେଶ ମୋତେ ବିଶେଷ ଆନନ୍ଦ ଦେଇଥିଲା । ଅଙ୍ଗନବାଡି କର୍ମୀଙ୍କ ସହ କେନ୍ଦ୍ରର ସମସ୍ୟା ଓ ଶିଶୁ ମାନଙ୍କ ଉପସ୍ଥାନ ବିଷୟ ଆଲୋଚନା ସମୟରେ ସେ ପ୍ରତ୍ୟୁଷର କଥା ଜଣାଇଲେ । ପିଲାଟି ଯେତେବେଳେ ଖୁବ୍ ଛୋଟଥିଲା ସେତେବେଳେ କେନ୍ଦ୍ରକୁ ଆସୁଥିଲା ଏବଂ ଯେତେବେଳେ ଚାରି ବର୍ଷର ହେଲା ସେତେବେଳକୁ ଆସିବାକୁ ଆଦୌ ଇଚ୍ଛା କଲା ନାହିଁ । ଗାଁର ଶିଶୁ ମାନଙ୍କ ମଧ୍ୟରେ କେବଳ ସେହି ଜଣେ ହିଁ ଅନୁପସ୍ଥିତ ରହୁଛି । ଦିଦିଙ୍କ ଠାରୁ ତା ବିଷୟରେ ଖବର ପାଇ ମୁଁ ତାର ଘରକୁ ଗଲି ଏବଂ ବାପା ମା ଙ୍କୁ ସାକ୍ଷାତ କଲି । ସେମାନେ ମଧ୍ୟ ସେହି କଥା କହିଲେ ଯେ - ସେ କେନ୍ଦ୍ରକୁ ଯିବାକୁ ଆଦୌ ମଙ୍ଗୁ ନାହିଁ ଏବଂ ସେମାନେ ସବୁଚେଷ୍ଟା କରି ମଧ୍ୟ ପାରୁ ନାହାନ୍ତି । ମୁଁ ସେମାନଙ୍କୁ ତାର ଭବିଷ୍ୟତ ଗଠନ ପାଇଁ କେମିତି କେନ୍ଦ୍ରକୁ ଯିବା ନିହାତି ଆବଶ୍ୟକ ତାହା ବୁଝାଇଲି । ମୋତେ ଲାଗିଲା ତା ମନରେ ଭିତରେ କେ୍ଦ୍ରପ୍ରତି ଏକ ଭୟ ରହିଯାଇଛି ଅଥବା ସେଠାରେ ଚଗଲାମି କରିପାରିବ ନାହିଁ ବୋଲି ଭାବି କେନ୍ଦ୍ରକୁ ଯାଉନାହିଁ ।

ସତେବେଳେ ସେ ଗାଁ ଦାଣ୍ଡରେ ପିଲାମାନଙ୍କ ସହ ଖେଳୁଥିଲା । ମୁଁ ସେମାନଙ୍କ ପାଖକୁ ଗଲି । ଖେଳୁଥିବା ପିଲାମାନଙ୍କ ଭିତରେ କେନ୍ଦ୍ରକୁ ଆସୁଥିବା ପିଲା ମାନେ ଥିଲେ । ମୁଁ ସେମାନଙ୍କୁ ସେମାନଙ୍କୁ ଯେତେବେଳେ କଣ ସବୁ ଖେଳୁଛ ବୋଲି ପଚାରିଲି ସେମାନେ ଆଗ୍ରହରେ ମୋ କଥାର ଉ□ର ଦଲେ । କେନ୍ଦ୍ରର ପିଲାମାନେ ଯେହେତୁ ମୋସହ ଆଗରୁ ମିଶିଥିଲେ ଏବଂ ଖେଳିଥିଲେ ସେମାନଙ୍କୁ ଭୟ ଲାଗିଲା ନାହିଁ । କିନ୍ତୁ ପ୍ରତ୍ୟୁଷ ମୋତେ ଦେଖି ଖେଳ ଛାଡି

ଦୂରରେ ଯାଇ ଛିଡାହେଲା । ମୁଁ ସେଥିପ୍ରତି ଧ୍ୟାନ ନଦେଇ ଚାଲ ଏହି ଦାଣ୍ଡରେ ଗୋଟେ ଖେଳ ଖେଳିବା ବୋଲି ଡାକିଲି । ସବୁପିଲା ଆସି ଗୋଲ ହୋଇ ଛିଡାହେଲେ । ପ୍ରତ୍ୟୁଷ ଦୂରରେ ଛିଡା ହୋଇଥିବାର ଦେଖି ତାକୁ ଡାକିଲି । ପ୍ରଥମେ ସେ ଅମଙ୍ଗ ହେଉଥିଲା ଏବଂ ଖେଳ ହେବ ଜାଣି ଧିରେ ଧିରେ ଆସି ପିଲାଙ୍କ ସହ ଛିଡା ହେଲା । ଆମେ ଏକ ଲମ୍ବ ଡିଆଁ ଖେଳ ଖେଳିଲୁ । ସବୁ ପିଲା ଗୋଟିଏ ଗୋଟିଏ ବାଡି ଆଣିଲେ । ସାନ ପିଲା ମାନଙ୍କ ବାଡି ଆଗ ରଖାଗଲା । ତାପଛକୁ ଆଉଟିକେ ବଡ ପିଲା, ତା ପଛକୁ ତାଠାରୁ ବଡ । ଏମିତି ସାନରୁ ବଡ କ୍ରମେ ବାଡି ପଛକୁ ପଛ ରଖାଗଲା । ଯେଉଁ ପିଲା ଡେଇଁବ ସେ ପ୍ରଥମରେ କେତେ ପାଦ ଡେଇଁବ ତାହା କହିବ । ଯଦି ସେତିକି ପାଦ ଡେଇଁବ ତାହଲେ ତାର ବାଡି ଆଗକୁ ଯିବ ନହେଲେ ସବୁ ବାଡିର ପଛକୁ ଆସିବ । ସବୁ ପିଲା ନିଜେ କେତେ ପାଦ ଡେଇଁବେ ଗଣିକି ଡେଇଁଲେ । ଏମିତି କିଛି ସମୟ ଖେଳ ଚାଲିଲା । ପ୍ରତ୍ୟୁଷ ମଧ ଖେଳରେ ବେଶ୍ ମଜିଗଲା । ଅନ୍ୟ ପିଲାମାନଙ୍କ ଠାରୁ ଅଧିକ ଚାଲାଖ ଥିଲା ସେ । ତେଣୁ ଖେଳରେ ପ୍ରଥମ ମଧ ହେଲା । ସମସ୍ତେ ତାକୁ କରତାଳି ଦେଇ ଉତ୍ସାହିତ କଲୁ । ମୁଁ ପିଲାମାନଙ୍କୁ ଜଣାଇଲି କାଲି କେନ୍ଦ୍ରକୁ ଆସିଲେ ଆହୁରି ବହୁତ ଖେଳ କରିବା । ସବୁ ପିଲା ଉତ୍ସାହିତ ହୋଇ ତାଳିମାରିଲେ । ମୁଁ ଲକ୍ଷ୍ୟକଲି କିଛି ପିଲା ପ୍ରତ୍ୟୁଷକୁ କାଲି କେନ୍ଦ୍ରକୁ ଯିବାପାଇଁ କହୁଥିଲେ । ମୁଁ ପଚାରିଲି – ତୁ କଣ କେନ୍ଦ୍ରକୁ ଆସୁ ନାହୁଁ । ସେ କିଛି ଉ□ର ଦେଲା ନାହିଁ । ମୁଁ କହିଲି କାଲି ଆସିବୁ ସେଠି ବହୁତ ଖେଳିବା ଆଉ ମଜା ବି କରିବା । ସେ ମୁଣ୍ଡ ଟୁଙ୍ଗାରିଲା ।




ପରଦିନ ମୁଁ କେନ୍ଦ୍ରରେ ପହ□ଲା ବେଳକୁ ସବୁ ପିଲା ପାଟି କରି ଉଠିଲେ । ସତେ ଯେମିତି ମୋ ଆସିବାକୁ ଅପେକ୍ଷା କରିଥିଲେ । ଦେଖିଲି ପ୍ରତ୍ୟୁଷ ମଧ ଆସିଛି । ହେଲେ ତାର ମାଙ୍କୁ ସାଙ୍ଗରେ ନେଇ ଆସିଛି । ମୁଁ କିଛି ନକହି ପିଲା ମାନଙ୍କୁ ଧରି ଖେଳ ଆରମ୍ଭ କଲି । ଖେଳରେ ଖେଳରେ ସଂଖ୍ୟା ଗଣନା ଓ ଶବ୍ଦ ଶିକ୍ଷା କରାଇଲି । ପ୍ରତ୍ୟୁଷ ମଧ ସମସ୍ତଙ୍କ ସହ ଭାଗନେଲା । ଠେକୁଆ ଓ ସିଂହ ଗପଟିକୁ ସବୁ ପିଲା ମିଶି ଅଭିନୟ କଲେ । ପ୍ରତ୍ୟୁଷକୁ ସିଂହ କରାଇଲୁ । ଖେଳ ବେଶ୍ ଜମିଲା । ପ୍ରତ୍ୟୁଷକୁ ମୁଁ ବାରମ୍ବାର ଉତ୍ସାହିତ କରୁଥାଏ । ତାର ମନ ପରିବ□ନ ହେଉଥିବାର ଲକ୍ଷ୍ୟ କଲି । ତା ପରିବ□ନ ସଂପର୍କରେ ଅଙ୍ଗନବାଡି କର୍ମୀଙ୍କ ସହ ମଧ ଆଲୋଚନା କଲି ଏବଂ ତାକୁ କିପରି ଖେଳକୁଦ ମାଧମରେ ବାନ୍ଧି ରଖିବାକୁ ହେବ ବୁଝାଇଲି । ପରବ□ୀ ସପ୍ତାହରେ ସେ ହି କେନ୍ଦ୍ରକୁ ଗଲାବେଳେ ଦେଖିଲି ପ୍ରତ୍ୟୁଷ ଆସିଛି । ଦିଦି ଜଣାଇଲେ ଯେ ଏବେ ସେ ନୀୟମିତ ଆସୁଛି ଏବଂ ଆଉ ସାଙ୍ଗରେ ତା ମାଆଙ୍କୁ ଆଣୁନାହିଁ । ମୁଁ ମଧ ପ୍ରତ୍ୟୁଷର ଘରକୁ ଗଲି । ତାର ଉପସ୍ଥିତିରେ ବାପା ମାଆଙ୍କ ଆଗରେ ପ୍ରତ୍ୟୁଷର ଅନେକ ପ୍ରଶଂସା କଲି । ସେସବୁ ଶୁଣି ସେ ଲାଜେଇ ଗଲେ ମଧ ନିଜ ଭିତରେ ବେଶ୍ ଉତ୍ସାହ ଅନୁଭବ କଲା । ମୁଁ ତାର ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ଏବଂ ପାଠ ପ୍ରତି କେମିତି ଦାୟିତ୍ୱ ନେବାକୁ ହେବ ତାହା ତାଙ୍କୁ ବୁଝାଇଲି ।

ଏବେ ଚାରି ମାସ ମଧରେ ପ୍ରତ୍ୟୁଷର ଅନେକ ଉନ୍ନତୀ ହୋଇଛି । ସେ ଭାଷା ଓ ଗଣିତର ଦଶଟି ଶିକ୍ଷା ମଧରୁ ଚାରିଟି ଆୟତ କରିସାରିଲାଣି ବୋଲି କହନ୍ତି ଅଙ୍ଗନବାଡି କର୍ମୀ ।

# ପାଠ ପଢିଲା ବିନାୟକ

ରାନିମା ଦିଗାଲ



ଚାରିବର୍ଷର ବିନାୟକ । ଟିକେ ଡେରିରେ ତାର ପାଟିଫିଟିବା ଯୋଗୁଁ ସେ ଅସ୍ପଷ୍ଟ ଭାବରେ ଶବ୍ଦସବୁ କୁହେ । ସଂପୂର୍ଣ୍ଣ ବାକ୍ୟ କହି ପାରେନି, ଗୋଟିଏ ଦୁଇଟି ଶବ୍ଦ କୁହେ । କହିବାବେଳେ ପାଟିଲାଗେ । ତାର ଏହି ସ୍ୱଭାବ ଯୋଗୁଁ ବାପା ମାଆ ତାକୁ ଅଙ୍ଗନବାଡି ପଠାଇବା ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ । ବଡ ଲୋକମାନେ ତାର ଏପରି କଥାକହିବାକୁ ଥଟ୍ଟା କରନ୍ତି । ଏହି ପ୍ରକାର ଅବହେଳା ତାକୁ ଅଧିକ ଚୁପ୍ କରାଇଦେଇଥାଏ । ସେ ସାଙ୍ଗ ପିଲାମାନଙ୍କ ସହ ବିଶେଷ କଥା ହୁଏନାହିଁ ବା ମିଶେ ନାହିଁ ।ଭୃଙ୍ଗଙ୍ଗେଯାଡି ପ□ୟତର କତୁରାହା ଗାଁ ଅଙ୍ଗନବାଡିରେ ତାର ନାମ ପଞ୍ଜିକରଣ ହୋଇଥିଲେ ମଧ ସେ କେବେ ଆସେ ନାହିଁ । ଏହି କେନ୍ଦ୍ରରେ ମାତ୍ର ଆଠ ଜଣ ପିଲା ଥିବାବେଳେ ସେମାନଙ୍କ ଭିତରୁ ସବୁବେଳେ ଅନୁପସ୍ଥିତି ରହେ ବିନାୟକ । ମୁଁ ସେହି କେନ୍ଦ୍ରକୁ ଯିବା ସମୟରେ ଏହି କଥାକୁ ଲକ୍ଷ୍ୟ କଲି ଏବଂ କେନ୍ଦ୍ରର କର୍ମୀଙ୍କ ସହ ଆଲୋଚନା କଲି । ସେ ପିଲାଟି କେନ୍ଦ୍ରକୁ ଆସିବା ପାଇଁ ଅନେକ ଥର ଉଦ୍ୟମ କଲେ ମଧ ବାପା ମାଆ ଧାନ ଦେଇନାହାନ୍ତି ବୋଲି ଜଣାଇଲେ ।

ମୁଁ ବିନାୟକର ଘରକୁ ଗଲି ଏବଂ ତାର ବାପା ମାଆଙ୍କ ସହ ସାକ୍ଷାତ କଲି । ସେମାନେ ବିନାୟକର ପାଟିତ ଠିକ୍‌ରେ ଫିଟୁନାହିଁ, ସେଠିକି ଯାଇ କି ପାଠ ପଢିବ ବୋଲି କହିଲେ । ମୁଁ ତାଙ୍କୁ ଶିଶୁର ବିଭିନ୍ନ ମାନସିକ ଓ ଶାରିରିକ ଅବସ୍ଥା ବିଷୟରେ ଜଣାଇଲି । କିଛି ଶିଶୁଙ୍କ କ୍ଷେତ୍ରରେ ଏହି ସମସ୍ୟା ଦେଖାଦେଇଥାଏ ଏବଂ ସମୟକ୍ରମେ ତାହା ଠିକ୍ ହୋଇଯାଉ ବୋଲି ତାଙ୍କୁ ବୁଝାଇଲି । ତେବେ ସେଥିପାଇଁ ଯଦି ଆମେ ତା ପ୍ରତି ଅବହେଳା କରିବା ତାହେଲେ ସେ ଅନ୍ୟମାନଙ୍କ ସମକକ୍ଷ ହୋଇପାରିବ ନାହିଁ ଏବଂ ତାକୁ ମାନସିକ ଭାବେ ଆଘାତ ଦେବ ବୋଲି ଜଣାଇଲି । ବରଂ ସେ ପିଲାମାନଙ୍କ ସହ ମିଶିଲେ ତାର କଥାକହିବା ଅତି ଶିଘ୍ର ବିକଶିତ ହୋଇପାରିବ । ଏବେ ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ପିଲାମାନଙ୍କ ଶିକ୍ଷାର ବିକାଶ ପାଇଁ ସ୍ୱାତୀ ତରଫରୁ ଯେଉଁସବୁ ସୁବିଧା ସୁଯୋଗ ମାନ ଯୋଗାଇ ଦିଆଯାଇଛି ତାହା ଜଣାଇଲି । ପିଲାମାନଙ୍କ ଭାବନା, ପରିପ୍ରକାଶ ଏବଂ ଚିନ୍ତାଶକ୍ତିର ବିକାଶ ପାଇଁ କିପରି ଚିତ୍ର, ଖେଳ, ଗପ, ଗୀତ, ନାଚ ଆଦି ମାଧମରେ ପଢାଇବାର ବ୍ୟବସ୍ଥା ହୋଇଛି ଏବଂ ଏହାଦ୍ୱାରା ପିଲାମାନଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ଅତି ଶିଘ୍ର ହୋଇପାରିବ ବୋଲି ସେମାନଙ୍କୁ ବୁଝାଇଲି । ସେମାନେ ପିଲାକୁ ଏଥର ନୀୟମିତ କେନ୍ଦ୍ରକୁ ଛାଡିବେ ବୋଲି ଜଣାଇଲେ ।

ବିନାୟକ ପ୍ରଥମେ ପ୍ରଥମେ ଯେତେବେଳେ କେନ୍ଦ୍ରକୁ ଆସିଲା ବିଶେଷ ଭାବେ କାହା ସହିତ କଥାହେଲା ନାହିଁ । ସବୁବେଳେ ଚୁପ୍‌ଚାପ୍ ରହୁଥିଲା । ପିଲାମାନେ ମଧ ତାସହ ବେଶି ମିଶି ପାରୁନଥିଲେ । ତେଣୁ ତାର ଆଗ୍ରହ ଜନ୍ମାଇବା ପାଇଁ ବିଭିନ୍ନ ଖେଳ ଓ ଗୀତ ନାଚରେ ତାକୁ ସାମିଲ କଲି । ତା ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ଚିତ୍ର ଦେଖାଇବା,

ଚାର୍ଟ ଦେଖାଇବା, ସମସ୍ତଙ୍କ ସହ ମିଶି ଖେଳିବା ଆଦି କାର୍ଯ୍ୟକରାଇଲି । ଧିରେ ଧିରେ ତା ଭିତରେ ଜମାଟ ବାନ୍ଧିଥିବା ଏକୁଟିଆ ସ୍ୱଭାବ ଭାଙ୍ଗିଲା ଏବଂ ସେ ଅନ୍ୟ ମାନଙ୍କ ସହ ସାମିଲ ହେଲା । ସେ କିପରି ଅଧିକ ପିଲାମାନଙ୍କ ସହ କଥାହେବ ଏବଂ ନିଜ ମନୋଭାବକୁ ପ୍ରକାଶ କରିବାକୁ ଆଗ୍ରହୀ ହେବ ସେଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଙ୍ଗନବାଡି କର୍ମୀଙ୍କୁ କହିଲି ।



ପରବର୍ତ୍ତୀ ସପ୍ତାହରେ ସେହି କେନ୍ଦ୍ରକୁ ଯିବାବେଳେ ଲକ୍ଷ୍ୟକଲି ଯେ ବିନାୟକ ଆଗ ଅପେକ୍ଷା ଅଧିକ ଚଞ୍ଚଳ ହୋଇଛି । ସାଙ୍ଗ ପିଲାଙ୍କ ସହ କଥାବାର୍ତ୍ତା ସହ ବିଭିନ୍ନ ଗୀତନାଚରେ ସାମିଲ ହେଉଛି । ତାକୁ ଧିରେ ଧିରେ ବର୍ଣ୍ଣମାଳା ଏବଂ ସଂଖ୍ୟା ଚିତ୍ର ଓ ଚାର୍ଟ ମାଧମରେ ଶିଖାଇଲି । ଆଖପାଖରେ ଥିବା ବିଭିନ୍ନ ବସ୍ତୁ ଓ ଦୃଶ୍ୟ ଗୁଡିକୁ କଣ କହନ୍ତି, ବିଭିନ୍ନ ପଶୁପକ୍ଷୀ କିପରି ଶବ୍ଦ କରନ୍ତି, ପରିବାର ସଦସ୍ୟ ମାନେ କାହାକୁ କଣ ଡାକନ୍ତି ଆଦି ନାନା କଥା କହି ତାର କହିବା କୌଶଳ ବଢାଇବାକୁ ଚେଷ୍ଟା କଲି । ଘରେ ତାର ବାପା ମାଆଙ୍କୁ ମିଶି ତାର ପାଠପଢା ବିଷୟରେ ରାତିରେ ତାସହ ଆଲୋଚନା କରିବା, ତାକୁ ଗପ ଗୀତ ଆଦି ଶୁଣାଇବା ଏବଂ ତାକୁ ଅଧିକ କୁହାଇବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ କହିଲି ।

କିଛିଦିନ ପରେ ତାର ସ୍ୱଭାବରେ ଅନେକ ପରିବର୍ତ୍ତନ ଆସିଲା । ସେ ବର୍ଣ୍ଣମାଳା ସବୁ ଲେଖି ଶିଖିବା ସହ ୧୦ ପର୍ଯ୍ୟନ୍ତ ସଂଖ୍ୟା ମଧ ଡାକି ପାରିଲା । ତାର ଏହି ପରିବର୍ତ୍ତନ ତାର ବାପା ମାଆ ଏବେ ବହୁତ ଖୁସି ।

# ଗାଁଆ କୁ ସୁନ୍ଦର ଅଙ୍ଗନବାଡି

ଗାୟତ୍ରୀ ମହାରଣା

ଏବେ ସମୟ ବଦଳିଛି, ତା ସହିତ ତାଳ ଦେଇ ବଦଳୁଛି ସାମାଜିକ ବ୍ୟବସ୍ଥା । ବର୍ତ୍ତମାନର ବିକାଶ ଧାରାରେ ସାମିଲ ହୋଇ ନପାରିଲେ ଆମ ଗାଁ ଓ ଗାଁ ଲୋକମାନେ ପଛୁଆ ହୋଇ ରହିଯିବେ । ତେଣୁ ଏଥିପାଇଁ ଲୋକମାନଙ୍କର ଚାଲିଚଳଣୀ ଓ ମାନସିକତାରେ ପରିବର୍ତ୍ତନ ଆସିବା ଜରୁରୀ । କିଛି ବର୍ଷପୂର୍ବେ ଗାଁ ଲୋକମାନେ ଗାଁର ପାରଂପରିକ ପୂଜାପର୍ବ ଏବଂ ବାହାପୁଆଣି ଆଦିକୁ ପ୍ରାଧାନ୍ୟ ଦେଉଥିବାବେଳେ ଏବେ କିନ୍ତୁ ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଯୋଗାଯୋଗ ପରି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଏବଂ ବିକାଶ ଅନୁଷ୍ଠାନ ଗୁଡିକୁ ସୁପରିଚାଳନା କରିବା, ଗାଁର ପିଲା ମାନଙ୍କ ଶିକ୍ଷା ଓ ଯୁବପିଢି ପାଇଁ ଆତ୍ମନିଯୁକ୍ତି ବ୍ୟବସ୍ଥା ପ୍ରତି ଅଧିକ ପ୍ରାଧାନ୍ୟ ଦେବାର ସମୟ ଆସିଛି । ଗାଁ ଗୁଡିକର ବିକାଶ ପାଇଁ ସରକାରୀ ଏବଂ ବେସରକାରୀ ଭାବେ ଅନେକ କାର୍ଯ୍ୟକ୍ରମ ଚାଲୁ ରହିଛି । ସେଥିମଧ୍ୟରୁ ମହିଳା ଓ ଶିଶୁ ବିକାଶର ଅଙ୍ଗନବାଡି କେନ୍ଦ୍ର ଏକ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ । ଏହା ଗାଁ ସ୍ତରରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ସୁରକ୍ଷା ସହ ଆଦ୍ୟ



ଶୈଶବ ଶିକ୍ଷାର ଏକ ପ୍ରାଣକେନ୍ଦ୍ର । ଏହିଠାରେ ଗର୍ଭବତୀ ଓ ପ୍ରସୂତି ମାଆ ମାନେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଓ ପୁଷ୍ଟି ପାଇବା, ଉତ୍ତମ ଶିଶୁଟିଏ ଜନ୍ମ ଗ୍ରହଣ କରିବା ଓ ତାର ଠିକ୍ ଭାବେ ଲାଳନପାଳନ ହେବା ଆଦି କାର୍ଯ୍ୟଗୁଡିକ ଏହିଠାରୁ ଆରମ୍ଭ ହୋଇଥାଏ । ଗାଁର ଶିଶୁ ଯେଉଁମାନେ କି ଗାଁର ଭବିଷ୍ୟତ ସେମାନଙ୍କ ପ୍ରଥମ ଶିକ୍ଷାଦାନ ବି ଆରମ୍ଭ ହୁଏ ଏହିଠାରୁ । ଅଥଚ ଅଧିକାଂଶ ଗାଁରେ ଗାଁ ଲୋକମାନେ ଅଙ୍ଗନବାଡିର ଏହି ମହତ୍ତ୍ୱକୁ ବୁଝନ୍ତି ନାହିଁ ବା ଏହାର ସୁପରିଚାଳନାରେ ସେମାନଙ୍କ ସହଭାଗୀତା ରହେନାହିଁ । କେତେକ ଗାଁରେ ଏହାକୁ ରାଜନୈତିକ ବାଦବିବାଦର କେନ୍ଦ୍ର ହିସାବରେ ମଧ ବ୍ୟବହାର କରାଯାଏ । ଅଙ୍ଗନବାଡି କର୍ମୀ ଏବଂ ଗ୍ରାମବାସୀ ମାନଙ୍କ ଭିତରେ ସୁସଂପର୍କ ରହେନାହିଁ । ପିଲାମାନଙ୍କୁ କେନ୍ଦ୍ରକୁ ନୀୟମିତ ପଠାଯାଏ ନାହିଁ । ଅନେକ ଆରୋପ ପ୍ରତ୍ୟାରୋପ ଓ ଅଭିଯୋଗ ଭିତରେ କେନ୍ଦ୍ର ପରିଚାଳନାରେ ସମସ୍ୟା ସୃଷ୍ଟି ହୁଏ । କିନ୍ତୁ ଗାଁ ଲୋକ ଯେତେବେଳେ ଏହାର ଗୁରୁତ୍ୱ ଉପଲବ୍ଧି କରନ୍ତି ଏବଂ ସହଭାଗୀ ହୁଅନ୍ତି କେନ୍ଦ୍ରଟି ଆଦର୍ଶ କେନ୍ଦ୍ରରେ ପରିଣତ ହେବା ସହ ଗାଁ ବିକାଶର ପ୍ରାଣକେନ୍ଦ୍ର ହିସାବରେ ଦାୟିତ୍ୱ ନିର୍ବାହ କରେ । ଭାଲୁର ଗାଁର ଅଙ୍ଗନବାଡି କେନ୍ଦ୍ରଟି ତାର ଏକ ଉଦାହରଣ ।

ମୁଁ ସେଭ୍ ଦି ଚିଲ୍ଡ୍ରେନ ସହାୟତାରେ ସ୍ୱାତୀ ଦ୍ୱାରା ଚାଲୁଥିବା ଆଦ୍ୟ ଶୈଶବର ଯନ୍ ଏବଂ ଶିକ୍ଷା କାର୍ଯ୍ୟକ୍ରମରେ ଜଣେ ସହ ସଂଯୋଜିକା ହିସାବରେ ଯେତେବେଳେ ଯୋଗଦେଲି ଫିରିଙ୍ଗିଆ ବ୍ଲକ୍ ଅଧିନସ୍ଥ ଏହି ଭାଲୁର ଗାଁର ଅଙ୍ଗନବାଡି କେନ୍ଦ୍ରର ଦାୟିତ୍ୱ ମୋତେ ମିଳିଥିଲା । କେନ୍ଦ୍ର ଗୁଡିକର ସୁପରିଚାଳନା ପ୍ରତି ଧାନ ଦେବା ସହ ସେଠାରେ ପଢୁଥିବା ପିଲା ମାନଙ୍କର  ଶିକ୍ଷାରେ ଗୁଣାତ୍ମକ ଅଭିବୃଦ୍ଧି, ସେମାନଙ୍କ ମାନସିକ, ଶାରୀରିକ ଓ ସ୍ୱାସ୍ଥ୍ୟଗତ ବିକାଶ ଏବଂ ଅଭିଭାବକ ମାନଙ୍କର ନିଜ ଶିଶୁ ପ୍ରତି ଦାୟିତ୍ୱ ଓ ଯନ୍ରେ ସୁଧାର ଆଣିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ।

ମୁଁ ପ୍ରଥମ କରି ଯେତେବେଳେ ଏହି ଗାଁକୁ ଗଲି ଏଠାକାର ପ୍ରାକୃତିକ ପରିବେଶ ମୋତେ ବିଶେଷ ଆକୃଷ୍ଟ କରିଥିଲା । ଫିରିଙ୍ଗିଆ ଠାରୁ ୧୫ କିଲୋମିଟର ଦୂରରେ ଆବସ୍ଥିତ ଗାଁଟି । ଚାରିପଟେ ପାହାଡ ଓ ଘଞ୍ଚ ଜଙ୍ଗଲ । ବେଶ୍ ଶାନ୍ତ, ଶୀତଳ ଓ ନୀରବ ପରିବେଶ । ଗାଁକୁ ଯିବାବେଳେ ପାଖ ଝରଣାର କୁଳୁକୁଳୁ ଶବ୍ଦ ଓ ପକ୍ଷୀ ମାନଙ୍କ କିଚିରିମିଚିରି ଶବ୍ଦ ବି ବାଜୁଥାଏ କାନରେ । ସୁଲୁସୁଲୁ ପବନ ଦେହକୁ ଛୁଇଁ ଯାଉଥାଏ । ଦୀର୍ଘରାସ୍ତା ଚାଲିଲେ ମଧ ଦେହରୁ ଝାଳ ବୁନ୍ଦାଏ ବି ବାହାରୁ ନଥାଏ । ଦୂରରେ ଗାଈ ଛେଳି ସବୁ ଚରୁଥାନ୍ତି ଏବଂ ସେମାନଙ୍କ ଟିପା ଓ ଘଣ୍ଟିର ସ୍ୱର ରହି ରହି ଶୁଭୁଥାଏ । ଜଙ୍ଗଲରୁ ବିଭିନ୍ନ ଜିନିଷ ଧରି ଫେରୁଥାନ୍ତି ଗାଁ ଲୋକମାନେ । ଗାଁରେ ପହଞ୍ଚିଲି, ଛୋଟିଆ କନ୍ଧ ଆଦିବାସୀ ଗାଁଟି । ଗାଁ ଦାଣ୍ଡରେ ଗାଁ ପିଲା ସବୁ ଧୂଳିଧୂସର ହୋଇ ଖେଳରେ ମାତିଥିଲେ ।  ଗାଁର ଲୋକଙ୍କ ଚଳଣୀରୁ ସେମାନଙ୍କ ଆର୍ଥିକ ଦୁରାବସ୍ଥା ବାରି ହୋଇ ପଡୁଥିଲେ ମଧ ସେମାନଙ୍କ ମନର ଭାବ ସେମାନଙ୍କ ସ୍ୱଚ୍ଛତା ଓ ସରଳତାକୁ ଦର୍ଶାଉଥିଲା । ଗାଁର ମା ମାନଙ୍କ ସହ ମିଶି ସେମାନଙ୍କ କାମଦାମ ବିଷୟରେ କଥାହେଲି । ତାପରେ ଗାଁ ମୁଣ୍ଡରେ ଥିବା ଅଙ୍ଗନବାଡି କେନ୍ଦ୍ରଟିକୁ ଯାଇଥିଲି । ସେଦିନ କେନ୍ଦ୍ରଟି ବନ୍ଦ ଥିଲା । ଅଙ୍ଗନବାଡି କର୍ମୀ ବ୍ଲକ୍‌କୁ ଯାଇଥିବାରୁ ଏବଂ ସହାୟିକା ଙ୍କ ଦେହ ଅସୁସ୍ଥ ଥିବାରୁ କେନ୍ଦ୍ରଟି ବନ୍ଦ ରହିଛି ବୋଲି ଜାଣିଲି । ଗାଁ ଲୋକଙ୍କ ସହିତ କେନ୍ଦ୍ରଟି ବିଷୟରେ କଥାହେଲି । ତେବେ

କେନ୍ଦ୍ରଟି ସହ ଗାଁ ଲୋକଙ୍କ ସୁସଂପର୍କ ନଥିବା ଲକ୍ଷ୍ୟକଲି । ପରଦିନ ପୁଣି ଥରେ ସେହି କେନ୍ଦ୍ରକୁ ଗଲି ଏବଂ କର୍ମୀଙ୍କ ସହ ସାକ୍ଷାତ କଲି । ସେଦିନ ଅଳ୍ପ କିଛି ପିଲା କେନ୍ଦ୍ରରେ ଉପସ୍ଥିତ ଥିଲେ । ଦିଦିଙ୍କ ସହ କଥା ହୋଇ ଜାଣିଲି ଯେ ବାପା ମାଆ ମାନେ ପିଲାଙ୍କୁ ଠିକ୍‌ରେ କେନ୍ଦ୍ରକୁ ପଠାଉନାହାନ୍ତି । ତେବେ ସମୁଦାୟ ପରିସ୍ଥିତିରୁ ଜାଣିଲି ଯେ କେନ୍ଦ୍ରଟି ଠିକ୍ ଭାବେ ଚାଲୁ ନାହିଁ ଏବଂ କେନ୍ଦ୍ର ଓ ଗାଁ ଲୋକଙ୍କ ଭିତରେ ସୁସଂପର୍କ ନାହିଁ । ତେଣୁ କେନ୍ଦ୍ରଟିକୁ କିପରି ଠିକ୍ ଭାବେ ଚଳାଯିବ ସେ ବିଷୟରେ କର୍ମୀ ଓ ସହାୟିକାଙ୍କ ସହ ଆଲୋଚନା କଲି । ଏଥିପାଇଁ ଗାଁ ଲୋକମାନଙ୍କର ଏକ ବୈଠକ କରିବା ସହ ସେମାନଙ୍କୁ ଅଙ୍ଗନବାଡିର ଗୁରୁତ୍ୱ ବିଷୟରେ ବୁଝାଇବା ଏବଂ କମିଟି ଗୁଡିକର ସଭ୍ୟା ମାନଙ୍କୁ ଦାୟିତ୍ୱ ସଚେତନ କରିବା ନିମନ୍ତେ ନିଷ୍ପ□ ନେଲୁ । ଏହାପରେ ମୁଁ ଗାଁର ଅଭିଭାବକ ଓ କମିଟି ସଭ୍ୟା ମାନଙ୍କୁ ଭେଟି ଗାଁ ଅଙ୍ଗନବାଡିର ଭୂମିକା, ଗାଁ ଶିଶୁ ମାନଙ୍କର ଶିକ୍ଷା ବ୍ୟବସ୍ଥା ଏବଂ ସ୍ୱାତୀ ତରଫରୁ ଅଙ୍ଗନବାଡିରେ ଶିଶୁ ଶିକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡିକ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କଲି ।



ବୈଠକରେ ଗାଁ ଲୋକମାନେ ସମସ୍ତେ ଉପସ୍ଥିତ ଥିଲେ । ସେମାନେ ଅଙ୍ଗନବାଡିରେ ରହିଥିବା ସମସ୍ୟା ଗୁଡିକ କହିଲେ । ଅଙ୍ଗନବାଡି କର୍ମୀ ମଧ ନିଜର ଦାୟିତ୍ୱ ଏବଂ ଗାଁ ଲୋକମାନଙ୍କର କେନ୍ଦ୍ର ପ୍ରତି ଅବହେଳା ବିଷୟରେ ଜଣାଇଲେ । ତେବେ ଅଙ୍ଗନବାଡି କେନ୍ଦ୍ରଟି ଗାଁର ଭବିଷ୍ୟତ ଗଠନର ଏକ ପ୍ରାଣ କେନ୍ଦ୍ର ଏବଂ ଏହାକୁ ସୁପରିଚାଳିତ କରିପାରିଲେ ଗାଁର ମହିଳା ଓ ଶିଶୁ ମାନେ କିପରି ଉପକୃତ ହୋଇ ପାରିବେ ସେ ବିଷୟରେ ମୁଁ ଭଲଭାବେ ବୁଝାଇଲି । ଗାଁରେ ରହିଥିବା ଶିଶୁ ମାନଙ୍କ ପାଇଁ ଆଦ୍ୟ ଶୈଶବ ଶିକ୍ଷା କେତେ ଜରୁରୀ ଏବଂ ଏହା ନପାଇଲେ ସେମାନେ ଭବିଷ୍ୟତରେ କିପରି ମାନସିକ ଓ ଶାରୀରିକ ଭାବେ ପଛୁଆ ରହିଯିବେ ତାହା ଜଣାଇଲି । ଗାଁ ଲୋକମାନେ ଯଦି କେନ୍ଦ୍ରକୁ ଏକ ଆଦର୍ଶ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିପାରିବେ ତାହେଲେ ଗାଁଟି ମଧ ଆଦର୍ଶ ଗାଁ ହୋଇପାରିବ । ଏଥିପାଇଁ ଅଙ୍ଗନବାଡି କେନ୍ଦ୍ରର କର୍ମୀଙ୍କ ସହ ଗାଁ ଲୋକମାନଙ୍କର ଗୁରୁ ଦାୟିତ୍ୱ ରହିଛି ।

ଅଙ୍ଗନବାଡି କେନ୍ଦ୍ରରେ ପିଲାମାନଙ୍କ ୪ଟି ବିକାଶ ସହ ଭାଷା ଓ ଗଣିତରେ ୧୦ଟି ଦକ୍ଷତା ଅଭିବୃଦ୍ଧି ହେବା କିପରି ନିହାତି ଜରୁରୀ ତାହା ଜଣାଇଲି । ଏଥିପାଇଁ ସ୍ୱାତୀ ତରଫରୁ କେନ୍ଦ୍ରକୁ ବିଭିନ୍ନ ପାଠ୍ୟ ଉପକରଣ, ଖେଳ ସାମଗ୍ରୀ ଆଦି ଯୋଗାଇ ଦିଆଯାଇଛି । ଶିଶୁ ମାନଙ୍କୁ ନାଚଗୀତ, ଖେଳ ଓ ଗପ ଆଦି ମାଧମରେ ପାଠ ପଢାଇବା ପାଇଁ କର୍ମୀ ମାନଙ୍କୁ ତାଲିମ ମଧ ଦିଆଯାଇଛି । ଏସବୁ ସ୍ଥଳେ କେନ୍ଦ୍ରକୁ ଠିକ୍ ଭାବେ ନଚଳାଇଲେ ଆମ ଶିଶୁ ମାନଙ୍କର ଭବିଷ୍ୟତ ହିଁ ଅନ୍ଧକାର ହେବ ବୋଲି ବୁଝାଇଲି । ଗାଁଲୋକମାନେ କଥାର ଗୁରୁତ୍ୱକୁ ବୁଝି କେନ୍ଦ୍ରକୁ ଠିକ୍ ଭାବେ ଶିଶୁ ମାନଙ୍କୁ ପଢ□ଇବେ ବୋଲି ନିଷ୍ପ□ ନେଲେ । କମିଟିର ସଭ୍ୟା ମାନେ ବିଭିନ୍ନ ସମୟରେ କେନ୍ଦ୍ରରେ ଉପସ୍ଥିତ ରହି ପିଲାଙ୍କ ଉପସ୍ଥିତି, କେନ୍ଦ୍ରରେ ପାଠପଢା ଏବଂ ଖାଦ୍ୟ ବିଷୟ ତଦାରଖ କରିବା ବୋଲି ଜଣାଇଲେ । ସେହିପରି କର୍ମୀ ପିଲାମାନଙ୍କ ନୀୟମିତ ପାଠପଢା ପ୍ରତି ଅଧିକ ଗୁରୁତ୍ୱ ଦେବାକୁ କହିଲେ ।

ଏହି ଆଲୋଚନା ପରେ କେନ୍ଦ୍ରଟିର ଅବସ୍ଥା ସୁଧୁରିବା ଆରମ୍ଭ କଲା । ମୁଁ ମଧ ବିଭିନ୍ନ ସମୟରେ କେନ୍ଦ୍ରକୁ ଯାଇ କେନ୍ଦ୍ରର ପରିଚାଳନା ତଦାରଖ କରିବା ସହ ପିଲାଙ୍କୁ ନୂଆ ପଦ୍ଧତିରେ ଶିକ୍ଷାଦାନ କରୁଥିଲି । କମିଟି ସଭ୍ୟା ମାନଙ୍କୁ

ଭେଟି ସେମାନଙ୍କ ଦାୟିତ୍ୱ ବିଷୟରେ ବୁଝାଇବା ସହ ସେମାନଙ୍କୁ ଉତ୍ସାହିତ କରୁଥିଲି । ଅଭିଭାବକ ମାନଙ୍କୁ ସାକ୍ଷାତ କରି ନିଜ ପିଲାର ପାଠପଢା ତଦାରଖ କରିବା ଏବଂ ତାକୁ କେନ୍ଦ୍ରରୁ ପଢିଆସିଥିବା ପାଠ ସଂପର୍କରେ ପଚାରି ଉତ୍ସାହିତ କରିବାକୁ କହୁଥିଲି ।

ଏବେ ଗତ କିଛି ମାସ ମଧ୍ୟରେ କେନ୍ଦ୍ରର ପରିଚାଳନା ଏବଂ ଶିକ୍ଷାଦାନ ପଦ୍ଧତିରେ ବେଶ୍ ଉନ୍ନତୀ ଆସିଛି । ପିଲାମାନେ ନୀୟମିତ କେନ୍ଦ୍ରକୁ ଆସିବା ସହ ଶିକ୍ଷା ପାଉଛନ୍ତି । କେନ୍ଦ୍ରକୁ ଆସିବାକୁ ଥିବା ରାସ୍ତା ଅସଜଡା ଥିବାରୁ ଗାଁ ଲୋକମାନେ ଏକାଠି ହୋଇ ତାର ମରାମତି କରିଦେଇଛନ୍ତି । କେନ୍ଦ୍ରକୁ ଆକର୍ଷଣୀୟ କରିବା ଏବଂ ସଜାଇବା ପାଇଁ କର୍ମୀ ମଧ ପଦକ୍ଷେପ ନେଉଛନ୍ତି । କମିଟି ଗୁଡିକର ବୈଠକ ନୀୟମିତ ହେଉଛି ଏବଂ ବିଭିନ୍ନ ସମସ୍ୟା ଗୁଡିକ ଆଲୋଚନା ହୋଇ ସମାଧାନ ହେଉଛି । ଆଗାମୀ ଦିନରେ କେନ୍ଦ୍ରଟିକୁ ଏକ ଆଦର୍ଶ କେନ୍ଦ୍ରରେ ପରିଣତ କରିବାକୁ ନିଷ୍ପତ୍ତି ନେଇଛନ୍ତି ସମସ୍ତେ ।

# କମିଟି ସଦସ୍ୟାମାନେ ସଜାଡିଲେ ଅଙ୍ଗନବାଡି କେନ୍ଦ୍ର

ଜି.ନିହାର ନଳିନୀ ଦେବୀଦତ୍ତ

ଅଙ୍ଗନବାଡି କେନ୍ଦ୍ରଟି ହେଉଛି ଗାଁର ପ୍ରମୁଖ ଅନୁଷ୍ଠାନ ଏବଂ ଗାଁରେ ମାତୃ ଓ ଶିଶୁ ମଙ୍ଗଳର ପ୍ରଧାନ କେନ୍ଦ୍ର । ତେବେ ଏକ ସରକାରୀ ଅନୁଷ୍ଠାନ ହିସାବରେ ଗାଁ ଲୋକମାନେ ବେଳେବେଳେ ଏହାର ଦାୟିତ୍ୱ ନେଇ ନଥାନ୍ତି । ଗ୍ରାମବାସୀଙ୍କ ଅସହଭାଗୀତାରୁ କେନ୍ଦ୍ରରେ ନାନା ଅସୁବିଧା ଦେଖାଦେଇଥାଏ ଏବଂ ଏହାର ପ୍ରଭାବ ଗାଁର ମା ଓ ଶିଶୁ ସ୍ୱାସ୍ଥ୍ୟ ଓ ଶିକ୍ଷା କାର୍ଯ୍ୟକ୍ରମ ଉପରେ ପଡେ । କିନ୍ତୁ ଗାଁ ଲୋକମାନେ ନିଜେ ବୁଝି ଏହାର ପ୍ରତିକାର କଲେ କେନ୍ଦ୍ରଟି ଏକ ଅଗ୍ରଣୀ ଅନୁଷ୍ଠାନ ହିସାବରେ ଗାଁ ବିକାଶରେ କିପରି ଭୂମିକା ଗ୍ରହଣ କରେ ଏହି ଘଟଣାଟି ତାର ଉଦାହରଣ ।

ଫିରିଙ୍ଗିଆ ବ୍ଲକ୍ ଜାଜେଶପଙ୍ଗା ପଞ୍ଚାୟତର ବୁଡିପଡା ଗାଁ । ଏଠାରେ ପ୍ରାୟ ୬୦ଟି ପରିବାର ରହନ୍ତି ଏବଂ ଅଧିକାଂଶ ଆଦିବାସୀ । ଗାଁଟି ଫିରିଙ୍ଗିଆ ଠାରୁ ୩୦ କିଲୋମିଟର ଦୂରରେ ଆଭ୍ୟନ୍ତରୀଣ ଅଂଚଳରେ ଅବସ୍ଥିତ ଏବଂ ଗାଁ ଲୋକେ ଅନେକ ସରକାରୀ ସୁବିଧା ସୁଯୋଗରୁ ବଂଚିତ । ଗାଁ ପର୍ଯ୍ୟନ୍ତ ଭଲ ରାସ୍ତା ଖଣ୍ଡିଏ ନାହିଁ, ବିଦ୍ୟୁତ ସଂଯୋଗ ନାହିଁ, ଶିକ୍ଷା ଓ ସ୍ୱାସ୍ଥ୍ୟରେ ମଧ ଗାଁଟି ଅବହେଳିତ । ଗାଁ ପ୍ରତି ଉପଯୁକ୍ତ ଦୃଷ୍ଟି ଦିଆଯାଇନଥିବାରୁ ଗାଁ ଲୋକଙ୍କ ମଧ୍ୟରେ ଶିକ୍ଷା ଏବଂ ସଚେତନତା ମଧ ବହୁତ କମ୍ । ଗାଁର ଅଧିକାଂଶ ପରିବାରର ଆର୍ଥିକ ସ୍ଥିତି ଅତି ଦୁର୍ବଳ । ଏସବୁ ସତ୍ତ୍ୱେ ଗାଁ ଲୋକଙ୍କ ମଧ୍ୟରେ ପାରସ୍ପରିକ ସଂପର୍କ ଓ ବୁଝାମଣା ବେଶ୍ ଦୃଢ ।

ମୁଁ ଜଣେ ସ୍ୱାତୀ କର୍ମୀ ହିସାବରେ ଗାଁ ଅଙ୍ଗନବାଡିରେ ଆଦ୍ୟ ଶୈଶବ ଶିକ୍ଷା କାର୍ଯ୍ୟକ୍ରମର ସଂଯୋଜନା ପାଇଁ ପ୍ରଥମେ ଯେତେବେଳେ ଗାଁରେ ପହଞ୍ଚିଲି ଗାଁର ପରିସ୍ଥିତି ମୋତେ ବହୁତ ଦୁଃଖିତ କରିଥିଲା । ଗାଁରେ ଏତେ ଅଭାବି ପରିବାର ଥିଲେ ମଧ ଏବଂ ସରକାରଙ୍କ ଏତେ ସବୁ ଯୋଜନା ଥିଲେ ମଧ ସେମାନଙ୍କ ପାଖରେ ତାହା ନପହଞ୍ଚିବା ମୋତେ ବହୁତ କଷ୍ଟ ଦେଇଥିଲା । ଗାଁ ଲୋକଙ୍କ ସହ ଆଲୋଚନା କରି ଜାଣିଲି ଯେ ଗାଁଟି ଦୂର ଅଂଚଳରେ ରହୁଥିବାରୁ ସରକାରୀ ଅଧିକାରୀ ମାନଙ୍କ ଯାତାୟାତ ବିଶେଷ ନାହିଁ । ଗାଁ ଲୋକେ ସବୁବେଳେ ନିଜ ପରିବାର ଚଳାଇବା ଚିନ୍ତାରେ ରହୁଥିବାରୁ ପଞ୍ଚାୟତସ୍ତରୀୟ ସଭାସମିତିରେ ଯୋଗ ଦେଇ ପାରନ୍ତି ନାହିଁ ଏବଂ ସରକାରୀ ଯୋଜନା ଗୁଡିକ

ସଂପର୍କରେ ଜାଣି ପାରନ୍ତି ନାହିଁ । ତେବେ ନିଜର ଅଧିକାର ହାସଲ ପାଇଁ ଗାଁ ଲୋକଙ୍କୁ ଯେ ସଂଗଠିତ କରାଯାଇପାରିନାହିଁ ଏବଂ ଉପଯୁକ୍ତ ଦିଗ୍‌ଦର୍ଶନ ମିଳିଲେ ସେମାନେ ନିଶ୍ଚୟ ଏକାଠି ହୋଇ ପାରିବେ ବୋଲି ମୋର ହୃଦ୍‌ବୋଧ ହୋଇଥିଲା ।

ମୁଁ ଗାଁ ମୁଣ୍ଡରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚିଲି । ଦେଖିଲି କେନ୍ଦ୍ରଟି ବଡ ଅବ୍ୟବସ୍ଥିତ ଭାବେ ରହିଛି । ପିଲାମାନେ ନିୟମିତ ଉପସ୍ଥିତ ରହୁ ନାହାନ୍ତି । କେନ୍ଦ୍ର ଚାରିପଟେ ପରିଷ୍କାର ନାହିଁ କି ବାଡଟିଏ ନାହିଁ । ରୋଷେଇ ଘର ନଥିବାରୁ ବାହାର ଖୋଲା ସ୍ଥାନରେ ରୋଷେଇ ହେଉଛି । ସେଠାରେ ଛେଳି, କୁକୁଡା, କୁକୁର ଆଦିଙ୍କ ଅବାଧ ଯାତାୟାତ ରହିଛି । ଶିଶୁ ଖାଦ୍ୟ ପ୍ରସ୍ତୁତି ସମୟରେ କିଛି ବି ଅଘଟଣ ଘଟିଯାଇପାରେ ଏବଂ ଶିଶୁ ମାନଙ୍କର ସୁରକ୍ଷା ପ୍ରଥମେ ନିତାନ୍ତ ଜରୁରୀ । ଏ ବିଷୟରେ ଅଙ୍ଗନବାଡି କର୍ମୀଙ୍କ ସହ ଆଲୋଚନାରୁ ଜାଣିଲି ଯେ ଗାଁ ଲୋକଙ୍କର କେନ୍ଦ୍ରପ୍ରତି ବିଶେଷ ଗୁରୁତ୍ୱ ରହୁନାହିଁ । ମାତୃକମିଟି ଏବଂ ଯାଂଚ କମିଟି ସଭ୍ୟାମାନେ ମଧ ବୈଠକ ଗୁଡିକରେ ଯୋଗ ଦିଅନ୍ତି ନାହିଁ କିମ୍ବା ନିଜ ଦାୟିତ୍ୱ ନିଅନ୍ତି ନାହିଁ । ଗାଁ ଲୋକମାନେ ସକାଳୁ ନିଜ କାମଧନ୍ଦାରେ ବାହାରି ଯାଉଥିବାରୁ ପିଲାମାନଙ୍କୁ କେନ୍ଦ୍ରକୁ ପଠାଇବାରେ ଅବହେଳା କରନ୍ତି । ଏସବୁ ଜାଣିବା ପରେ କେନ୍ଦ୍ରକୁ କିପରି ଉନ୍ନତ କରାଯାଇପାରିବ ସେ ବିଷୟରେ କର୍ମୀଙ୍କ ସହ ଆଲୋଚନା କଲି । ତାଙ୍କୁ ସାଥିରେ ଧରି ଗାଁର ସବୁ ଅଭିଭାବକ ମାନଙ୍କ ସହ ମିଶିଲି । ସେମାନଙ୍କୁ ଅଙ୍ଗନବାଡି କେନ୍ଦ୍ରର ଗୁରୁତ୍ୱ, ସେମାନଙ୍କ ଶିଶୁ ମାନଙ୍କ ଶିକ୍ଷା ଓ ଭବିଷ୍ୟତ ଗଠନ ଆଦି ବିଷୟରେ ବୁଝାଇଲି । କମିଟିର ସଭ୍ୟା ମାନଙ୍କ ସହ ସାକ୍ଷାତ କରି ସେମାନଙ୍କ ଦାୟିତ୍ୱ ଓ ସହଯୋଗ ବିନା କେନ୍ଦ୍ରଟି କିପରି ଅବନତି ହେଉଛି ତାହା ଜଣାଇଲି । ସମସ୍ତଙ୍କ ସହ ବ୍ୟକ୍ତିଗତ ମିଶିବାପରେ ସମସ୍ତଙ୍କୁ ନେଇ ଏକ ମିଳିତ ବୈଠକ କଲୁ ।

ଏହି ବୈଠକରେ ସ୍ଥାନୀୟ ଶିଶୁ ମାନଙ୍କର ଅବସ୍ଥା, ସମସ୍ୟା, ସେମାନଙ୍କ ଶିକ୍ଷା ବ୍ୟବସ୍ଥା ଓ ଭବିଷ୍ୟତ ଗଠନ ସଂପର୍କରେ ଆଲୋଚନା କଲୁ । ଶିଶୁ ମାନଙ୍କୁ ମାନସିକ ଓ ଶାରିରୀକ ବିକାଶର ସହାୟତା ଦେବାକୁ ଅଙ୍ଗନବାଡି ରହିଛି ଏବଂ ତାହା ଠିକ୍ ଭାବେ ନଚାଲିଲେ ଗାଁର ଶିଶୁ ମାନେ କିପରି ସବୁଥିରେ ପଛୁଆ ରହିଯିବେ ତାହା ଆଲୋଚନା କଲି । ବର୍ତ୍ତମାନ ଗାଁ ଲୋକମାନେ ଶିକ୍ଷିତ ଓ ସଚେତନ ନଥିବାରୁ ଗାଁଟି ଅନେକ ସୁବିଧା ସୁଯୋଗରୁ ବଂଚିତ ରହିଛି ଏବଂ ସେମାନଙ୍କର ପିଲାମାନେ ମଧ ଯଦି ସେହିପରି ରହିବେ ତାହେଲେ ସବୁଦିନକୁ ଗାଁଟି ପଛୁଆ ରହିଯିବ ବୋଲି ଜଣାଇଲି । ଗାଁ ଲୋକମାନେ କଥାଟିକୁ ହୃଦୟଙ୍ଗମ କଲେ ଏବଂ ଅଙ୍ଗନବାଡିକୁ ସଜାଡି ପିଲାମାନଙ୍କର ଶିକ୍ଷାକୁ ସୁଦୃଢ କରିବାକୁ ପ୍ରତିଶୃତି ଦେଲେ । ଅଙ୍ଗନବାଡିରେ ଥିବା ରୋଷଘର ସମସ୍ୟା, ପିଲାମାନେ ଆସୁନଥିବା ସମସ୍ୟା ଗୁଡିକ ଆଲୋଚନା ହେଲା । ଗ୍ରାମବାସୀମାନେ ନିଜେ ଶ୍ରମଦାନ କରି ତୁରନ୍ତ ରୋଷଘର ଓ କେନ୍ଦ୍ର ଚାରିପାଖେ ବାଡ ଦେବାକୁ ପ୍ରତିଶୃତି ଦେଲେ । ସେହିପରି ମାତୃକମିଟି ଏବଂ ଯାଂଚ କମିଟିର ସଭ୍ୟାମାନେ ପିଲାମାନଙ୍କୁ ନିୟମିତ କେନ୍ଦ୍ରକୁ ଆଣିବାରେ ସହାୟତା କରିବେ ବୋଲି କହିଲେ । ମୁଁ ସେମାନଙ୍କୁ ଅଙ୍ଗନବାଡିରେ ଶିଶୁ ମାନଙ୍କ ଶିକ୍ଷାର ଉନ୍ନତୀ ପାଇଁ ସାତୀ ତରଫରୁ କିପରି ନୂଆ ନୂଆ ପାଠପଢା କୌଶଳ ଓ ସଂରଜାମ ସବୁ ଯୋଗାଇ ଦିଆଯାଇଛି ତାହା ଜଣାଇଲି । ସେସବୁ ଦ୍ୱାରା ପିଲାମାନେ ପାଠ ପ୍ରତି ଆଗ୍ରହୀ ହେବେ ଏବଂ ନାଚ ଗୀତ ଖେଳ ମାଧମରେ ଅନେକ ପାଠ ପଢିପାରିବେ ବୋଲି ବୁଝାଇ କହିଲି ।

ଗାଁ ଲୋକ ଏବଂ କମିଟି ସଦସ୍ୟା ମାନଙ୍କ ସହଯୋଗରେ ଏବେ କେନ୍ଦ୍ରଟିର ଅନେକ ପରିବର୍ତ୍ତନ ଆସିଛି । ରୋଷଘର ତିଆରି, କେନ୍ଦ୍ର ଚାରିପାଖ ପରିଷ୍କାର ରଖିବା ଏବଂ କେନ୍ଦ୍ରକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ କାର୍ଯ୍ୟ କରାଯାଇଛି । ନୂଆ କୌଶଳ ଶିକ୍ଷା ମଧ ପିଲାମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିଛି ।

# ଅଙ୍ଗନବାଡିରୁ ଗାଁ ଲୋକେ ଶିଶୁଙ୍କ ପୁଷ୍ଟି ସୁରକ୍ଷା ଶିଖିଲେ

ଶିଶିର କୁମାର ବେହେରା



ଆଦିବାସୀ ଗାଁ ଗୁଡିକରେ ବାପା ମାଆ ମାନେ ପିଲାମାନଙ୍କ ପୁଷ୍ଟି ସୁରକ୍ଷା ପାଇଁ ଆବଶ୍ୟକୀୟ ଧ୍ୟାନ ଦିଅନ୍ତି ନାହିଁ । ସେମାନେ ପିଲା ମାନଙ୍କୁ ଯାହା ତାହା, ବାସି ଖାଦ୍ୟ, ଭାତ ଓ ତେନ୍ତୁଳି ଆଦି ଖାଦ୍ୟ, ଅସମୟରେ ଖାଦ୍ୟ ଦେବା, ଅପରିଷ୍କାର ସ୍ଥାନ ବା ପରିବେଶରେ ଖାଦ୍ୟ ଦେବା ଆଦି ଖରାପ ଅଭ୍ୟାସ ରଖିଥାନ୍ତି । ଏହା ଫଳରେ ପିଲାଟି ଅପପୁଷ୍ଟିର ଶିକାର ହେବା ସହ ନାନା ଶିଶୁରୋଗରେ ଆକ୍ରାନ୍ତ ହୋଇଥାଏ । ଯଦିଓ ଏଥିପାଇଁ ବାପା ମା ପରିବାରର ଅଭାବକୁ ଦର୍ଶାଇଥାନ୍ତି ତେବେ ଏହା ଅପେକ୍ଷା ସେମାନଙ୍କର ଅସଚେତନତା ଅଧିକମାତ୍ରାରେ ଦାୟି ବୋଲି ବୁଝାପଡେ । ସେମାନେ ଶିଶୁକୁ ଦେଉଥିବା ଖାଦ୍ୟରେ ଉପଯୁକ୍ତ ପୁଷ୍ଟିତତ୍ୱ ପରିଷ୍କାର ଓ ପରିଛନ୍ନତା ଆଦି ବିନାଖର୍ଚ୍ଚରେ ମଧ କରିପାରିବେ । ଏଥିପାଇଁ ସେମାନଙ୍କର ମନଯୋଗ ଓ ଯତ୍ନ କେବଳ ଆବଶ୍ୟକ ।

ସାଡିଙ୍ଗିଆ ପଞ୍ଚାୟତର ଗାଁଟିଏ ବେଡାମୁଣ୍ଡା । ଛୋଟିଆ ଆଦିବାସୀ ଗାଁଟିଏ । ତେବେ ଗାଁ ଲୋକମାନଙ୍କର ଆର୍ଥିକ ସ୍ଥିତି ଅତି ଦୁର୍ବଳ । ଗାଁ ଲୋକେ ଚାଷରୁ ବର୍ଷକୁ ଛମାସ ଚଳୁଥିବା ବେଳେ ବଳକା ଛମାସ ପାଇଁ ଜଙ୍ଗଲ, କୁଲି ମଜୁରୀ କାମ ଆଦି ଉପରେ ନିର୍ଭର କରନ୍ତି । ଗାଁଟିରେ ଶିକ୍ଷା ସ୍ୱାସ୍ଥ୍ୟ ରୋଜଗାର ଆଦି ମୌଳିକ ସୁବିଧା ସୁଯୋଗ ଗୁଡିକ ଏ ପର୍ଯ୍ୟନ୍ତ ଉପଲବ୍ଧ ହୋଇପାରିନାହିଁ । ସେହି ଗାଁରେ ଅଙ୍ଗନବାଡି କେନ୍ଦ୍ରଟିଏ ମଧ ରହିଛି । ମୁଁ ପ୍ରଥମେ ଯେତେବେଳେ ସେହି କେନ୍ଦ୍ରକୁ ଗଲି ସେଠାକାର ପିଲା ମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅନେକ ସମସ୍ୟା ରହିଥିବାର ଦେଖିଲି । ପିଲାମାନଙ୍କ ଦେହହାତ ପରିଷ୍କାର ପରିଛନ୍ନ ନଥିଲା । ନାକରୁ ସିଙ୍ଗାଣୀ ବୋହୁଥିଲା । କେତେଜଣଙ୍କ ପେଟ ବି କୃମି ଥିବା ଯୋଗୁଁ ବଡ ଦିଶୁଥିଲା । କିଛି ପିଲାଙ୍କ ଦେହରେ କାଛୁ ମଧ ହୋଇଥିଲା । ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କ ସହ ସେହି ପିଲାମାନଙ୍କର ଅବସ୍ଥା ବିଷୟରେ ଯେତେବେଳେ ଆଲୋଚନା କଲି ସେ ଜଣାଇଲେ ଯେ ଲୋକମାନଙ୍କର ପାରିବାରିକ ସ୍ଥିତି ଦୁର୍ବଳ ଯୋଗୁଁ ସେମାନେ ପିଲାମାନଙ୍କୁ ଉପଯୁକ୍ତ ଖାଦ୍ୟ ଦେଇପାରୁନାହାନ୍ତି । ତାଛଡା ପିଲାଙ୍କ ସ୍ୱାସ୍ଥ୍ୟ ବିଷୟ ନେଇ ବାପା ମାଆ ମାନେ ବିଶେଷ ସଚେତନ ନୁହଁନ୍ତି । ପିଲାମାନେ ଦିନସାରା ଖରାତରାରେ ବୁଲିବା, ଧୂଳିଧୂସର ହୋଇ ଖେଳିବା, ନୀୟମିତ ଗାଧୋଇବା ଆଦି ପ୍ରତି ମଧ ଯତ୍ନବାନ ନୁହଁନ୍ତି । ସକାଳୁ ବାପା ମାଆ ମାନେ କାମକୁ ଚାଲି ଯାଉଥିବାରୁ ପିଲାମାନଙ୍କୁ ଯାହାତାହା ବାସି ଖାଦ୍ୟ ଖାଇବାକୁ ଦେଇ ଦିଅନ୍ତି । ମୁଁ ବାପା ମାଆଙ୍କର ଏହି ଅଭ୍ୟାସରେ କିପରି ପରିବର୍ତ୍ତନ ଅଣାଯାଇପାରିବ ସେ ବିଷୟରେ କର୍ମୀଙ୍କ ସହ ଆଲୋଚନା କଲି ।

ପରିବାରଟି ଯେତେ ଗରିବ ହୋଇଥିଲେ ମଧ ନିଜ ବାଡିରେ ବା ହାଂଡିଧୂଆ ସ୍ଥାନରେ ଛୋଟ ବଗିଚାଟିଏ କରିପାରିବ । ସେଥିରେ ବିଭିନ୍ନ ଶାଗ, ଭେଣ୍ଡି, ମୂଳା ଆଦି ପନିପରିବା ଲଗାଇପାରିବ । ସେହିପରି ପ୍ରତି ପରିବାର ନିଜ ବାଡିରେ ଅମୃତଭଣ୍ଡା, ସଜନା ଗଛ ଆଦି ମଧ ଲଗାଇପାରିବେ । ସେଥିରୁ ପ୍ରତି ପରିବାର ପାଇଁ ସବୁଦିନ ତଟକା ପରିବା ଓ ଶାଗ ନିଶ୍ଚୟ ମିଳିବ । ସେହିପରି ଖାଦ୍ୟକୁ ଗରମ କରି ଖାଇବା, ଖାଇବା ପୂର୍ବରୁ ହାତ ପାଟି ଧୋଇବା, ସବୁଦିନ ସଫାସୁତର ହୋଇ ସ୍ନାନ ଶୌଚ କରିବା ଆଦି ଅଭ୍ୟାସ ଗୁଡିକ ମଧ କରିପାରିବ । ମୁଁ ଗାଁର କିଛି ପରିବାରକୁ ବୁଲିଯିବାବେଳେ ଦେଖିଲି ଯେ ପିଲାମାନେ ଦାଣ୍ଡରେ କୁକୁର, ଛେଳି ଓ କୁକୁଡା ଆଦିଙ୍କୁ ଧରି ଖେଳୁଛନ୍ତି ଏବଂ ଘରକୁ ଆସି ହାତ ନଧୋଇ ଖାଇ ବସୁଛନ୍ତି । ସେହିପରି ଘର ଭିତରେ କୁକୁଡା, ଛେଳି ଆଦି ପଶି ମଳମୁତ୍ର ତ୍ୟାଗ କରି ଦେଉଛନ୍ତି । ପିଲାମାନେ ସେସବୁ ଖାଲି ପାଦରେ ମାଡି ଯିବା ଆସିବା କରୁଛନ୍ତି ।

ମୁଁ ଅଙ୍ଗନବାଡି କର୍ମୀଙ୍କ ସହ ଆଲୋଚନା କରି କେନ୍ଦ୍ରରେ ଏକ ଛୋଟ ବଗିଚା କରିବାକୁ ପ୍ରସ୍ତାବ ଦେଲି । ସେଥିରେ ବିଭିନ୍ନ ଫୁଲ ଗଛ ସାଙ୍ଗକୁ ପନିପରିବା ଗଛ ମଧ ରହିବ । ତାହାକୁ ଦେଖାଇ ଗାଁର ମହିଳା ଓ ଅଭିଭାବକ ମାନଙ୍କୁ ସଚେତନକରିବାକୁ ସୁବିଧା ହେବ । କର୍ମୀ ଜଣଙ୍କ ମୋ କଥାରେ ମଧ ସହମତ ହେଲେ । କେନ୍ଦ୍ର ସାମ୍ନାରେ ଥିବା ଜାଗାଟିକୁ ବାଡଦେଇ ସେଠାରେ ବଗିଚାଟିଏ ଆରମ୍ଭ କଲୁ । ବିଭିନ୍ନ ଫୁଲଗଛ ସହ ପରିବା ଚାରା ମଧ ଲଗାଇଲୁ । ସେଠାରେ ବଗିଚା ହେଉଥିବା ଦେଖି ଗାଁର କିଛି ମହିଳା ମଧ ଖୁସିରେ ଆସି କାମରେ ଯୋଗ ଦେଲେ । ଆମେ କେନ୍ଦ୍ରରେ ପିଲାମାନଙ୍କୁ ସେମାନଙ୍କର ପରିଷ୍କାର ପରିଛନ୍ନତା ବିଷୟରେ ଶିକ୍ଷା ଦେଲୁ । ଖାଇବା ପୂର୍ବରୁ ଭଲଭାବରେ ହାତ ଓ ପାଟି ଧୋଇବା, ବାହାରେ ଖେଳିସାରି ଘରକୁ ଫେରିଲେ ଭଲଭାବେ ଗୋଡହାତ ଧୋଇ ଫେରିବା, ସବୁଦିନ ଭଲ ଭାବରେ ଗାଧୋଇବା ଆଦି  ଅଭ୍ୟାସ ଗୁଡିକ ପାଳନ କରିବା ଶିଖାଇଲୁ ।


କିଛି ଦିନ ପରେ କେନ୍ଦ୍ରର ବଗିଚାରେ ଲଗାଇଥିବା ଗଛ ଗୁଡିକ ବଡ ହୋଇ ଆସିଲା । ଆମେ ପିଲାମାନଙ୍କ ଅଭିଭାବକ ଓ କମିଟିର ସଭ୍ୟା ମାନଙ୍କୁ ନେଇ କେନ୍ଦ୍ରରେ ଏକ ବୈଠକ ଆୟୋଜନ କଲୁ । ସମସ୍ତ ଅଭିଭାବକ ଆସିଲେ । ପ୍ରଥମେ ସେମାନଙ୍କୁ ସେମାନଙ୍କ ପିଲାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରିଲୁ । ସେମାନେ କିଏ ଜ୍ୱର ପାଇଁ ଖର୍ଚ୍ଚାନ୍ତ ହୋଇଛି, କିଏ ପିଲାର ଝାଡା ରୋକିବା ପାଇଁ ବାରମ୍ବାର ଡାକ୍ତରଖାନା ଦୌଡିଛି, କିଏ ଯେତେ ଔଷଧ ଦେଲେ ମଧ ପିଲାର ସ୍ୱାସ୍ଥ୍ୟ ପରିବର୍ତ୍ତନ ହେଉନାହିଁ ଆଦି ସମସ୍ୟା କଥା ଜଣାଇଲେ । ଆମେ ସେମାନଙ୍କୁ କେନ୍ଦ୍ରର ବଗିଚାଟିକୁ ନେଇ ବୁଲାଇଲୁ । ତାପରେ ବୈଠକରେ ଶିଶୁର ଖାଦ୍ୟ ଓ ପୁଷ୍ଟି ଆବଶ୍ୟକତା ସଂପର୍କରେ ବୁଝାଇଲୁ । ପିଲାମାନେ କିପରି ଉପଯୁକ୍ତ ଖାଦ୍ୟ ଅଭାବରୁ ଅପପୁଷ୍ଟିର ଶିକାର ହେଉଛନ୍ତି ତାହା ଦର୍ଶାଇଲୁ । ପିଲାଟି ଅପପୁଷ୍ଟିର ଶିକାର ହେଲେ ତାର ଶରୀର ଦୁର୍ବଳ ହୋଇଯିବ ଏବଂ ତାର ଦେହର ରୋଗ ପ୍ରତିରୋଧ ଶକ୍ତି କମିଯିବ । ସେ ନାନା ରୋଗର ଶିକାର ହେବ ଏବଂ ଏଥିପାଇଁ ଡାକ୍ତରୀ ଔଷଧରେ ସବୁବେଳେ ଖର୍ଚ୍ଚାନ୍ତ ହେବାକୁ ପଡିବ । ତେଣୁ ତାର ଦେହ ଯଦି ସୁସ୍ଥ ରହୁଛି ତାହେଲେ ଅନେକ ରୋଗ ତା ଦେହରେ ପଶିପାରିବ ନାହିଁ ଏବଂ ପରିବାରଟି ଅନେକ ଖର୍ଚ୍ଚରୁ ବଞ୍ଚିଯିବ । ତାର ଏହି ଖାଦ୍ୟ  ପାଇଁ ବିଶେଷ ଖର୍ଚ୍ଚ ମଧ କରିବାକୁ ପଡିବ ନାହିଁ । ସମସ୍ତେ ନିଜ ବାରିପଛପଟେ ଛୋଟ ଜାଗାରେ କେନ୍ଦ୍ରର ବଗିଚା ପରି ବଗିଚାଟିଏ କରି ପାରିବେ । ସେଠାରେ ଶାଗ ଓ କିଛି ପରିବା ଲଗାଇପାରିବେ । ସେହିପରି ନିଜ ବାଡିରେ ଅମୃତଭଣ୍ଡା, କଦଳୀ ଓ ସଜନା ଗଛ ବି ଲଗାଇ ପାରିବେ । ଏ ସବୁଥିରୁ ସତେଜ ପରିବା ସବୁଦିନ ମିଳିବ । ସେହିପରି ପିଲାମାନଙ୍କ ଖାଦ୍ୟରେ ସମୟାନୁବର୍ତ୍ତୀ ହେବା, ସେମାନଙ୍କୁ ଗରମ ଖାଦ୍ୟ ଦେବା ଏବଂ ପରିଷ୍କାର ପରିଛନ୍ନ ରଖିବା ବି ଜରୁରୀ । କେନ୍ଦ୍ରରେ ପିଲାମାନଙ୍କୁ ସେସବୁ ଅଭ୍ୟାସ କରାଯାଇଛି ଏବଂ ବାପା ମାଆ ମାନେ ଘରେ ତାହା ତଦାରଖ କରିବାକୁ ଜଣାଇଲୁ ।

ସେହିପରି ପିଲାମାନଙ୍କୁ ଜାମାପଟା ସଫା ରଖିବା, ସେମାନଙ୍କ ନଖ କାଟିବା, ସେମାନଙ୍କୁ ଭଲଭାବେ ଦାନ୍ତ ଘଷାଇବା, ସମୟାନୁସାରେ ଝାଡା ନେବା ଓ ଶୌଚ କରାଇବା ଆଦି ଦାୟିତ୍ୱ ଗୁଡିକ ମଧ ବାପା ମାଆ ତୁଲାଇବା ଆବଶ୍ୟକ । ଅଭିଭାବକ ମାନେ ଏସବୁ ଉପଲବ୍ଧୀ କରି କାମ କରିବେ ବୋଲି ଜଣାଇଲେ ।

ଏବେ କେନ୍ଦ୍ରର ବଗିଚାଟି ବିଭିନ୍ନ ଫୁଲ ଓ ପରିବାରେ ବେଶ୍ ସୁନ୍ଦର ଦିଶୁଛି । ଗାଁ ଲୋକମାନେ ମଧ ନିଜ ବାଡିରେ ବଗିଚା କରିବା ଆରମ୍ଭ କରି ଦେଇଛନ୍ତି । ଅଙ୍ଗନବାଡି କର୍ମୀ ପ୍ରତି ଘରକୁ ବୁଲି ସେମାନଙ୍କ ବଗିଚା କାମ ପାଇଁ ଉତ୍ସାହିତ କରୁଛନ୍ତି ।


# ପାଠରେ ଆଗୁଆ ହେଲା ନିକିତା

କନକଲତା ପାତ୍ର



ଏ ବର୍ଷ ପ୍ରଥମ ଶ୍ରେଣୀରେ ପ୍ରାଥମିକ ସ୍କୁଲ୍‌ରେ ନାଁ ଲେଖାଇଛି ନିକିତା । ତେବେ ଶ୍ରେଣୀରେ ନାଁ ଲେଖାଇବା ବେଳକୁ ସେ ପ୍ରଥମ ଶ୍ରେଣୀର ଦକ୍ଷତା ହାସଲ କରି ସାରିଛି । ଅକ୍ଷର ଲେଖା, ଶବ୍ଦ ଗଠନ, ସଂଖ୍ୟା ଲେଖା, ଗଣନା ଆଦି ତାର ସଂପୂର୍ଣ୍ଣ ଭାବେ ମୁଖସ୍ଥ । ସେହିପରି ଗପ କହିବା, ଗୀତ ଗାଇବା ଆଦିରେ ମଧ ଧୁରନ୍ଧର ସେ । ପ୍ରାଥମିକ ଭାବେ ଭାଷାଗତ ଦକ୍ଷତା ହିସାବରେ କହିବା ଏବଂ ଶୁଣିବା, ଛବି ବା ମୁଦ୍ରିତ ଅକ୍ଷରକୁ ଜାଣିବା, ବହି ବିଷୟରେ ଧାରଣା ପାଇବା, ବର୍ଣ୍ଣମାଳା ଜ୍ଞାନ ହାସଲ କରିବା ଏବଂ ଶବ୍ଦ ଓ ଧ୍ୱନୀକୁ ଜାଣିବା ଆଦି ପାଂଚଟି ଦକ୍ଷତା ଏବଂ ଗଣିତ ରେ ସଂଖ୍ୟା ଗଣନ, ଯୋଡା ବା ଢା□, ବାଛିନା ନା ବିଭଅଗୀକରଣ, ତୁଳନା ଓ ମାପ ଏବଂ ରେଖଅ ଗଣିତ ଆଦି ସମୁଦାୟ ଦଶଟି ଦକ୍ଷତା ହାସଲ କରି ନେଇଛି ସେ । ଏଥିପାଇଁ ସେ ଶ୍ରେଣୀରେ କେବଳ ଆଗୁଆ ହୋଇନାହିଁ ଅନ୍ୟ ପିଲାମାନଙ୍କୁ ପଢିବାରେ ମଧ ସହାୟତା କରୁଛି । ତାର ଏହି ସଫଳତାର କାରଣ ହେଉଛି ଅଙ୍ଗନବାଡି ।

ରତଙ୍ଗ ପ□ାୟତର ବାରଣୀପଦର ଗାଁରେ ନିକିତାର ଘର । ବାପା ଦିଲିପ ଦନ୍ତା ଓ ମା ନିରୁପମାଙ୍କ ତିନିଝିଅଙ୍କ ମଧରୁ ମଝିଆ ଝିଅ ସେ । ନିକିତାର ପାଠପଢା ପ୍ରତି ସବୁବେଳେ ଆଗ୍ରହ । ସ୍ଥଅନୀୟ ଅଙ୍ଗନବାଡିକୁ ସେ ନୀୟମିତ ଆସେ । ତାର ପଢା ପ୍ରତି ଆଗ୍ରହ ଯୋଗୁଁ ଅଙ୍ଗନବାଡି କର୍ମୀଙ୍କର ମଧ ସେ ବହୁତ ଗେହ୍ଲା । ତେବେ ଗତବର୍ଷ ତାର ପଢାରେ ଟିକେ ବ୍ୟାଘାତ ଆସିଲା । ବାପାଙ୍କର ଦେହ ଅସୁସ୍ଥ ହୋଇଗଲା ଏବଂ ତାଙ୍କର ପେଟ ଅପରେସନ ହେଲା । ସେ ନିକିତାକୁ ଘରେ ପଢାଶୁଣା ଦାୟିତ୍ୱ ନେଉଥିଲେ । ଦେହ ଖରାପ ଯୋଗୁଁ ସେ ତାକୁ ପଢାଇବାରେ ଧାନ ଦେଇ ପାରିଲେ ନାହିଁ । ତାଛଡା ଅଙ୍ଗନବାଡି ପାଠ ପଢା ମଧ ଠିକ୍ ଭାବେ ହୋଇପାରିଲା ନାହିଁ । ଅଙ୍ଗନବାଡି କର୍ମୀ ନିଜର



ପ୍ରସୂତିକାଳିନ ଛୁଟିରେ ରହିଲେ । କେନ୍ଦ୍ର ସହାୟିକା ଅଳ୍ପ ଶିକ୍ଷିତା ଥିବାରୁ ପିଲାଙ୍କ ଖାଦ୍ୟ ରନ୍ଧା ସହ ପଢିବା ଦାୟିତ୍ୱ ତୁଲାଇବା ସମ୍ଭବ ହେଲା ନାହିଁ । ପାଖ ଅଙ୍ଗନବାଡି କର୍ମୀ ଦାୟିତ୍ୱ ନେଇଥିଲେ ମଧ୍ୟ ନିଜ କେନ୍ଦ୍ରଛାଡି ଏଠାକୁ ସବୁବେଳେ ଆସିବା ସମ୍ଭବ ନଥିଲା । ଏହି ସମୟକୁ ମୁଁ କେନ୍ଦ୍ର ପରିଦର୍ଶନରେ ଯାଇଥିଲି ଏବଂ ପିଲାମାନଙ୍କର ଏହି ଅସୁବିଧାକୁ ଲକ୍ଷ୍ୟ କଲି । ତେଣୁ ମୁଁ ଉପସ୍ଥିତ ରହୁଥିବା ସମୟତକ ସେମାନଙ୍କୁ ପଢାଇଲି । ଏହି ସମୟରେ ନିକିତାର ପାଠପଢା ଆଗ୍ରହ ମୋର ଦୃଷ୍ଟି ଆକର୍ଷଣ କଲା । ସବୁ କଥା ସେ ଶିଘ୍ର ଧରି ପାରୁଥିଲା ଏବଂ ଗପ ଗୀତ ଆଦିକୁ ସାଙ୍ଗେ ସାଙ୍ଗେ ମନେ ରଖିଦେଇପାରୁଥିଲା । ମୁଁ ସେମାନଙ୍କୁ ଚାର୍ଟ, ପୋଷ୍ଟର ଓ ଖେଳନା ଆଦି ବ୍ୟବହାର କରି ପଢାଉଥିଲି । ଦ୍ୱିତୀୟ ଥର ମୁଁ ସେହି କେନ୍ଦ୍ରକୁ ଗଲାବେଳେ ନିକିତା ମଧ୍ୟ ଆସିଥିଲା । ସହାୟିକା ଦିଦି କହିଲେ ଯେ କେହି ନଥିବାବେଳେ ସେ ପିଲାମାନଙ୍କୁ ଗପ ଗୀତ ଆଦି କହି ପଢାଉଛି । ମୋତେ ବହୁତ ଖୁସି ଲାଗିଲା ଏବଂ ଶ୍ରଦ୍ଧାରେ ତା ମୁଣ୍ଡକୁ ଆଉଁସି ଦେଲି । ସେଦିନ ସେ ମୋତେ ସାଙ୍ଗରେ ତାର ଘରକୁ ନେଇଗଲା । ଘରେ ତାର ବାପା ଓ ମାଆ ମଧ୍ୟ ଥିଲେ । ମୋତେ ଦେଖି ସମସ୍ତେ ବହୁତ ଖୁସି ହେଲେ । ତାର ବାପା ଜଣାଇଲେ ଯେ ମୁଁ ଯେପରି ସ୍କୁଲରେ ପଢାଉଛି ନିକିତା ଆସି ଘରେ ସେସବୁ ବୁଝାଉଛି । ବିଭିନ୍ନ ଅଙ୍ଗଭଙ୍ଗୀକରି ଗୀତ ଗାଉଛି ଓ ଗପ କହୁଛି । ଏହି ପ୍ରକ୍ରିୟା ଦ୍ୱାରା ପାଠ ପଢିବାକୁ ସେ ବୋଝ ପରି ଭାବୁନାହିଁ ଏବଂ ବହୁତ କଥା ଶିଘ୍ର ଶୀଘ୍ର ମନେ ରଖିପାରୁଛି । ସବୁଠୁ ବଡ କଥା ହେଲା ଏହା ତା ମନରେ ପାଠ ପ୍ରତି ବହୁତ ଆଗ୍ରହ ସୃଷ୍ଟି କରିଛି ଏବଂ କେହି କହୁ କି ନକହୁ ସେ ନିଜେ ନିଜେ କେନ୍ଦ୍ରକୁ ଯିବା, ଘରେ ପାଠ ବହି ଖୋଲି ପଢିବା ଆଦି କାମ କରୁଛି । ମୁଁ ସେମାନଙ୍କୁ ସ୍ୱାତୀ ଦ୍ୱାରା ଚାଲିଥିବା ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମ ସଂପର୍କରେ ବୁଝାଇଥିଲି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ କିପରି ପିଲାମାନଙ୍କ ଶିକ୍ଷାକୁ ସହଜ ଆକର୍ଷଣୀୟ କରିବାକୁ ବିଭିନ୍ନ ଶିକ୍ଷଣ ସାମଗ୍ରୀର ପ୍ରୟୋଗ କରାଯାଉଛି ଏବଂ କେନ୍ଦ୍ରର କର୍ମୀ ମାନଙ୍କୁ ଏଥିପାଇଁ ତାଲିମ ଦିଆଯାଇଛି ତାହା ଜଣାଇଥିଲି । ଏହି କୌଶଳ ପିଲାମାନଙ୍କୁ ପାଠପଢା ପ୍ରତି ଆଗ୍ରହି କରିବା ସହ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀକୁ ମଧ୍ୟ ବିକାଶ କରିବ ବୋଲି ଜଣାଇଥିଲି । ତାର ବାପା ମାଆ ବିଭିନ୍ନ ସମୟରେ କେନ୍ଦ୍ରକୁ ଆସି ପିଲାମାନଙ୍କୁ ପଠାରେ ସାହାଯ୍ୟ କରିବାକୁ କହିଥିଲେ । ମୁଁ ମଝିରେ ମଝିରେ ସେହି କେନ୍ଦ୍ରକୁ ଯାଉଥିଲି ଏବଂ ପିଲାମାନଙ୍କ ପଢିବାରେ ଆଗ୍ରହ ସୃଷ୍ଟି କରୁଥିଲି । ପିଲାମାନଙ୍କୁ ଧରି ବିଭିନ୍ନ ଶିକ୍ଷଣ ସାମଗ୍ରୀ ମଧ୍ୟ ତିଆରି କରୁଥିଲି । ଏସବୁଥିଲେ ନିକିତା ବହୁତ ସାହାଯ୍ୟ କରୁଥିଲା । ନିକିତା ପରି ପିଲାମାନଙ୍କ ଆଗ୍ରହ ଦେଖି ମୁଁ ବୁଝି ପାରିଲି ଯେ, ପିଲାମାନଙ୍କୁ ଶିକ୍ଷାଦାନ କରିବା ପାଇଁ ଭୟ ପ୍ରଦର୍ଶନ କରିବା, ଆକଟ କରିବା କିମ୍ବା ବାଧ ବାଧକତା କରିବା ବିଶେଷ ଜରୁରୀ ନୁହେଁ । ସେମାନଙ୍କୁ କେବଳ ଶ୍ରଦ୍ଧା ଦ୍ୱାରା ଏବଂ ନାଚ, ଗୀତ ଓ ଗପ ଆଦି ମାଧ୍ୟମରେ ବେଶ୍ ଭଲଭାବେ ପଢାଯାଇପାରିବ ।



# ଆୟୁଷର ଭୟ ଦୂରହେଲା

ରୀନା ପ୍ରଧାନ




ଅତି ଭୟାଳୁ ଥିଲା ଆୟୁଷ । ପାଂଚ ବର୍ଷର ସାନ ପିଲାଟି, ଉର୍କିଆ ଗାଁ ଅଙ୍ଗନବାଡି କେନ୍ଦ୍ରରେ ପଢେ । ପ୍ରଥମେ ମୁଁ ଯେତେବେଳେ ସେହି କେନ୍ଦ୍ରକୁ ଯାଇଥିଲି ଏବଂ ପିଲାମାନଙ୍କ ସହ ମିଶି ସେମାନଙ୍କୁ ସେମାନଙ୍କ ପରିଚୟ ପଚାରିଥିଲି ସମସ୍ତେ କହିଲେ ମଧ ଜଣେପିଲା କିଛି ନକହି ଚୁପ୍ ରହିଲା । ମୁଁ ଯେତେବେଳେ ତାର ନାଁ ପଚାରିଲି ସେ ବହୁତ ଭୟ କରି ଥରିବାକୁ ଆରମ୍ଭ କଲା । ମୁଁ ଭାବିଲି ବୋଧହୁଏ ପିଲାଟି ମୋତେ ହିଁ ବେଶି ଭୟ କରୁଛି । କିନ୍ତୁ ଅଙ୍ଗନବାଡି ଦିଦି ଜଣାଇଲେ ଯେ ସେ ବାହାର ଲୋକ ସମସ୍ତଙ୍କୁ ଏପରି ଭୟ କରେ । ସେଦିନ ମୁଁ ପିଲାମାନଙ୍କ ସହ ଯାହା ଯାହା ଆଲୋଚନା କଲି ବା ଗୀତ ଗପ ଆଦି କହିଲି ତାହା ଅନ୍ୟ ପିଲାମାନେ ଆଗ୍ରହରେ ଭାଗ ନେଉଥିଲେ ମଧ ଆୟୁଷ ଚୁପ୍‌ଚାପ୍ ରହୁଥିଲା । ମୁଁ ତାକୁ ଯେତେ ଶ୍ରଦ୍ଧା କରି ବୁଝାଉଥିଲେ ମଧ ସେ ମୋ ସହ ମିଶୁ ନଥିଲା । ଏହା ପିଲାଟିର ଏକ ପ୍ରକାର ଭୟାଳୁ ସ୍ୱଭାବ ଏବଂ ଏହାକୁ ଦୂରକରିବା ନିତାନ୍ତ ଜରୁରୀ ବୋଲି ଭାବିଲି । ସେଦିନ ତାଙ୍କ ଘରକୁ ଯାଇ ତାର ବାପା ମାଆଙ୍କ ସହ ସାକ୍ଷାତ କରି ଆୟୁଷର ଏହି ଭୟ ବିଷୟରେ ପଚାରିଲି । ମୁଁ ଭାବୁଥିଲି ବୋଧହୁଏ ପରିବାରରେ ଆଗରୁ କିଛି ଭୟ ଦେଖାଇଥିବାରୁ ସେହି ଭୟ ତା ମନରେ ରହିଯାଇଛି । ତେବେ ତାର ବାପା ଜଣାଇଲେ ଯେ ପିଲା ଦିନରୁ ତାର ଏହି ସ୍ୱଭାବ ରହିଛି । ଘର ଲୋକଙ୍କ ଛଡା ବାହାରର ଅନ୍ୟ ଯେକୌଣସି ଲୋକଙ୍କୁ ମିଶିବାକୁ ସେ ଭୟ କରୁଛି । ମୁଁ ଜାଣିଲି ଯେ ପିଲାଟିର ଏହି ସ୍ୱଭାବ ବଦଳାଇବା ପାଇଁ ପରିବାର ଏବଂ ତା ସହ ମିଶୁଥିବା ସମସ୍ତେ ବିଶେଷ ଧ୍ୟାନ ଦେବା ଆବଶ୍ୟକ । ଆୟୁଷକୁ ନିଜ ସହ ହାଟ, ମାର୍କେଟ, ବନ୍ଧୁଘର ଆଦି ନୂଆ ନୂଆ ସ୍ଥାନକୁ ବୁଲାଇନେବା ସହ ଗାଁ ପିଲାମାନଙ୍କ ସହିତ ଓ ଗାଁର ଅନ୍ୟ ଲୋକଙ୍କ ସହିତ ଭଲଭାବେ ମିଶିବାକୁ ଦେବାପାଇଁ ମୁଁ ତାର ବାପା ମାଆଙ୍କୁ କହିଲି । ସେହିପରି କେନ୍ଦ୍ରରେ ତା ସାଙ୍ଗରେ ଅଧିକ ସମୟ ଜଡିତ ରହି କିପରି ତାର ସ୍ୱଭାବ ବଦଳାଇହେବ ସେ ବିଷୟରେ କର୍ମୀଙ୍କ ସହ କଥାହେଲି ।

କେନ୍ଦ୍ରରେ ତା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ଗୀତ, ଗପ ଓ ନାଚ ଦ୍ୱାରା ତାର ମନକୁ ସହଜ କରିବାକୁ ସବୁବେଳେ ଚେଷ୍ଟା କଲି । ତାକୁ ଅଧିକ କଥା କୁହାଇବା ପାଇଁ ବିଭିନ୍ନ କୌଶଳ କଲି । ସ୍ୱାତୀ ଦ୍ୱାରା ଅଙ୍ଗନବାଡି କେନ୍ଦ୍ରକୁ ଦିଆଯାଇଥିବା ବିଭିନ୍ନ ଶିକ୍ଷଣ ସାମଗ୍ରୀ ଓ ଖେଳ ସରଞ୍ଜାମ ଗୁଡିକ ପିଲାର ଅନ୍ତର୍ନିହିତ ଶକ୍ତିକୁ ବିକାଶ କରିବାକୁ ଉଦ୍ଦିଷ୍ଟ ଥିଲା । ମୁଁ ସେସବୁ ସାହାଯ୍ୟରେ ଆୟୁଷକୁ ଶିକ୍ଷା ଦାନ କଲି । ଥରେ ଦୁଇଥର ଏହି ପରି କରିବା ପରେ ତାର କିଛି କିଛି ପରିବର୍ତ୍ତନ ଆସୁଥିବା ହୃଦ୍‌ବୋଧ ହେଲା । ସ୍ଥାନୀୟ କର୍ମୀଙ୍କୁ ଆୟୁଷର ଶିକ୍ଷା ସମୟରେ ତାହାପ୍ରତି ଅଧିକ ଧ୍ୟାନ ଦେବାକୁ କହିଲି । ମୁଁ ଯେତେବେଳେ ସେହି କେନ୍ଦ୍ରକୁ ଯାଏ ପିଲାମାନଙ୍କ ଶିକ୍ଷାକୁ ଅନୁଧାନ କରିବା ସହ ଆୟୁଷର



ପରିବର୍ତ୍ତନ ପ୍ରତି ଲକ୍ଷ୍ୟ ରଖେ । ତାର ଘରକୁ ଯାଇ ବାପା ମାଆଙ୍କୁ ମିଶେ ଏବଂ ତାକୁ ବିଭିନ୍ନ ସ୍ଥାନକୁ ନେଉଛନ୍ତି କି ନାହିଁ ପଚାରି ବୁଝେ ।

ଏବେ ଏକ ବର୍ଷପରେ ମୁଁ ଲକ୍ଷ୍ୟ କରୁଛି ଯେ ପ୍ରଥମେ ଆୟୁଷର ଯେଉଁ ଭୟଥିଲା ତାହା ଅଶୀ ଶତାଂଶ କମି ଆସିଛି । ଏବେ ସେ ସ୍ୱଭାବରେ ଟିକିଏ ଲାଜକୁଳା ଅଛି କେବଳ । ତେବେ ପାଠ ପଢା ସମୟରେ ସମସ୍ତଙ୍କ ସହ ଭାଗ ନେଉଛି ଏବଂ ବିଭିନ୍ନ ଉତ୍ତର ମଧ ଦେଉଛି । ସେ ଏବେ ଟିକେ ଚାଲାକ ହେଲାଣି ବୋଲି ତାର ବାପା ମଧ ହସି ହସି କୁହନ୍ତି ।

# ଗ୍ରାମବାସୀଙ୍କ ମତଭେଦ ଦୂରହେଲା

ମାଳତୀ ପ୍ରଧାନ




ଗ୍ରାମୀଣ ଅନୁଷ୍ଠାନଟିକୁ ଠିକ୍ ଭାବେ ଚଳାଇବାକୁ ହେଲେ ଗ୍ରାମ ସଂଗଠନ ଭିତରେ ଉତ୍ତମ ବୁଝାମଣା ଓ ଦୃଢତା ରହିଥିବା ଜରୁରୀ । ବର୍ତ୍ତମାନ ସମୟରେ ଗାଁ ଗୁଡିକରେ ରାଜନୈତିକ କନ୍ଦଳ ଓ ଏକତାର ଅଭାବ ଯୋଗୁଁ ଅନେକ ଗାଁସ୍ତରୀୟ ଅନୁଷ୍ଠାନ ସ୍ଥାଣୁ ପାଲଟି ଯାଉଛି ଏବଂ ଏଥିରୁ ଗାଁ ଲୋକମାନେ ଯେଉଁ ସୁବିଧା ସୁଯୋଗ ପାଇବା କଥା ତାହା ପାଇପାରୁନାହାନ୍ତି । ଅଙ୍ଗନବାଡି ଗାଁର ଏକ ଅତ୍ୟାବଶ୍ୟକୀୟ ଓ ପ୍ରମୁଖ ଅନୁଷ୍ଠାନ । ଏହା ଗାଁର ମହିଳା ଓ ଶିଶୁ ମାନଙ୍କୁ କେବଳ ସ୍ୱାସ୍ଥ୍ୟଗତ ସହାୟତା ଯୋଗାଇ ନଥାଏ ବରଂ ଶିଶୁ ମାନଙ୍କର ଆଦ୍ୟ ଶିକ୍ଷା କେନ୍ଦ୍ରର ଭୂମିକା ତୁଲାଇଥାଏ । ତେବେ ସ୍ଥାନୀୟ କର୍ମୀ ଓ ଗ୍ରାମ କମିଟି ତତ୍ତ୍ୱାବଧାନରେ ଏହା ଚାଲୁଥିବାରୁ ବିଭିନ୍ନ ସମୟରେ ଗ୍ରାମୀଣ କନ୍ଦଳ ଓ ରାଜନୈତିକ ବିଭେଦତା ଏହାକୁ ପ୍ରଭାବିତ କରିଥାଏ । ଗାଁ ଲୋକମାନେ ଏ ବିଷୟରେ ଭଲଭାବେ ସଚେତନ ହେଲେ ହିଁ ଏ ସମସ୍ୟା ସମାଧାନ ହୋଇପାରିବ ।

ବନ୍ଧଗଡ ପଞ୍ଚାୟତର ଟୀରାମାହା ଗାଁରେ ରହିଛି ଅଙ୍ଗନବାଡି କେନ୍ଦ୍ରଟିଏ । ସ୍ଥାନୀୟ ଗୁଛାସାହି, ଟୀରାମାହା ଓ ମାଣ୍ଡିଆପଦର ଗାଁ ତିନୋଟି ପାଇଁ ଏହି କେନ୍ଦ୍ରଟି । ତେବେ କେନ୍ଦ୍ରଟି ପାଖରୁ ପ୍ରତି ଗାଁର ଦୂରତା ୧ରୁ ୨ କିଲୋମିଟର ପର୍ଯ୍ୟନ୍ତ ରହିଛି । ଗତ ବର୍ଷକ ପୂର୍ବରୁ ମୁଁ ପ୍ରଥମେ ଏହି କେନ୍ଦ୍ରକୁ ଯିବାବେଳେ ଦେଖିଲି କେନ୍ଦ୍ରରେ ମାତ୍ର ଜଣେ ପିଲା ହିଁ



ଉପସ୍ଥିତ ଅଛି । ସ୍ଥାନୀୟ କର୍ମୀଙ୍କୁ ଏହାର କାରଣ ପଚାରିବାରୁ ସେ ଜଣାଇଥିଲେ ଯେ କିଛିମାସ ହେବ ସହାୟିକା ନିଯୁକ୍ତିକୁ ନେଇ ତିନି ଗାଁ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି । ତେଣୁ ସେମାନେ କେନ୍ଦ୍ରକୁ ଠିକ୍ ଭାବେ ପିଲାମାନଙ୍କୁ ପଠାଉ ନାହାନ୍ତି । ମୁଁ ଲକ୍ଷ୍ୟକଲି ଗାଁ ଲୋକମାନଙ୍କ ଭିତରେ ଏହି ଭୂଲ୍ ବୁଝାମଣା ଯୋଗୁଁ ପିଲାମାନଙ୍କର ଭବିଷ୍ୟତ ଅନ୍ଧକାର ହେଉଛି । ସେମାନେ ଶିକ୍ଷାରୁ ବଂଚିତ ହେଉଛନ୍ତି ଏବଂ ଏହା ତାଙ୍କର ପ୍ରାଥମିକ ଶିକ୍ଷା ଓ ବିକାଶ ପ୍ରତି ବାଧା ସୃଷ୍ଟି କରୁଛି । ସ୍ଥାନୀୟ କର୍ମୀଙ୍କ ସହ ଆଲୋଚନା କରି ଏହାର ସମାଧାନ ପନ୍ଥା ବାହାର କଲି । ସ୍ଥିର ହେଲା ଆମେ ଗାଁ ଗୁଡିକରେ ଏ ବିଷୟ ନେଇ ଅଭିଭାବକ ମାନଙ୍କୁ ବୁଝାଇବା ଏବଂ କମିଟି ଗୁଡିକୁ ସେମାନଙ୍କ ଦାୟିତ୍ୱ ବିଷୟରେ ସଚେତନ କରିବା । କର୍ମୀ ଜଣଙ୍କ ଏଥିପାଇଁ ଆଗରୁ ଅନେକ ଚେଷ୍ଟାକରି ବିଫଳ ହୋଇଥିବା କହିଲେ । ତେବେ ମୁଁ ତାଙ୍କୁ ଏଥିରେ ସହାୟତା କରିବି ଏବଂ ସେ ଗାଁ ବୈଠକ ଗୁଡିକରେ କେନ୍ଦ୍ରର ବିଭିନ୍ନ ସୁବିଧା ସୁଯୋଗ ଗୁଡିକ ଭଲଭାବେ ଆଲୋଚନା କରିବେ । ବୁଝୁନଥିବା ଲୋକମାନେ ଯେତେ ବିଶୃଙ୍ଖଳା କଲେ ମଧ୍ୟ ସେଥିରେ ବ୍ୟଥିତ ନହୋଇ ସେମାନଙ୍କୁ ବୁଝାଇବେ । କେନ୍ଦ୍ରର କର୍ମୀ ହିସାବରେ ଗାଁ ପିଲାମାନଙ୍କ ଭବିଷ୍ୟତ ଆମ ହାତରେ ଏବଂ ଏଥିପାଇଁ ସବୁପ୍ରକାର ଆହ୍ୱାନକୁ ସାମ୍ନା କରି ସଫଳତା ପାଇଲେ ହିଁ ଆମେ ସଫଳ ହେବା ବୋଲି ତାଙ୍କୁ ବୁଝାଇଲି । ସେ ମଧ୍ୟ ଏଥିପାଇଁ ସକ୍ରିୟ ଭାବେ ସହଯୋଗ କରିବେ ବୋଲି ଜଣାଇଲେ ।

ଆମେ ପ୍ରଥମେ ଗାଁ ଗୁଡିକରେ ଶିଶୁ ଥିବା ଅଭିଭାବକ ମାନଙ୍କୁ ମିଶିଲୁ ଏବଂ ଅଙ୍ଗନବାଡିକୁ ନ ଆସିବା ଦ୍ୱାରା ସେମାନଙ୍କ ଶିକ୍ଷା କିପରି ବାଧାପ୍ରାପ୍ତ ହେଉଛି ତାହା ବୁଝାଇଲୁ । କିଛି ଅଭିଭାବକ ପିଲାମାନଙ୍କୁ ଛାଡିବାକୁ ଆଗ୍ରହୀ ହେଲେ । ଆଉ କିଛି ଅଭିଭାବକ ସହାୟିକା ସବୁଦିନ ସେମାନଙ୍କ ପିଲା ମାନଙ୍କୁ ନେବା ଆଣିବା କରିବାକୁ ଅଡି ବସିଲେ । ଆମେ ମଧ୍ୟ କେନ୍ଦ୍ରର ମାତୃକମିଟି ଓ ଯାଂଚ କମିଟି ସଭ୍ୟା ମାନଙ୍କୁ ମିଶି କେନ୍ଦ୍ର ପରିଚାଳନାରେ ସେମାନଙ୍କ ଦାୟିତ୍ୱ ବିଷୟରେ ବୁଝାଇଲୁ । ସମସ୍ତଙ୍କୁ ବ୍ୟକ୍ତିଗତ ଭାବେ ମିଶିବା ପରେ ପ୍ରତି ଗାଁରେ ଗୋଟିଏ ଗୋଟିଏ ଗାଁ ବୈଠକ କଲୁ । ବୈଠକରେ ମୁଖ୍ୟତଃ ଗାଁ ଶିଶୁ ମାନଙ୍କ ଭବିଷ୍ୟତ ଓ ଆଦ୍ୟ ଶୈଶବ ଶିକ୍ଷା ସଂପର୍କରେ ଆଲୋଚନା କରାଗଲା । ଶିଶୁର ଶିକ୍ଷାରେ ବାପା ମା ଓ ଅଙ୍ଗନବାଡି କେନ୍ଦ୍ରର ଦାୟିତ୍ୱ ବିଷୟରେ କୁହାଗଲା । କେନ୍ଦ୍ରଟି ଥିଲେ ମଧ୍ୟ ବାପା ମାଆ ଆଗ୍ରହ



ନେଇ ପିଲା ମାନଙ୍କୁ ନପଠାଇଲେ ସେମାନଙ୍କ ଶିକ୍ଷା ବ୍ୟାଘାତ ହେବ । ତାଛଡା ତିନିଟି ସାହି କେନ୍ଦ୍ରଠାରୁ ଦୂରରେ ରହୁଥିବାରୁ ସହାୟିକା ସମସ୍ତଙ୍କୁ ନେବା ଆଣିବା କରିବା ଆଦୌ ସମ୍ଭବ ହେବ ନାହିଁ ଏବଂ ଏଥିପାଇଁ ଅଭିଭାବକ ମାନଙ୍କୁ ଦାୟିତ୍ୱ ନେବାକୁ ପଡିବ । ଶିକ୍ଷିତ ଓ ସଚେତନ ଲୋକମାନେ ନିଜ ଛୋଟ ପିଲାମାନଙ୍କ ପଢିବା ପାଇଁ ନିଜେ ସେମାନଙ୍କୁ ସ୍କୁଲ୍‌କୁ ନବା ଆଣିବା କରିବା, ସକାଳୁ ସେମାନଙ୍କୁ ଟିଫିନ ଦେଇ ଛାଡିବା, ଘରେ ସେମାନଙ୍କୁ ନୀୟମିତ ପଢାଇବା ଆଦି କାମ

କରୁଥିବାରୁ ସେମାନଙ୍କ ପିଲାମାନେ ପାଠପଢା କ୍ଷେତ୍ରରେ ଅଧିକ ଆଗୁଆ ରହୁଛନ୍ତି । ଅଥଚ ଆମେ ନିଜ ପିଲାମାନଙ୍କୁ ନିଜେ ଅବହେଳା କରୁଛୁ । ମୁଁ ସାତୀ ଦ୍ୱାରା ଗାଁର ଶିଶୁଶିକ୍ଷାର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଓ ଦିଆଯାଉଥିବା ସହାୟତା ବିଷୟରେ ଜଣାଇଥିଲି ।

ଗାଁ ଗୁଡିକରେ ବିସ୍ତୃତ ଆଲୋଚନା ପରେ ଲୋକମାନଙ୍କ ଭିତରେ କେନ୍ଦ୍ରପ୍ରତି ଥିବା ମନୋଭାବରେ ପରିବ□ନ ଆସିଲା । ସେମାନେ ନିଜ ପିଲାମାନଙ୍କୁ କେନ୍ଦ୍ରକୁ ପଠାଇବାର ବ୍ୟବସ୍ଥା କଲେ । ମୁଁ ମଧ ବିଭିନ୍ନ ସମୟରେ କେନ୍ଦ୍ରକୁ ଯାଇ ସେଠାକାର କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ପିଲାମାନଙ୍କୁ ନୂଆ କୌଶଳରେ ଶିକ୍ଷାଦାନ କରୁଥିଲି । ସ୍ଥାନୀୟ କର୍ମୀଙ୍କୁ ସାତୀ ତରଫରୁ ଦିଆଯାଇଥିବା ବିଭିନ୍ନ ପଠନ ସାମଗ୍ରୀ ବ୍ୟବହାର କରି କିପରି ସହଜରେ ଶିକ୍ଷା ଦିଆଯାଇପାରିବ ଏବଂ ସେମାନଙ୍କ ଦକ୍ଷତାରେ ଅଭିବୃଦ୍ଧି ଅଣାଯାଇପାରିବ ତାହା ଆଲୋଚନା କରୁଥିଲି । କର୍ମୀଙ୍କର ଉଦ୍ୟମ ଯୋଗୁଁ ପିଲାମାନଙ୍କର ଶିକ୍ଷାରେ ଧିରେ ଧିରେ ଉନ୍ନତୀ ଆସିଲା । ଏବେ କେନ୍ଦ୍ରରେ ପିଲାଙ୍କ ଉପସ୍ଥାନ ବେଶ୍ ବୃଦ୍ଧି ପାଇଛି । ଗାଁ ଲୋକମାନେ ମଧ କେନ୍ଦ୍ରର ଗୁରୁତ୍ୱକୁ ବୁଝିବା ଆରମ୍ଭ କରିଛନ୍ତି ।

# ଶିଶୁଶିକ୍ଷାରେ ପରିବ□ନ ଆଣିଲେ ସୁପ୍ରଭା ଦିଦି

ବସନ୍ତ କୁମାର ପ୍ରଧାନ



ନାଁ ତାଙ୍କର ସୁପ୍ରଭା ପାତ୍ର, ହେଲେ ଗାଁ ଯାକର ଲୋକ ତାଙ୍କୁ ସୁପ୍ରଭା ଦିଦି ହିସାବରେ ଚିହ୍ନନ୍ତି । ସ୍ଥାନୀୟ ରତଙ୍ଗ ଅଙ୍ଗନବାଡି କେନ୍ଦ୍ରର କର୍ମୀ ସେ । ନିଜର ଅମାୟିକ ବ୍ୟବହାର ଓ ଲୋକସେବା ପାଇଁ ଗାଁର ପ୍ରତିଟି ପରିବାର ପାଖରେ ସେ ବେଶ୍ ସୁପରିଚିତା । କର୍ମୀ ହିସାବରେ ତାଙ୍କର ୨୭ ବର୍ଷର ଦୀର୍ଘ ଅଭିଜ୍ଞତା ରହିଛି । ୧୯୯୨ ମସିହାରେ ସେ ପ୍ରଥମେ ଏହି କାର୍ଯ୍ୟରେ ଯୋଗ ଦେଇଥିଲେ । ତିନି ବର୍ଷ କେଲାପଡା ପ□ାୟତରେ କାର୍ଯ୍ୟକଲା ପରେ ୧୯୯୫ ମସିହାରେ ରତଙ୍ଗ କେନ୍ଦ୍ରରେ ଯୋଗଦେଲେ । ସେବେଠାରୁ ୨୪ ବର୍ଷଧରି ଏହି କେନ୍ଦ୍ରରେ କାର୍ଯ୍ୟକରି ଆସୁଛନ୍ତି । ତେଣୁ ଗାଁର ପ୍ରତିଟି ପରିବାରର ପ୍ରତିଟି ବ୍ୟକ୍ତିଙ୍କ ଟିକ୍‌ନିକ ଖବର ତାଙ୍କ ପାଖରେ ରହିଛି । ନିଜର କାମ ବିଷୟରେ ପଚାରିଲେ ସେ ହସି ହସି ଦୀର୍ଘ ୨୭ ବର୍ଷ ତଳର ସେହି ଇତିହାସକୁ ଚାଲିଯାଆନ୍ତି ଯେତେବେଳେ ଆଜିପରି ଗାଁ ଗୁଡିକରେ କୌଣସି ସ୍ୱାସ୍ଥ୍ୟଗତ ସୁବିଧା ସୁଯୋଗ ନଥିଲା କିମ୍ବା ଯୋଗାଯୋଗ ସୁବିଧା ନଥିଲା । ସେତେବେଳେ ଗାଁ ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ନେଇ ଆଦୌ ସଚେତନତା ବି ନଥିଲା । ଗର୍ଭଧାରଣ କରିବା, ପିଲା ଜନ୍ମ କରିବା ଓ ତାର ଲାଳନପାଳନକୁ ନେଇ ଗାଁ ଲୋକମାନଙ୍କ ଭିତରେ ଅନେକ କୁସଂସ୍କାର ଥିଲା । ଗାଁର ମହିଳାମାନେ ତ ଅଙ୍ଗନବାଡି କେନ୍ଦ୍ରକୁ ଆସିବାକୁ ଡରୁଥିଲେ ଏବଂ ଟୀକାନେବାକୁ ଓ ଆଇରନ ବଟିକା ଖାଇବାକୁ ଭୀଷଣ ଭୟ କରୁଥିଲେ । ଗାଁ ବୈଦ୍ୟ ମାନଙ୍କଠାରୁ ବିଭିନ୍ନ ସମସ୍ୟା

ପାଇଁ ଚେରମୂଳୀ ଖାଉଥିଲେ । ଅପରେସନ କରିଦେବେ ବୋଲି ଭୟ କରି ଡାକ୍ତରଖାନାକୁ ଆଦୌ ଯାଉନଥିଲେ । ତେବେ ଲୋକମାନଙ୍କର ଏହି ସଚେତନତା ଯୋଗୁଁ ଅନେକ ପରିବାରରେ ଅନେକ ମା ଓ ଶିଶୁ ମରିଛନ୍ତି ଏବଂ ସେମାନଙ୍କ ମନରୁ ଏହି ଭୟ ଦୂର କରିବା ପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡିନାହିଁ । ଦୀର୍ଘ ସତେଇଶ ବର୍ଷ ମଧ୍ୟରେ ସେ ଗାଁର ଦୁଇପିଢିର ଜନ୍ମଜାତକ ଜାଣିଛନ୍ତି ବୋଲି ହସି ହସି କହନ୍ତି । ଯେଉଁ ପିଲାମାନଙ୍କୁ ସେ ଜନ୍ମ ହେବାର ଦେଖିଥିଲେ ଏବେ ସେମାନଙ୍କ ପିଲାମାନଙ୍କୁ ଜନ୍ମ ଓ ଶିକ୍ଷାରେ ସେ ସହାୟତା କରୁଛନ୍ତି ।



ଏବେ ଲୋକମାନଙ୍କର ମାନସିକତାରେ ଅନେକ ପରିବର୍ତ୍ତନ ଆସିଛି । ଲୋକମାନେ ଆଗପରି ଅଧିକ ପିଲା ଜନ୍ମ ଦେବାକୁ ପସନ୍ଦ କରୁନାହାନ୍ତି ଏବଂ ଅଙ୍ଗନବାଡି ଓ ସ୍ୱାତୀ ପରି ଅନୁଷ୍ଠାନ ମାନଙ୍କ କାମ ଯୋଗୁଁ ସେମାନେ ଡାକ୍ତରଖାନାରେ ପ୍ରସବ କରିବା, ପ୍ରତିଷେଧକ ନେବା, ଜନ୍ମ ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ଆଗ୍ରହୀ ହେଉଛନ୍ତି । ସେହିପରି ଆଗରୁ ଅଙ୍ଗନବାଡିରେ ଶିଶୁଶିକ୍ଷା ଥିଲେ ମଧ୍ୟ ଆଦୌ ସୁବ୍ୟବସ୍ଥିତ ନଥିଲା । ଲୋକମାନେତ ନିଜ ପିଲାକୁ ସ୍କୁଲ୍‌କୁ ମଧ୍ୟ ପଠାଉନଥିଲେ । ଝିଅ ମାନଙ୍କୁ ପଢାଇବାକୁ ଆଦୌ ଆଗ୍ରହୀ ନଥିଲେ । ତେବେ ବର୍ତ୍ତମାନ ଏଦିଗରେ ବିଶେଷ ଧ୍ୟାନ ଦିଆଯାଉଛି । ସେ ନିଜ କାର୍ଯ୍ୟସମୟ ଭିତରେ ମହିଳା ଓ ଶିଶୁ ମାନଙ୍କର ବିକାଶ ପାଇଁ ଅନେକ ପରିଶ୍ରମ କରିଥିବା କହନ୍ତି । ଗାଁରେ ମହିଳା ମଣ୍ଡଳ ଗଢିବା, ସେମାନଙ୍କୁ ବ୍ୟାଙ୍କ ଯୋଗାଯୋଗ କରାଇ ଆର୍ଥିକ ସକ୍ଷମ କରାଇବା ଏବଂ ରୋଜଗାରରେ ଉନ୍ନତୀ ଆଣିବା ପାଇଁ ଅନେକ କାର୍ଯ୍ୟ କରିଛନ୍ତି । ଗାଁର ଶିଶୁ ମାନଙ୍କ ଶିକ୍ଷା ପାଇଁ ମଧ୍ୟ ସେ ଅନେକ ଉଦ୍ୟମ କରିଛନ୍ତି । ଶିଶୁ ମାନଙ୍କୁ ନୀୟମିତ ଅଙ୍ଗନବାଡି ଆସିବା, ପିଲାମାନଙ୍କୁ ପଢାଇବା ପାଇଁ ବାପା ମାଆଙ୍କୁ ବୁଝାଇବା, ଝିଅ ମାନଙ୍କ ପାଠପଢାକୁ ଅଧିକ ଗୁରୁତ୍ୱ ଦେବା ଆଦି ଦିଗରେ ଲୋକମାନଙ୍କ ମଧ୍ୟରେ ସଚେତନତା ଆଣିଛନ୍ତି । ତାଙ୍କରି ପ୍ରଚେଷ୍ଟା ଯୋଗୁଁ ରତଙ୍ଗ ଗାଁରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସି ପାରିଛି ।

ମୁଁ ଯେତେବେଳେ ପ୍ରଥମେ ତାଙ୍କୁ ସାକ୍ଷାତ କରି ସ୍ୱାତୀର ଆଦ୍ୟ ଶୈଶବ ଶିକ୍ଷା ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ବିଷୟରେ ବୁଝାଇଲି ସେ ବହୁତ ଖୁସି ହୋଇଯାଇଥିଲେ ଏବଂ କେନ୍ଦ୍ରରେ ଶିଶୁଶିକ୍ଷାକୁ ଏହା ଆହୁରି ସହଜ କରିବ ବୋଲି ଜଣାଇଥିଲେ । ସ୍ୱାତୀର କାର୍ଯ୍ୟକ୍ରମ ଗୁଡିକରେ ଯୋଗଦେଇ ସେ ଏହି ଶିକ୍ଷା କୌଶଳକୁ ପ୍ରୟୋଗ କରିବାରେ ନେତୃତ୍ୱ ନେଇଥିଲେ । ପିଲାଙ୍କୁ ଶିକ୍ଷା ଦେବାରେ ଦୀର୍ଘ ଅଭିଜ୍ଞତା ଥିବାରୁ ଶିକ୍ଷାରେ ପାଠ୍ୟ ଉପକରଣର ପ୍ରୟୋଗ, ଗୀତ, ଗପ ଓ ଖେଳ ଆଦି ମାଧ୍ୟମରେ ଶିକ୍ଷା ସେମାନଙ୍କୁ କିପରି ପାଠପଢାରେ ଅଧିକ ଆଗ୍ରହୀ କରିବ ଏବଂ ସେମାନଙ୍କ ଅନ୍ତର୍ନିହିତ ଗୁଣ ଗୁଡିକର ବିକାଶ କରିବ ତାହା ଉପଲବ୍ଧୀ କରିପାରିଥିଲେ । ତାଙ୍କରି ପ୍ରଚେଷ୍ଟାରେ ଏବେ କେନ୍ଦ୍ରରେ ଏହି କୌଶଳରେ ଶିକ୍ଷାଦାନ କରାଯାଉଛି ଏବଂ ଶିଶୁ ମାନେ ବେଶ୍ ଆନନ୍ଦରେ ଗ୍ରହଣ କରୁଛନ୍ତି ।

# ଅଭିଭାବକ ତିଆରିକଲେ ଶିକ୍ଷଣ ସାମଗ୍ରୀ

ମାମିନା ମହାରଣା



ଆଦ୍ୟ ଶୈଶବର ଶିକ୍ଷାଦାନରେ ଶିକ୍ଷଣ ସାମଗ୍ରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ପିଲାମାନଙ୍କର ଶୈଶବ ସମୟ ହୋଇଥିବାରୁ ସେମାନେ ଏକ ଧରାବନ୍ଧା ଶିକ୍ଷଣ ପଦ୍ଧତିରେ ପଢିବାକୁ ଆଦୌ ଆଗ୍ରହୀ ହୁଅନ୍ତି ନାହିଁ । ଏଥିପାଇଁ ସେମାନଙ୍କୁ ଉତ୍ସାହ ଦେବାପରି, ଶ୍ରଦ୍ଧାକରିବା ପରି ଓ ଆକର୍ଷିତ କରିବା ପରି ବିଭିନ୍ନ କୌଶଳରେ ଶିକ୍ଷାଦାନ କରିବାକୁ ପଡିଥାଏ । ରଙ୍ଗବେରଙ୍ଗର ଚିତ୍ର, ପଶୁପକ୍ଷୀ, କଣ୍ଢେଇ, ମନେ ରଖିବାପରି ଛୋଟ ଛୋଟ ଗୀତ ଓ ଗପ, ଅଭିନୟ ଆଦି ଦ୍ୱାରା ଶିକ୍ଷାଦାନ କଲେ ସେମାନେ ନିଜେ ଏଥିରେ ଜଡିତ ହେବା ସହ ଶିଘ୍ର ମନେ ରଖିପାରନ୍ତି । ସେମାନଙ୍କୁ ଶିକ୍ଷାଦାନ କରୁଥିବା ଅଙ୍ଗନବାଡି କର୍ମୀ ଓ ଶିକ୍ଷକଙ୍କ ସହ ଘରେ ବାପା ମାଆ ମଧ ଏହି କୌଶଳ ଅବଲମ୍ବନ କରିପାରିବେ ।

ସେଭ୍ ଦି ଚିଲ୍ଡ୍ରେନ୍  ସହାୟତାରେ ସାତୀ ଦ୍ୱାରା ଚାଲୁଥିବା ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମରେ ସହାୟକ ସଂଯୋଜନା ଦାୟିତ୍ୱ ନେବାପରେ ଶିଶୁ ମାନଙ୍କ ଶିକ୍ଷା କୌଶଳ ସଂପର୍କରେ ଆମକୁ ପ୍ରଶିକ୍ଷଣ ଦିଆଯାଇଥିଲା । ସେହି ପ୍ରଶିକ୍ଷଣକୁ ଆଧାର କରି ଅଙ୍ଗନବାଡି କେନ୍ଦ୍ର ଗୁଡିକରେ କିପରି ଶିଶୁ ଶିକ୍ଷାର ଗୁଣାତ୍ମକ ମାନରେ ଉନ୍ନତୀ କରାଯାଇ ପାରିବ ସେ ଦିଗରେ ମୁଁ ଉଦ୍ୟମ କଲି । ଫିରିଙ୍ଗିଆ ବ୍ଲକ୍‌ର ପବିଙ୍ଗିଆ ଅନ୍ତର୍ଗତ ପାଣ୍ଡୁପଦର ଗାଁ ଅଙ୍ଗନବାଡି କେନ୍ଦ୍ରକୁ ଯେତେବେଳେ ମୁଁ ଗଲି ଦେଖିଲି ସେଠାରେ ଅଧିକ ପିଲା ନାଁ ଲେଖାଇଥିଲେ ମଧ ଉପସ୍ଥାନ କମ୍ ରହୁଛି । ପବିଙ୍ଗିଆ ଠାରୁ ପ୍ରାୟ ଛ କିଲୋମିଟର ଦୂରରେ ଅବସ୍ଥିତ ଗାଁଆ ଟି । ଗାଁରେ ୧୦୬ରୁ ଅଧିକ ପରିବାର ରହନ୍ତି ଏବଂ ଅଙ୍ଗନବାଡିରେ ୨୮ ଜଣ ଶିଶୁ ପଞ୍ଜିକୃତ ହୋଇଛନ୍ତି । ଗାଁକୁ ଲାଗି କେନ୍ଦ୍ରଟି ଥିଲେ ମଧ ଦୈନିକ ୧୦ ରୁ ୧୨ ଜଣ ପିଲା ହିଁ ଆସୁଥାନ୍ତି । ଅଙ୍ଗନବାଡି କର୍ମୀ ନୀୟମିତ କେନ୍ଦ୍ର ଖୋଲୁଥିଲେ ମଧ ପିଲାମାନେ ଆସୁ ନଥିବାର କାରଣ ମୁଁ ଖୋଜିବା ଆରମ୍ଭ କଲି । କେନ୍ଦ୍ରର କର୍ମୀଙ୍କ ଠାରୁ ବୁଝିଲି ଯେ ବାପାମାଆ ପିଲାଙ୍କୁ ପଠାଇବାକୁ ଗୁରୁତ୍ୱ ଦେଉନଥିବାରୁ ସେମାନେ ଠିକ୍‌ରେ ଆସନ୍ତି ନାହିଁ । ମୁଁ ଅନୁଭବ କଲି ବାପା ମାଆ ପିଲାମାନଙ୍କୁ ସବୁବେଳେ ଆକଟ କରି କେନ୍ଦ୍ରକୁ ପଠାଇବା ଯୋଗୁଁ ପିଲାମାନଙ୍କ ମନରେ ଏହା ଚାପ ସୃଷ୍ଟି କରୁଛି । ତେଣୁ ସେମାନେ ଯଦି ନିଜ ସଇଛାରେ କେନ୍ଦ୍ରକୁ ଆସିବାକୁ କୌଶଳ ଅବଲମ୍ବନ କରାଯିବ ତେବେ ଏହି ସମସ୍ୟା ରହିବ ନାହିଁ । ତେଣୁ ପିଲାମାନେ ନିଜେ କିପରି ଆକର୍ଷିତ ହୋଇ କେନ୍ଦ୍ରକୁ ଆସିବେ ସେ ବିଷୟରେ କର୍ମୀଙ୍କ ସହ ଆଲୋଚନା କଲି । ଦେଖିଲି କେନ୍ଦ୍ରଟିରେ ପିଲାମାନଙ୍କୁ ଆକର୍ଷିତ କରିବା ପରି କୌଣସି ସାମଗ୍ରୀ ନାହିଁ । କାନ୍ଥରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ଲେଖାଯାଇଥିବା ସୂଚନା ସବୁ ଲିଭି ଆସିଲାଣି । ଘରଟି ଏକ ସାଧାରଣ ଘର ପରି ଲାଗୁଛି । କେନ୍ଦ୍ରଟିକୁ ବିଭିନ୍ନ ରଂଗ ଦେଇ ଚିତ୍ରବିଚିତ୍ର କରାଯାଇପାରିବ । ତେବେ ଏଥିପାଇଁ ଅଧିକ ଟଙ୍କା ଦରକାର ଏବଂ ଏହା ଯେ ପିଲାମାନଙ୍କୁ ଆକର୍ଷିତ

କରିବ ତାହାର କିଛି ମାନେ ନାହିଁ । କଥାହେଲା କେନ୍ଦ୍ର ଗୃହଟିକୁ ଶିଶୁଟି ନିଜ ପ୍ରୟୋଗଶାଳା ବୋଲି ପ୍ରଥମେ ଭାବିବା ଆବଶ୍ୟକ । ତାହାର କାନ୍ଥରେ ସେ ନିଜେ ଗାରେଇବ, ଚିତ୍ର କରିବ, ଘରେ ମନଇଚ୍ଛା ଖେଳ କୁଦ କରିବ, ତାହେଲେ ତାର ମନ କେନ୍ଦ୍ର ପ୍ରତି ଆକର୍ଷିତ ହେବ । ତେଣୁ ପିଲାମାନଙ୍କୁ ସାଥିରେ ଧରି ହାତ ପାଆନ୍ତାରେ ମିଳୁଥିବା ବିଭିନ୍ନ ଜିନିଷରେ ଖେଳନା ଓ ଶିକ୍ଷଣ ସାମଗ୍ରୀ ତିଆରି କରିବାକୁ ଉଦ୍ୟମ କଲି ।

ପିଲାମାନଙ୍କୁ ସେମାନଙ୍କ ଘରେ ଅବ୍ୟବହୃତ ପଡିଥିବା ବିଭିନ୍ନ ଜିନିଷ ସଂଗ୍ରହ କରି ଆଣିବାକୁ କହିଲି । ସେମାନେ କିଏ ଦିଆସିଲି ଖୋଳ, ଦଉଡି, ଛେଳିର ବେକରେ ଲାଗୁଥିବା କାଠ ଟିପା, ଅଣ୍ଡା ପେଟି, ଭଙ୍ଗା ପ୍ଲାଷ୍ଟିକ ଖେଳନା ଆଦି ସଂଗ୍ରହ କରି ଆଣିଲେ । ଆମେ କୋଇଲା, ଲାଲ୍ ପଥର, ହଳଦୀ, ଶିମ୍ବ ପତ୍ର ଆଦିରୁ ବିଭିନ୍ନ ପ୍ରକାର ରଙ୍ଗ ବାହାର କଲୁ । ଦିଆସିଲି ଖୋଳ ଗୁଡିକ ସଜାଇ ପିରାମିଡ, ଗାଡି, ବିଭିନ୍ନ ଆକାର ଆଦି ତିଆରି କରି ସେଥିରେ ରଙ୍ଗ ଦେଲୁ । ଦଉଡି ଗୁଡିକରେ ଗୋଲାକାର, ତିନିକୋଣିଆ, ଚାରି କୋଣିଆ ଆଦି ବିଭିନ୍ନ କ୍ଷେତ୍ର ତିଆରି କଲୁ । ଅଣ୍ଡା ପେଟିରେ ବିଭିନ୍ନ ପ୍ରକାର ରଙ୍ଗ ଦେଇ ଖୋପ ଗୁଡିକରେ ଗଣିବା ପାଇଁ ରଙ୍ଗ ବେରଙ୍ଗର ମାଟି ଗୋଲି ରଖିଲୁ । ଗୋଟିଏ ଅବ୍ୟବହୃତ ବ୍ୟାନରରେ ବିଭିନ୍ନ ପଶୁପକ୍ଷୀଙ୍କ ଚିତ୍ର ସବୁ କାଟି ଲଗାଇଲୁ । ଭଙ୍ଗା ଖେଳନା ଗୁଡିକ ନାମ ଅନୁସାରେ ସଜାଇ ଲଗାଇଦେଲୁ । ଏହିପରି ପିଲାମାନଙ୍କ ସହ ମିଶି ମୁଁ ବହୁତ ଖେଳନା ତିଆରି କରିପାରିଲି । ପ୍ରତି ଖେଳନା ଜଣେ ଜଣେ ପିଲାଙ୍କ ନାଁ ଅନୁସାରେ ନାଁ ଦିଆଗଲା ଏବଂ ତାହା ତାର ତତ୍ତ୍ୱାବଧାନରେ ରହିଲା । ମୁଁ ଲକ୍ଷ୍ୟକଲି ଏ ସବୁର ତିଆରିରେ ପିଲାମାନେ ବେଶ୍ ଏକାଗ୍ରତାର ସହ ଲାଗିପଡୁଛନ୍ତି । ନିଜେ ତିଆରି କରିଥିବାରୁ ସେସବୁ ସାଇତି ରଖିବା, ପ୍ରଦର୍ଶିତ କରିବାରେ ବେଶ୍ ଯତ୍ନବାନ ମଧ ହେଉଛନ୍ତି । ପଢାଇବା ବେଳେ ସେମାନଙ୍କ ତିଆରି ଖେଳନା କେଉଁ କାମରେ ଆସୁଛି ତାହାକୁ ଅନୁଧାନ କରୁଛନ୍ତି ଏବଂ ମନେ ରଖୁଛନ୍ତି ।

ଏହି ପ୍ରକ୍ରିୟାଟି ଶିଶୁ ମାନଙ୍କ ପାଠ ପଢାର ଅନେକ ସମସ୍ୟାକୁ ବେଶ୍ ସହଜରେ ସମାଧାନ କରିପାରିଲା । ସେମାନେ ନିୟମିତ ଭାବେ କେନ୍ଦ୍ରକୁ ଆସିବାକୁ ଆଗ୍ରହ କଲେ ଏବଂ ପିଲାଙ୍କ ଉପସ୍ଥାନ ବଢିଲା । ସେମାନଙ୍କୁ ବୁଝାଇବା ଏବଂ ଏହା ମାଧମରେ ସେମାନଙ୍କ ଭାଷା ଓ ଗଣିତ ଦକ୍ଷତା ବୃଦ୍ଧି କରିବା ମଧ ସହଜ ହେଲା । କର୍ମୀଙ୍କ ପାଇଁ ସବୁସମୟରେ ସେମାନଙ୍କୁ ଜଗିରହି ପାଠ ପଢାଇବା ପରି ଦାୟିତ୍ୱରୁ ମଧ ଫୁରସତ ମିଳିଲା । ଏଠାରେ ସେମାନେ ନିଜେ କରିଶିଖିଥିବା ଖେଳନାକୁ ନେଇ ଘରେ ନିଜେ ନିଜେ ବିଭିନ୍ନ ଖେଳନା ତିଆରି କରିବାକୁ ଆଗ୍ରହ କଲେ ।

ମୁଁ କିଛିଦିନ ପରେ କେନ୍ଦ୍ରର ପିଲାମାନଙ୍କ ଅଭିଭାବକ ମାନଙ୍କୁ ନେଇ ଏକ ବୈଠକ କଲି । ସେଥିରେ ସେମାନଙ୍କ ପିଲାଙ୍କ ପାଠପଢା ବିଷୟରେ ଆଲୋଚନା କଲି । ବହୁତ ବାପା ମାଆ ତାଙ୍କ ପିଲାମାନେ କିପରି କେନ୍ଦ୍ରରେ ନୂଆନୂଆ ଜିନିଷ ସେମାନେ ତିଆରି କରୁଛନ୍ତି ତାହା କହୁଥିବାର ଜଣାଇଲେ । ମୁଁ ସେମାନଙ୍କୁ ଶିଶୁ ମାନଙ୍କର ମାନସିକତା ଏବଂ ଖେଳ ଓ ଖେଳନା ମାଧ ଶିକ୍ଷା ସଂପର୍କରେ ବୁଝାଇଲି । ସ୍ୱାତୀ ତରଫରୁ କିପରି କେନ୍ଦ୍ରଗୁଡିକୁ ବିଭିନ୍ନ ଶିକ୍ଷଣ ସାମଗ୍ରୀ ଯୋଗାଇ ଦିଆଯାଇଛି ଏବଂ ତାହା ବ୍ୟବହାର କରି ପିଲାମାନେ କିପରି ସହଜରେ ଶିକ୍ଷା ପାଇବେ ତାହା ବୁଝାଇଲି । ତେବେ ଶିଶୁ ମାନଙ୍କ ପାଇଁ ଏତିକି ଯଥେଷ୍ଟ ନୁହେଁ । ସେମାନଙ୍କର ବାପା ମାଆ ନିଜେ ଘରେ ବିଭିନ୍ନ ଜିନିଷରେ ନିଜ ପିଲାମାନଙ୍କ ପାଇଁ ମଧ ଖେଳନା ତିଆରି କରିପାରିବେ ଏବଂ ଏହା ପିଲାମାନଙ୍କୁ ପଢିବାରେ ଅଧିକ ଉତ୍ସାହିତ କରିପାରିବ ବୋଲି ଜଣାଇଲି । ସେମାନେ ଗଣନା ପାଇଁ ମାଟିରେ ଗୋଲି ତିଆରି କରି ସେଥିରେ ବିଭିନ୍ନ ରଙ୍ଗ ତିଆରି କରିବା, ତାଳପତ୍ରରେ ଚଟେଇ ତିଆରି କରି ସେଥିରେ ଗଣନ ସଂଖ୍ୟା ସବୁ ଲେଖି କାନ୍ଥରେ ଟଙ୍ଗାଇବା, ମାଟିରେ ବିଭିନ୍ନ ପନିପରିବା, ପଶୁପକ୍ଷୀ ତିଆରି କରି ରଙ୍ଗ ଦେବା, ଶିଶି ବା ବୋତଲ ଗୁଡିକରେ ରଙ୍ଗ ଦେଇ ଖେଳନା ତିଆରି

କରିବା ଆଦି କରିପାରିବେ । ଏହି କାମ ପିଲାଙ୍କ ସହ ମିଶି କଲେ ସେମାନେ ବହୁତ ଖୁସି ହେବେ ଏବଂ ଉତ୍ସାହିତ ହେବେ । ଉପସ୍ଥିତ ଅଭିଭାବକ ମାନେ ନିଜେ ବିଭିନ୍ନ ଶିକ୍ଷଣସାମଗ୍ରୀ ପ୍ରସ୍ତୁତ କରି ପିଲାମାନଙ୍କ ପଢିବା ପାଇଁ କେନ୍ଦ୍ରକୁ ଦେବେ ବୋଲି ଜଣାଇଲେ ।

ଏହି ପ୍ରକ୍ରିୟା ଯୋଗୁଁ ଏବେ କେନ୍ଦ୍ରର ଶିଶୁଶିକ୍ଷାରେ ବେଶ୍ ଉନ୍ନତୀ ପରିଲକ୍ଷିତ ହୋଇଛି । ପିଲାମାନେ ନୀୟମିତ ଭାବେ କେନ୍ଦ୍ରକୁ ଆସୁଛନ୍ତି ଏବଂ ଖେଳନା ଗୁଡିକ ବ୍ୟବହାର କରି ବିଭିନ୍ନ ବିଷୟ ଶିଖୁଛନ୍ତି । ଏହାଦ୍ୱାରା କର୍ମୀଙ୍କୁ ମଧ ଶିକ୍ଷାଦାନରେ ସହଜ ହୋଇଛି । ଅନେକ ଅଭିଭାବକ ନିଜେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ତିଆରି କରି କେନ୍ଦ୍ରକୁ ଦେଇଛନ୍ତି । ଫଳରେ ସେମାନଙ୍କର ନିଜ ଶିଶୁର ଶିକ୍ଷା ଉପରେ ତ୍ୱାବଧାନ ବଢିଛି । ପିଲାଙ୍କୁ କେନ୍ଦ୍ରକୁ ପଠାଇବା ଓ ପ୍ରତିଦିନ କଣ କଣ ଶିଖିଲେ ସେ ବିଷୟରେ ଜାଣିବାର ଆଗ୍ରହ ମଧ ବଢିଛି ।

# ଶିଶୁଶିକ୍ଷାରେ ଆଗ୍ରହ ସୃଷ୍ଟିକଲେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର

ମାଳତୀ ପ୍ରଧାନ



ଆଦିବାସୀ ଅଂଚଳରେ ଶିକ୍ଷା ପଦ୍ଧତି ସାଧାରଣ ଶିକ୍ଷା ପଦ୍ଧତି ଠାରୁ ଭିନ୍ନ ଓ ଆକର୍ଷଣୀୟ ନହେଲେ ପିଲାମାନେ ସ୍କୁଲ୍‌କୁ ଆସିବାକୁ କିମ୍ବା ପାଠ ପଢିବାକୁ ଆଦୌ ଆଗ୍ରହୀ ହେବେ ନାହିଁ । ଆଦିବାସୀ ଅଂଚଳରେ ଶିଶୁ ମାନେ ମୁକ୍ତ ପରିବେଶରେ ବଢିଥାନ୍ତି ଏବଂ ପ୍ରଥମରୁ ଭାଷାଗତ ବିଭିନ୍ନତାର ସାମ୍ନା କରିଥାନ୍ତି । ମୁକ୍ତ ଓ ସାଧିନଭାବରେ ବଢିଥିବାରୁ ଶ୍ରେଣୀଗୃହର ପରିସୀମା ଭିତରେ ପଢିବା ପ୍ରତି ଅନେକ ସମୟରେ ସେମାନେ ପସନ୍ଦ କରିନଥାନ୍ତି । ଯଦିଓ ବାଧବାଧକତାରେ ସେମାନେ ସେଠାରେ ପଢିଥାନ୍ତି ତଥାପି ସେମାନଙ୍କର ଆଶାନୁରୂପ ବିକାଶ ହୋଇନଥାଏ । ଅନ୍ୟପକ୍ଷରେ ଆଦିବାସୀ ଅଂଚଳର ଶିଶୁ ମାନେ ପ୍ରଥମରୁ ନିଜ ମାତୃଭାଷାରେ କଥାବା୍ତା କରିଥାନ୍ତି । ପ୍ରାଥମିକ ଶ୍ରେଣୀରେ ସେମାନଙ୍କୁ ଓଡିଆ ଭାଷାରେ ପ୍ରଥମେ ଶିକ୍ଷା ଦେବା ଆରମ୍ଭ କରାଯାଉଥିବାରୁ ଅନେକ ଶବ୍ଦ ଓ ଭାଷାଗତ ସମସ୍ୟା ସେମାନଙ୍କୁ ସାମ୍ନା କରିବାକୁ ପଡେ । କନ୍ଧମାଳ ଅଂଚଳର ଜଣେ ପ୍ରାଥମିକ ସ୍କୁଲ୍ ଶିକ୍ଷକ ହିସାବରେ ପୂର୍ଣ୍ଣଚନ୍ଦ୍ର ପୋଢଙ୍କର ଏହି ଅଭିଜ୍ଞତା ରହିଥିଲା । ସେ ମଧ ଜାଣିଥିଲେ ଯେ ଏହି କାରଣରୁ ବହୁ ଆଦିବାସୀ ପିଲା ପ୍ରାଥମିକ ସ୍ତରରୁ ପାଠପଢା ଛାଡି ଦିଅନ୍ତି । ଅଧିକାଂଶ ଗାଁ ଲୋକ ନିଜ ପାଠ ଛାଡିବା ଅନୁଭୂତିରୁ ସବୁବେଳେ କହିଥାନ୍ତି ଯେ, ମାଷ୍ଟ୍ରଙ୍କ ମାଡକୁ ଡରି ଆଉ ପଢିବାକୁ ଗଲେ ନାହିଁ କିମ୍ବା ଗଣିତ ହେଲା ନାହିଁ ଏବଂ ବହି ପଢିପାରିଲେ ନାହିଁ, ତେଣୁ ପାଠ ପଢା ଛାଡିଦେଲେ । ଏସବୁ ସମସ୍ୟାକୁ ଅନୁଧାନ କରି ପିଲାଙ୍କ ପାଠପଢାକୁ କିପରି ଅଧରକ ସହଜ ଓ ଗ୍ରହଣୀୟ କରାଯାଇପାରିବ ସେ ବିଷୟରେ ନିଜେ ଚିନ୍ତା କରୁଥିଲେ ।

ଏକ ଅଭାବୀ ପରିବାରରେ ବହୁ କଷ୍ଟରେ ପାଠ ପଢିବାର ଅନୁଭବ ଥିଲା ତାଙ୍କର । ପାଠ ପଢା ପରେ ଚାକିରି ନ ମିଳିବାରୁ ସେ କିଛିଦିନ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ କାମ କରିଥିଲେ । ଏହି ସମୟରେ ସେ ଶିଶୁ ମନସ୍ତତ୍ୱକୁ ବେଶ୍ ପାଖରୁ ବୁଝି ପାରିଥିଲେ । ଏହାପରେ ୨୦୧୧ ମସିହାରେ ମାଣ୍ଡିଆପଦର ପ୍ରାଥମିକ ବିଦ୍ୟାଳୟରେ ତାଙ୍କୁ ଶିକ୍ଷକ ନିଯୁକ୍ତି ମିଳିଲା । ଫିରିଙ୍ଗିଆ ବ୍ଲକ୍ ବନ୍ଧଗଡ ପଞ୍ଚାୟତର ଛୋଟିଆ ଆଦିବାସୀ ଗାଁ ଟିଏ ଏହି ମାଣ୍ଡିଆପଦର । ସେଠାରେ ପ୍ରାଥମିକ ସ୍କୁଲ୍‌ଟିରେ ପ୍ରଥମରୁ ପଞ୍ଚମ ଯାଏ  ରହିଛି ଏବଂ ସେମାନେ ଦୁଇଜଣ ଶିକ୍ଷକ ଏହାକୁ ପରିଚାଳନା କରନ୍ତି । ସ୍କୁଲ୍‌ଟିରେ ପିଲା ସଂଖ୍ୟା କମ୍ । ପୂର୍ଣ୍ଣଚନ୍ଦ୍ର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷାଦାନ କରନ୍ତି ।



ପିଲାମାନଙ୍କୁ ପଢାଇବା ସମୟରେ ସେ ଲକ୍ଷ୍ୟକଲେ ଯେ ଲେଖାପଢା ଉପରେ ଅଧିକ ଗୁରୁତ୍ୱ ନ ଦେଇ ଯଦି ପିଲାଙ୍କୁ ବିଭିନ୍ନ ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ଏବଂ ଗୀତ ଓ ଗପ ଆଦି ଦ୍ୱାରା ଆମୋଦିତ କରି ପଢାଯାଇପାରିବ ତାହେଲେ ସେମାନେ ଖୁବ୍‌ଶିଘ୍ର ପାଠ ଧରିପାରିବେ । କିନ୍ତୁ ଏଥିପାଇଁ ସ୍କୁଲ୍‌ରେ ବିଶେଷ ଶିକ୍ଷଣ ସାମଗ୍ରୀ ନଥିଲା ।  ତେବେ ଯେତେବେଳେ ସ୍ୱାତୀ ଦ୍ୱାରା ପରିଚାଳିତ ଆଦ୍ୟଶୈଶବ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମରେ ଏହି ସ୍କୁଲ୍‌କୁ ସାମିଲ କରି ଶିଶୁ ମାନଙ୍କୁ ନୂଆ କୌଶଳରେ ପଢାଇବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଗଲା ପୂର୍ଣ୍ଣଚନ୍ଦ୍ର ସାର୍ ସେଥିରେ ଯୋଗ ଦେଇଥିଲେ । ସେଠାରେ ପିଲାମାନଙ୍କୁ ପଢାଇବା ପାଇଁ କିପରି ନିଜେ ବିଭିନ୍ନ ଅବ୍ୟବହୃତ ଜିନିଷରୁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିହେବ, ସେସବୁକୁ କିପରି ପଢାରେ ପ୍ରୟୋଗ କରାଯାଇପାରିବ ତାହା ତାଲିମ୍ ଦିଆଯାଇଥିଲା । ଏହା ତାଙ୍କୁ ବେଶ୍ ପ୍ରଭାବିତ କଲା । ପ୍ରଶିକ୍ଷଣରୁ ଫେରି ସେ ନିଜେ ପିଲାମାନଙ୍କୁ ଧରି ସେହିପରି ଶିକ୍ଷଣ ସାମଗ୍ରୀ ସବୁ ତିଆରି କଲେ ଏବଂ ପିଲାମାନଙ୍କୁ ପଢାଇବା ବେଳେ ପ୍ରୟୋଗ କଲେ । ଏହା ତାଙ୍କ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ସହଜ ଓ ସାବଲୀଳ କଲା । ପିଲାମାନଙ୍କର ଶ୍ରେଣୀ ଅନୁସାରେ ଯେଉଁ ଯେଉଁ ବିଷୟ ସବୁ ପଢିବା ବା ଶିକ୍ଷା କରିବା ଆବଶ୍ୟକ ଏବଂ ଯେଉଁସବୁ ଦକ୍ଷତା ସେମାନେ ହାସଲ କରିବା ଦରକାର ତଦନୁଯାୟୀ ବିଭିନ୍ନ ପାଠଦାନ କୌଶଳ ଚିନ୍ତାକଲେ । ପିଲାମାନଙ୍କୁ ସେ ଘରୁ ବିଭିନ୍ନ ହସ୍ତ କର୍ମ କରି ଆଣିବାକୁ ଉତ୍ସାହିତ କଲେ । ନିଜେ ପିଲାମାନଙ୍କୁ ଛୋଟ ଛୋଟ ଗୀତଗପ ଓ ଅଭିନୟ ମାଧମରେ ପାଠ ପଢାଇଲେ । ଏହା ପିଲାଙ୍କୁ ପଢିବାରେ ଯେତିକି ଆନନ୍ଦ ଦେଲା ସେତିକି ସାଧିନତା ମଧ ଦେଲା । ଭାଷାଗତ ସମସ୍ୟା ଦୂର କରିବାରେ ମଧ ବେଶ୍ ସହଜ ହେଲା । ପିଲାମାନେ ବିନା ବହି ଓ ଲେଖାରେ ସବୁ ପାଠ ମନେ ରଖିଦେଇ ପାରିଲେ ।

ପୂର୍ଣ୍ଣଚନ୍ଦ୍ର ସାରଙ୍କ ଉଦ୍ୟମ ଏବେ ସ୍କୁଲ୍‌ରେ ଏକ ଶିଶୁ କୈନ୍ଦ୍ରିକ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବାରେ ବେଶ୍ ସହାୟକ ହୋଇପାରିଛି । ପିଲାମାନେ ପଢିବାକୁ ସ୍ୱାତୀ ତରଫରୁ ସ୍କୁଲ ଲାଇବ୍ରେରୀକୁ ଦିଆଯାଇଥିବା ବିଭିନ୍ନ ଚିତ୍ର ବହି, ଗପ ବହି ଆଦି ପିଲାମାନେ ଆଗ୍ରହରେ ନେଇ ପଢୁଛନ୍ତି । ପୂର୍ଣ୍ଣଚନ୍ଦ୍ରଙ୍କ ମତରେ ପିଲାଟି ସହ ତାର ମନସ୍ତତ୍ୱକୁ ନେଇ ଶିକ୍ଷାଦାନ କଲେ ସେ ଖୁବ୍ ଶିଘ୍ର ତାହା ଆୟ କରିଥାଏ । ଏଥିପାଇଁ ଶିକ୍ଷକଙ୍କୁ ମଧ ପିଲାଙ୍କ ପରି ତାର ପ୍ରତିଟି କାର୍ଯ୍ୟରେ ସାମିଲ ହେବା ଆବଶ୍ୟକ ।

# ଶିଶୁମେଳା ବଦ୍ରିନାଥକୁ କେନ୍ଦ୍ରକୁ ଆସିବାକୁ ଉତ୍ସାହିତ କଲା

ବଚନ ମାଝୀ



କାଶିନୀପଦର ପଞ୍ଚାୟତ ଉଆଦୁର୍ଗା ଅଙ୍ଗନବାଡି କେନ୍ଦ୍ରର ଛାତ୍ର ବଦ୍ରିନାଥ । ବୟସ ଚାରି ବର୍ଷ । ଯେତିକି ଲାଜକୁଳା ସେତିକି ଡରକୁଳା । କେନ୍ଦ୍ରକୁ ଆସିଲେ ଅଧିକାଂଶ ସମୟ ଚୁପ୍‌ଚାପ ବସିଥିବ । କିଛି ପଚାରିଲେ ଆଦୌ ପାଟି ଖୋଲିବ ନାହିଁ । ଆଗରୁ କେନ୍ଦ୍ରକୁ ଆସୁଥିବାବେଳେ ତାର ଜେଜେମାଙ୍କ ସାଥିରେ ଆସୁଥିଲା । ଯେତିକି ସମୟ ରହୁଥିଲା ତାକୁ ଜେଜେମା ଜଗି ବସୁଥିଲେ । କିନ୍ତୁ କିଛିଦିନ ପରେ ଜେଜେମା ମରିଗଲେ । ଫଳରେ ତାର କେନ୍ଦ୍ରକୁ ଆସିବା ବନ୍ଦ ହୋଇଗଲା । ତାର ବାପା ବା ମାଆ ମଝିରେ ତାକୁ ଛାଡିବାକୁ ଆସୁଥିଲେ ମଧ ସେମାନଙ୍କ ଯିବାପରେ ସେ ବହୁତ କାନ୍ଦୁଥିଲା ଏବଂ ଆଦୌ କେନ୍ଦ୍ରରେ ରହିବାକୁ ଇଚ୍ଛା କରୁନଥିଲା ।

ସ୍ୱାତୀ ତରଫରୁ ଏହି କେନ୍ଦ୍ରରେ ଯେତେବେଳେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମ ଆରମ୍ଭ କରାଗଲା ସ୍ୱାତୀ କର୍ମୀ ଭାବରେ ମୁଁ ସେହି କେନ୍ଦ୍ର ସହ ସଂପର୍କ ରଖିଲି । ପ୍ରଥମେ ସେହି କେନ୍ଦ୍ରକୁ ଯିବାବେଳେ ଏହି ଘଟଣାଟି ମୋ ଦୃଷ୍ଟିକୁ ଆସିଲା । ମୁଁ ବଦ୍ରିନାଥର ଘରକୁ ଯାଇ ତାର ବାପା ମାଆଙ୍କୁ ସାକ୍ଷାତ କଲି । ସେ ବଦ୍ରିନାଥର ଏହି ଡରକୁଳା ଗୁଣ ଏବଂ କେନ୍ଦ୍ରକୁ ନଯିବାର ଅଭ୍ୟାସ ଛାଡି ପାରୁନାହିଁ ବୋଲି ଜଣାଇଲେ । ମୁଁ ତାଙ୍କୁ ପ୍ରଥମେ ଦିନେ ଦୁଇଦିନ କେନ୍ଦ୍ରକୁ ନେଇ ଛାଡିବାକୁ କହିଲି । କେନ୍ଦ୍ରରେ ପିଲାମାନଙ୍କ ଆଗ୍ରହ ବଢାଇବା ପାଇଁ କିପରି ଖେଳନା ଦିଆଯାଉଛି ଏବଂ ନାଚଗୀତ ଆଦି ମାଧମରେ ପାଠ ପଢାଯାଉଛି ତାହା ବୁଝାଇଲି । ଦିନେ ଦୁଇଦିନ ମଧରେ ସେ ଆପେ ଆପେ ଯିବ ଏବଂ ସେମାନଙ୍କୁ ଆଉ ଚେଷ୍ଟା କରିବାକୁ ପଡିବ ନାହିଁ ବୋଲି ଜଣାଇଲି ।




ମୋ କଥା ମାନି ପରଦିନ ତାର ବାପା ବଦ୍ରିନାଥକୁ ନେଇ କେନ୍ଦ୍ରକୁ ଆସିଲେ । ସେଦିନ ମୁଁ ମଧ କେନ୍ଦ୍ରରେ ଉପସ୍ଥିତ ଥିଲି । କେନ୍ଦ୍ରରେ ପହଞ୍ଚିବା ପରେ ସେ ବହୁତ କାନ୍ଦୁଥିଲା ଏବଂ ରହିବ ନାହିଁ ବୋଲି ଜିଦ୍ କରୁଥିଲା । ମୁଁ ତାକୁ ଶ୍ରଦ୍ଧା କରି ଅଟକାଇ ରଖିଲି ଏବଂ ତାର ବାପାଙ୍କୁ ପଠାଇଦେଲି । ସେଦିନ ପିଲାମାନଙ୍କୁ ଗପ, ଗୀତ, ଚିତ୍ର ଓ ଖେଳ ଆଦି ମାଧମରେ ପାଠପଢାଇଲି । ଲକ୍ଷ୍ୟକଲି କିଛି ସମୟ

ପରେ ତାର ମନ ବଦଳିଯାଇଛି । ଶେଷରେ ଆମେ ପିଲାମାନଙ୍କୁ ନେଇ ମୁଜିକ୍ ଚେୟାର ଖେଳିଥିଲୁ । ଏହି ଖେଳରେ ବଦ୍ରିନାଥ ପ୍ରଥମ ହୋଇଥିଲା । ଜାଣିଲି ପିଲାଟିର ଖେଳ ପ୍ରତି ଅଧିକ ଆଗ୍ରହ ରହିଛି । ତାକୁ ସେଦିନ ପ୍ରଥମ ହୋଇଥିବାରୁ ସବୁପିଲା ତାଳିମାରି ଉତ୍ସାହିତ କରିଥିଲୁ ।



ପିଲାମାନଙ୍କ ମନରେ ଖେଳ ଓ ପାରସ୍ପରିକ ସଂପର୍କ ବୃଦ୍ଧି କରିବା ପାଇଁ ସ୍ୱାତୀ ତରଫରୁ ଆମେ ପଂଚାୟତସ୍ତରୀୟ ଶିଶୁମେଳା ଆୟୋଜନ କରିଥିଲୁ । ପଂଚାୟତ ଅନ୍ତର୍ଗତ ପ୍ରତି କେନ୍ଦ୍ରର ପିଲାମାନେ ଏଥିରେ ଭାଗ ନେବାର ଥିଲା । ଏହିମେଳା କାଶିନୀପଦର ପ□ୟତରେ ମଧ କରିବାକୁ ସ୍ଥିର ହୋଇଥିଲା । ପିଲାମାନଙ୍କ ପାଇଁ ମ୍ୟୁଜିକ୍ ଚେୟାର, ବାଲ୍ଟି ବଲ୍, ମାଳଗୁନ୍ଥା, ଆଖିପଟି ବନ୍ଧା ଓ ଡ୍ରଇଁ ଆଦି ପ୍ରତିଯୋଗିତା ରହିଥିଲା । ବଦ୍ରିନାଥର ଖେଳ ପ୍ରତି ଆଗ୍ରହ ଥିବା ଜାଣି ମୁଁ ସେଦିନ କେନ୍ଦ୍ରରେ ଶିଶୁମେଳା ଆୟୋଜନ ବିଷୟରେ ଜଣାଇଥିଲି । ସେଠି ମଧ କେମିତି ଏହି କେନ୍ଦ୍ରର ପିଲାମାନେ ଯାଇ ଭାଗ ନେବେ ତାହା ଜଣାଇଥିଲି । ସବୁ ପିଲା ବେଶ୍ ଖୁସି ହୋଇଯାଇଥିଲେ । କିଏ ସବୁ ଖେଳରେ ଭାଗ ନେଇ ସେଠିକି ଯିବେ ହାତ ଟେକ ବୋଲି କହିବାରୁ ସମସ୍ତେ ହାତ ଟେକିଲେ । ବଦ୍ରିନାଥ ସାଙ୍ଗେ ସାଙ୍ଗେ ପ୍ରଥମ ହୋଇଥିବାରୁ ସେ ମଧ ହାତ ଟେକିଲା । ମୁଁ ତାକୁ ପଚାରିଲି ତୁ ଯିବୁ ତ । ସେ ମୁଣ୍ଡ ଟୁଙ୍ଗାରିଲା । ମୁଁ ତାକୁ ବୁଝାଇଦେଲି ଯେ ସେଠିକି ଯିବାକୁ ହେଲେ ସବୁଦିନ କେନ୍ଦ୍ରକୁ ଆସି ଖେଳ ଅଭ୍ୟାସ କରିବାକୁ ପଡିବ । ତୁ ଆସିବୁ ତ ବୋଲି ପଚାରିବାରୁ ସେ ହଁ ଭରିଲା । ତହିଁ ପରଦିନ ତାର ମାଆ ବଦ୍ରିନାଥକୁ ଛାଡି ଆସିଥିଲେ । ତେବେ ସେଦିନ ସେ ଆଉ କାନ୍ଦି ନଥିଲା । ମା ଚାଲିଯିବା ପରେ ମଧ କେନ୍ଦ୍ରରେ ପାଠ ପଢିଥିଲା । ଶେଷରେ ବିଭିନ୍ନ ଖେଳ ହେଲା ।

ଶିଶୁମେଳା ଦିନ ପାଖେଇ ଆସିଲା । ମୁଁ ଯେତେବେଳେ ସେହି କେନ୍ଦ୍ରକୁ ଗଲି ଦେଖିଲି ବଦ୍ରିନାଥ ଆସିଛି । ତାକୁ ଦେଖି ପଚାରିଲି – ଶିଶୁମେଳାକୁ ଯିବାକୁ ରେଡି ହୋଇଛୁ ତ । ସେ ହସି ହସି ହଁ କହିଲା । ଜାଣିଲି ଖେଳ ପ୍ରତି ଆଗ୍ରହ ଯୋଗୁଁ ତାର ମନୋଭାବରେ ପରିବ□ନ ଆସିଛି । ଶିଶୁମେଳାଦିନ ଉଆଦୁର୍ଗା କେନ୍ଦ୍ରର ସବୁ ପିଲାଙ୍କ ସହ ବଦ୍ରିନାଥ ବି ଯାଇଥିଲା । ବିଭିନ୍ନ କେନ୍ଦ୍ରରୁ ପିଲାମାନେ ସେଠିକି ଆସିଥିଲେ । ମାଇକ ବାଜୁଥିଲା । ପିଲାମାନେ ଦୌଡାଦୌଡି ଓ ଡିଆଁଡେଇଁରେ ମାତିଥିଲେ । ସେମାନଙ୍କ ଖେଳ ଓ ଖାଦ୍ୟ ଆଦିର ସମସ୍ତ ବନ୍ଦୋବସ୍ତ ହୋଇଥିଲା । । ପିଲାମାନଙ୍କ ଖେଳକୁ ସବୁ ପିଲା ବେଶ୍ ଉତ୍ସାହର ସହ ଉପଭୋଗ କରୁଥିଲେ । ସବୁ ପିଲାଙ୍କ ଭିତରେ ବଦ୍ରିନାଥ ମଧ ବେଶ୍ ଖୁସି ଜଣା ପଡୁଥିଲା ମୁଁ ତା ପାଖକୁ ଯାଇ ପଚାରିଲି – କେମିତି ଲାଗୁଛି । ବହୁତ ମଜା ଲାଗୁଛି ବୋଲି ଜଣାଇଥିଲା ସେ । ମ୍ୟୁଜିକ୍ ଚେୟାର ଖେଳରେ ସେ ଭାଗ ନେଇଥିଲା ଏବଂ ପୁରସ୍କାର ବି ଜିତିଲା । ଏହା ତାକୁ ଆହୁରି ଆନନ୍ଦ ଦେଲା ।

ଶିଶୁମେଳା ପରେ ଏବେ ବଦ୍ରିନାଥ ନୀୟମିତ ନିଜେ ନିଜେ କେନ୍ଦ୍ରକୁ ଆସୁଛି । ଅଗନବାଡି କର୍ମୀଙ୍କ କହିବା ଅନୁଯାୟୀ ତାର ଆଗପରି ଅଝଟ ଆଉ ନାହିଁ । କେନ୍ଦ୍ରକୁ ଆସି ପଢୁଛି ଏବଂ ୧୦ଟି ଦକ୍ଷତା ଭିତରୁ ଛଅଟି ଦକ୍ଷତାର ପାଠ୍ୟକ୍ରମ ତାର ଶେଷ ହୋଇଗଲାଣି ।

# ମୀନୁର ମୌନତା ବଦଳିଲା

ସୁଭଦ୍ରା କହଁର




ମଉନ ମୁହଁ ମୀନୁ । ଚାରି ବର୍ଷର ଛୋଟ ଝିଅଟିଏ । ବନ୍ଧଗଡ ଅଙ୍ଗନବାଡି କେନ୍ଦ୍ରରେ ପଢେ । ପାଂଚ ପଦରେ ପଦେ ବି କଥା କହିବ ନାହିଁ । ଟିକିଏ ଜୋର୍ କରି ପଚାରିଦେଲେ ଏମିତି କାନ୍ଦିବ ଯେ କାନ ଫାଟିପଡିବ । କିନ୍ତୁ ପିଲାମାନଙ୍କ ସହ କଥାହେବ ନାହିଁ କି କୌଣସିଥିରେ ଭାଗ ନେବ ନାହିଁ । ମୁଁ ସେହି କେନ୍ଦ୍ରକୁ ଯିବାବେଳେ ତାର ଏହି ପ୍ରକୃତି ମୋର ଦୃଷ୍ଟି ଆକର୍ଷଣ କରିଥିଲା । ତା ବିଷୟରେ ଯେତେବେଳେ କେନ୍ଦ୍ରର କର୍ମୀଙ୍କୁ ପଚାରିଲି ସେ କହିଲେ ଯେ - ପିଲାଟି ପ୍ରଥମରୁ ସେମିତି । ସବୁବେଳେ ଚୁପ୍‌ଚାପ୍ ବସିଥିବ । ଯତେଯାହା କହିଲେ ବି କିଛି କରିବ ନାହିଁ । ତାର ଏହି ପ୍ରକୃତି ବଦଳାଇବା ପାଇଁ ମୁଁ ଉଦ୍ୟମ କଲି ।

ପ୍ରଥମେ ମୀନୁର ଘରକୁ ଯାଇ ତାର ବାପା ମାଆଙ୍କୁ ମିଶିଲି । ତାଙ୍କୁ ମୀନୁ ବିଷୟରେ ପଚାରିଲି । ତାର ମାଆ ଜଣାଇଲେ ଯେ - ତାର ପ୍ରକୃତି ସେମିତି । ଇଚ୍ଛାହେଲେ ପଦେ କହିବ ନହେଲେ ଯେତେ ପଚାରିଲେ ବି କିଛି କହିବ ନାହିଁ । ପିଲାମାନେ ଏତେ ଅଝଟ କରନ୍ତି, ଦୁଷ୍ଟାମୀ କରନ୍ତି ନହେଲେ ସବୁବେଳେ ଗପୁଥାନ୍ତି । ହେଲେ ମୀନୁ କିନ୍ତୁ ସବୁବେଳେ ଘୁମ୍ ମାରି ରହୁଥିବ । ଯଦିଓ କେନ୍ଦ୍ରକୁ ଯିବାକୁ ତାର କେବେ ଅମଙ୍ଗ ନଥିଲା ହେଲେ ସେ କୌଣସିଥିରେ ବେଶିଭାଗ ନେଉନଥିଲା ।



କେନ୍ଦ୍ରରେ ପିଲାମାନଙ୍କୁ ସହଜ କରିବା ପାଇଁ ଏବଂ ଶିକ୍ଷାପ୍ରତି ଆଗ୍ରହୀ କରିବା ପାଇଁ ସ୍ୱାତୀ ତରଫରୁ ବିଭିନ୍ନ ଖେଳନା ଓ ପଠନ ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ଶିଶୁମାନଙ୍କୁ କିପରି ନାଚ, ଗୀତ ଓ ଗପ ଆଦି ମାଧମରେ ଶିକ୍ଷା ଦିଆଯିବ ସେ ବିଷୟରେ ଆମ୍ଭେମାନେ ମଧ ତାଲିମ ନେଇଥିଲୁ । ତେଣୁ ପିଲାଟିର ମନ ବଦଳାଇବା ପାଇଁ ତାସହିତ ଅଧିକ ସଂପର୍କ ସ୍ଥାପନ କଲି । କେନ୍ଦ୍ରକୁ ଗଲେ ତାକୁ ଶ୍ରଦ୍ଧାରେ ଆଣି ପାଖରେ ବସାଏ । ବିଭିନ୍ନ କଥା ପଚାରି ତାକୁ ଉତ୍ସାହିତ କରେ । ପିଲାମାନଙ୍କୁ ଖେଳ, ନାଚ, ଗୀତ ବା ଗପ କହିଲେ ତାକୁ ଅଧିକ ପ୍ରାଧାନ୍ୟ ଦିଏ । ସେ କିପରି ଅଧିକ କଥା କହିବ ସେଥିପାଇଁ ସବୁବେଳେ ଚେଷ୍ଟା କରୁଥାଏ । ଲକ୍ଷ୍ୟକଲି ଧିରେ ଧିରେ ତାର ସ୍ୱଭାବରେ ପରିବର୍ତ୍ତନ ଆସୁଛି । ସେ ଆଗପରି ମୋତେ ଭୟ କରୁନାହିଁ । ପାଖରେ ଆସି ବସୁଛି । ଯାହା ପଚାରିଲେ ଅଳ୍ପରେ ହେଲେ ମଧ ଉତ୍ତର ଦେଉଛି । ମୁଁ ଜାଣିଲି ଖୁବ୍ ଶିଘ୍ର ତାର ଏହି ମୌନତା ନିଶ୍ଚୟ ଦୂର ହେବ ।

ମୁଁ କେନ୍ଦ୍ରରେ ପଢାଇବା ବେଳେ ସେ କିପରି ଅଧିକ ଆଗ୍ରହୀ ହେବ ସେହି କୌଶଳ ଅବଲମ୍ବନ କଲି । ଚିତ୍ର ଦେଖା, ଖେଳ ଆଦିରେ ତାକୁ ସାମ୍ନାକୁ ଆଣି ଅନ୍ୟ ପିଲାମାନଙ୍କୁ ବୁଝାଇବାକୁ କହିଲି । ତାସହ ବସି ବସି ବିଭିନ୍ନ ଖେଳ ଖେଳିଲି ଏବଂ ଚିତ୍ର ତିଆରି କଲି । ଘରେ ମାଆଙ୍କୁ କହି ମାଟି ଗୋଲି, ମାଟିର ପନି ପରିବା ଆଦି ତିଆରି କରି ଆଣିବାକୁ ବତାଇଲି । ଏସବୁ ଦ୍ୱାରା ତାର ପରିବର୍ତ୍ତନ ଆସିଲା । ଏବେ ମୀନୁ ବ୍ୟବହାରରେ ଅନ୍ୟମାନଙ୍କ ପରି ବେଶ୍ ସାଧାରଣ ହୋଇଯାଇଛି । ସବୁ ବିଷୟରେ ଆଗ୍ରହରେ ଭାଗ ନେଉଛି ଏବଂ ମନ ଦେଇ ଶିଖୁଛି ।





# ଅଙ୍ଗନବାଡି କେନ୍ଦ୍ରର ସାଜସଜ୍ଜା ଶିଶୁ ମାନଙ୍କୁ ଆକର୍ଷିତ କଲା

ମିନତୀ କହଁର



ଶିଶୁ ମାନଙ୍କ ପାଇଁ ଅଙ୍ଗନବାଡି କେନ୍ଦ୍ରଟି ଆଦ୍ୟ ଶୈଶବର ପ୍ରଧାନ ଶିକ୍ଷା କେନ୍ଦ୍ର । ତେଣୁ ଏହାର ସାଜସଜ୍ଜା ଓ ପରିପାଟି ସେହିପରି ଆକର୍ଷଣୀୟ ଓ ସୁନ୍ଦର ହେବା ଦରକାର ଯାହା ପିଲାମାନଙ୍କୁ ଉତ୍ସାହିତ ଓ ଆକର୍ଷିତ କରିବ । ସ୍ୱାତୀ ଓ ସେଭ୍‌ଦି ଚିଲ୍‌ଡ୍ରେନ ସହାୟତାରେ ଚାଲିଥିବା ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମରେ ଅଙ୍ଗନବାଡି କେନ୍ଦ୍ର ଗୁଡିକୁ ଆକର୍ଷଣୀୟ କରିବା ସହ ସେଠାରେ ପିଲାମାନଙ୍କ ଖେଳ ସାମଗ୍ରୀ ଓ ଶିକ୍ଷଣ ସାମଗ୍ରୀ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ସ୍ୱାତୀର କର୍ମୀ ଭାବରେ ମୁଁ ପ୍ରଥମେ ଯେତେବେଳେ ପବିଙ୍ଗିଆ ଅଙ୍ଗନବାଡି କେନ୍ଦ୍ରକୁ ଯାଇଥିଲି ସେଠାରେ କେନ୍ଦ୍ରର ଦୁରାବସ୍ଥା ମୋର ଦୃଷ୍ଟି ଆକର୍ଷଣ କରିଥିଲା । କେନ୍ଦ୍ରଟି ପ□ାୟତର ଏକ ମୁଖ୍ୟ କେନ୍ଦ୍ର ଥିଲା । ତେବେ କେନ୍ଦ୍ର ତିଆରି ହେବା ପରଠାରୁ ଏହାର ମରାମତି ଆଦୌ ହୋଇନଥିଲା । ଘର ଭିତରକୁ ବର୍ଷାପାଣି ପଶି ଆସୁଥିଲା । ଖରାଦିନେ ମଧ ଭିତରେ ପ୍ରବଳ ଗରମ ଅନୁଭୂତ ହେଉଥିଲା । କାନ୍ଥ ଗୁଡିକ ରଙ୍ଗଛାଡି ଓ ବର୍ଷାପାଣି ପଡି ଅତି ଖରାପ ଦିଶୁଥିଲା । ଏକ ପୁରୁଣା ଓ ଅବହେଳିତ ଘର ପରି ଦିଶୁଥିଲା କେନ୍ଦ୍ର ଗୃହଟି । ଏଠାରେ ଶିଶୁମାନେ  ପାଠ ପଢିବେ କଣ ବରଂ ଭୟଭିତ ହେଉଥିବେ ବୋଲି ମନେ ହେଉଥିଲା । ସ୍ଥାନୀୟ କର୍ମୀଙ୍କ ସହ ଆଲୋଚନା କରି ଜାଣିଲି ଯେ ଏହାର ମରାମତି ପାଇଁ ସେ ଅନେକ ଥର ଜଣାଇଲେ ମଧ ତାହା ହୋଇପାରୁନାହିଁ । ତେଣୁ ଏହି କେନ୍ଦ୍ରକୁ କିପରି ଆକର୍ଷଣୀୟ କରି ପିଲାମାନଙ୍କ ମନରେ ଆଗ୍ରହ ସୃଷ୍ଟି କରାଯାଇପାରିବ ସେ ସଂପର୍କରେ ସ୍ୱାତୀ ଅନୁଷ୍ଠାନର ବୈଠକରେ ଉପସ୍ଥାପନ କଲି । ବୈଠକରେ ଏହିପରି ଅବହେଳିତ କେନ୍ଦ୍ର ଗୁଡିକୁ ପୁନଃ ରଙ୍ଗ କରାଯାଇ ଶିଶୁଶିକ୍ଷା ଉପଯୋଗୀ ଆକର୍ଷଣୀୟ କରିବାକୁ ନିଷ୍ପ□ନିଆଗଲା ।

କେନ୍ଦ୍ରର କାନ୍ଥ ଗୁଡିକୁ ନୂଆ ରଙ୍ଗ ଦିଆଯାଇ ସେଠାରେ ଶିଶୁଶିକ୍ଷା ପାଇଁ ସଂଖ୍ୟା, ଅକ୍ଷର, ଫୁଲଫଳ, ପଶୁପକ୍ଷୀ ଆଦିର ସୁନ୍ଦର ରଙ୍ଗିନ ଚିତ୍ର ସବୁ କରାଗଲା । ପିଲାମାନେ ନିଜେ ଦେଖି ଜାଣିବା ପାଇଁ ବିଭିନ୍ନ ଗଳ୍ପ ଓ ରେଖାଚିତ୍ର ଆଦି କରାଗଲା । ସେହିପରି ନିଜେ ପିଲାମାନେ ଖଡିରେ ବିଭିନ୍ନ ଚିତ୍ର ବା ଲେଖିବା ପାଇଁ କଳାପଟାଟିଏ କାନ୍ଥରେ ରଖାଗଲା । ଏସବୁ ଦ୍ୱାରା ନୂଆ ପରିଧାନ ପିନ୍ଧିବା ପରି କେନ୍ଦ୍ରଟି ଅତି ସୁନ୍ଦର ଦେଖାଗଲା । କାନ୍ଥରେ ପିଲାଏ ଶିଖିବା ପରି ଚିତ୍ର ସବୁ ଦେଖି ବହୁତ ଖୁସି ହେଲେ । କେନ୍ଦ୍ରର କର୍ମୀଙ୍କୁ ମଧ କାନ୍ଥର ଚିତ୍ର ସବୁ ଦେଖାଇ ପିଲାଙ୍କୁ ପଢାଇବା ସହଜ ହେଲା । ଆଗରୁ ପିଲାମାନେ କେନ୍ଦ୍ରକୁ ଆସିଲେ ଏହା ଅପରିଷ୍କାର ଭଳି ଜଣା ପଡୁଥିଲା । କୌଣସି ଶିକ୍ଷଣ ସାମଗ୍ରୀ ନଥିବାରୁ ନିଜ ବହିପତ୍ରରୁ ପଢିବାକୁ ବାଧ ହେଉଥିଲେ । ଏବେ ସେମାନେ ବିନା ବହିପତ୍ରରେ ବି ପଢିବା ସମ୍ଭବ ହେଲା । ସେହିପରି କେନ୍ଦ୍ରକୁ ସ୍ୱାତୀ ତରଫରୁ ବିଭିନ୍ନ ଖେଳନା ଓ ଶିକ୍ଷଣ ସାମଗ୍ରୀ ସବୁ ଯୋଗାଇ ଦିଆଗଲା । ମୁଁ ନିଜେ ବିଭିନ୍ନ

ସମୟରେ କେନ୍ଦ୍ରକୁ ଯାଇ ପିଲାମାନଙ୍କ ସହ ମିଶି ବିଭିନ୍ନ ଶିକ୍ଷଣ ସାମଗ୍ରୀ ସବୁ ପ୍ରସ୍ତୁତ କଲି ଏବଂ ସେସବୁ ଆମେ ସେଠାରେ ସାଇତି ରଖିଲୁ ।



କେନ୍ଦ୍ରଟିର ସୁସଜ୍ଜିତ ରୂପ ଗାଁ ଲୋକମାନଙ୍କୁ ମଧ୍ୟ ବେଶ୍ ଉତ୍ସାହିତ କଲା । ପୁରୁଣା ଘରଟି ପରି ଦିଶୁଥିବାରୁ ପୂର୍ବରୁ ସେମାନେ ପିଲାମାନଙ୍କୁ କେନ୍ଦ୍ରକୁ ପଠାଇବା ପାଇଁ ବିଶେଷ ଆଗ୍ରହ କରୁନଥିଲେ । ନୂଆ ସାଜସଜ୍ଜା ପରେ ସେମାନେ ମଧ୍ୟ ପିଲାମାନଙ୍କ ପାଠପଢ଼ାର ଗୁରୁତ୍ୱ ରହିଛି ବୋଲି ଉପଲବ୍ଧି କଲେ ଏବଂ ନିଜେ ନିଜେ ପିଲାମାନଙ୍କୁ କେନ୍ଦ୍ରକୁ ଆଣି ପହ□ଇଲେ । କେନ୍ଦ୍ରରେ କିପରି ଚିତ୍ର, ଗପ, ଗୀତ ଆଦି ମାଧମରେ ଶିକ୍ଷା ଦିଆଯାଉଛି ତାହା ଅନୁଧ୍ୟାନ କଲେ । କେନ୍ଦ୍ରର କର୍ମୀ ପିଲାମାନଙ୍କ ଅଭିଭାବକ ମାନଙ୍କୁ ମଧ୍ୟ ପିଲାମାନଙ୍କ ଶିକ୍ଷଣ ସାମଗ୍ରୀ ତିଆରି କରିବାକୁ ବୁଝାଇଲେ । ସେମାନଙ୍କ ତିଆରି ସାମଗ୍ରୀ ସବୁ କେନ୍ଦ୍ରରେ ପିଲାମାନଙ୍କୁ ଅଧିକ ଆକର୍ଷିତ କରିବ ବୋଲି ଜଣାଇଲେ । ତେଣୁ ପିଲାମାନଙ୍କ ବାପା ମାଆ ମଧ୍ୟ ବିଭିନ୍ନ ହସ୍ତକର୍ମ ତିଆରି କରି କେନ୍ଦ୍ରକୁ ଦେଲେ ।

ଏବେ କେନ୍ଦ୍ରଟିର ନୂଆ ରୂପ ଓ ପାଠପଢ଼ାର ନୂଆ କୌଶଳ କେନ୍ଦ୍ରର କର୍ମୀ, ଗ୍ରାମବାସୀ ଏବଂ ଶିଶୁ ମାନଙ୍କୁ ଅଧିକ ଆକୃଷ୍ଟ କରୁଛି ।

# ଅଙ୍ଗନବାଡି ପ୍ରତି ଗାଁ ଲୋକଙ୍କ ମନୋଭାବ ବଦଳିଲା

ସରସ୍ୱତୀ ବିନ୍ଧାଣୀ



ଅଙ୍ଗନବାଡି ପ୍ରତି ଗାଁ ଲୋକମାନଙ୍କର ଏକ ଭିନ୍ନ ମନୋଭାବ ରହିଥିଲା – ଏହା ଏକ ସରକାରୀ ଅନୁଷ୍ଠାନ, ଏଠାରୁ କେବଳ ଶିଶୁ ଓ ଗର୍ଭବତୀ ମାନଙ୍କ ପାଇଁ ଖାଦ୍ୟ ଓ ଛତୁଆ ମିଳେ । ଗର୍ଭବତୀ ମାନଙ୍କୁ ପଂଜିକରଣ କରି ସେମାନଙ୍କୁ ପ୍ରତିଷେଧକ ନେବା ନିମନ୍ତେ ଜଣାଇବା, ଜନ୍ମ ନିୟନ୍ତ୍ରଣ କରାଇବା ଆଦି ସେମାନଙ୍କର ପ୍ରଧାନ କାର୍ଯ୍ୟ । ସେମାନଙ୍କୁ ସରକାରୀ ଦରମା ଥିବାରୁ ସେମାନେ ନିଜ କାମ କରିବେ । କେନ୍ଦ୍ରରେ ରୋଷେଇକରି ପିଲାମାନଙ୍କୁ ଡାକିନେଇ ଖାଇବାକୁ ଦେବେ । ସେମାନେ ନିଜର ଦାୟିତ୍ୱ କରିବେ, ଆମେ ଗାଁ ଲୋକେ ସେମାନଙ୍କୁ କାହିଁକି ସହାୟତା କରିବୁ ଆଦି ଅନେକ ଭାବନା ଅଙ୍ଗନବାଡି କେନ୍ଦ୍ରଟି ପ୍ରତି ଗାଁ ଲୋକମାନଙ୍କର ରହିଆସିଛି । କେତେକ ଗାଁରେ ଅଙ୍ଗନବାଡିକୁ ନେଇ ସବୁବେଳେ ମତାନ୍ତର ମଧ୍ୟ ଲାଗି ରହିଥାଏ । କେନ୍ଦ୍ରର କର୍ମୀମାନେ ଶିଶୁ ଖାଦ୍ୟ ବିକ୍ରିକରୁଛନ୍ତି ବୋଲି ଆରୋପ

କରାଯାଇଥାଏ । ଏହାକୁ ଗାଁ ସ୍ତରୀୟ ରାଜନୈତିକ ବିବାଦର କେନ୍ଦ୍ରସ୍ଥଳି ରୂପେ ମଧ୍ୟ ବ୍ୟବହାର କରାଯାଇଥାଏ । ତେବେ ଏହି କେନ୍ଦ୍ରଟି ଯେ ଗ୍ରାମୀଣ ବିକାଶର ମୁଖ୍ୟ କେନ୍ଦ୍ର ଏବଂ ଏହାକୁ ସୁପରିଚାଳିତ କଲେ ଏଥିରୁ ଗାଁର ମହିଳା ଓ ଶିଶୁମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ବିକାଶ ସାଧିତ ହେବ ତାହା ଅନେକ ବିଚାର କରନ୍ତି ନାହିଁ । ତେବେ ଯେତେବେଳେ ଗାଁ ଲୋକେ ନିଜେ ଏହା ଉପଲବ୍ଧି କରନ୍ତି ସେତେବେଳେ ଅଙ୍ଗନବାଡି ଗାଁ ପାଇଁ ବିକାଶର ମୂଳଦୁଆ ପାଲଟିଯାଏ ।




ଫିରିଙ୍ଗିଆ ପ□ାୟତର ନୂଆପଡାରେ ରହିଛି ଅଙ୍ଗନବାଡି କେନ୍ଦ୍ରଟିଏ । ଗାଁରେ ରହୁଥିବା ତିନିଟି ସାହିର ୧୧୨ଟି ପରିବାରର ୨୫ ଜଣ ଶିଶୁ ଏଠାରେ ପଞ୍ଜିକୃତ ଅଛନ୍ତି । ଗାଁଟି ବ୍ଲକ୍‌ର ଅତି ନିକଟରେ ରହୁଥିବାରୁ କେନ୍ଦ୍ରର କର୍ମୀ ନିଜ ଦାୟିତ୍ୱରେ କେବେ ଅବହେଳା କରନ୍ତି ନାହିଁ । ତେବେ ଗାଁ ଲୋକମାନଙ୍କର ବା ଅଙ୍ଗନବାଡିର କମିଟି ସଦସ୍ୟା ମାନଙ୍କର ବିଶେଷ ସହଯୋଗ ନଥାଏ । ଅଙ୍ଗନବାଡି କାର୍ଯ୍ୟ ପ୍ରତି ସେମାନଙ୍କର ଏକ ପାରଂପରିକ ଧାରଣା ରହିଥାଏ । ସେମାନେ ଅଙ୍ଗନବାଡିର କୌଣସି ବୈଠକକୁ ଆସନ୍ତି ନାହିଁ କିମ୍ବା ଆଲୋଚନାରେ ଭାଗ ନିଅନ୍ତି ନାହିଁ । ସେଭ୍‌ଦି ଚିଲ୍‌ଡ୍ରେନ ସହାୟତାରେ ସ୍ୱାତୀ ତରଫରୁ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ସଂପର୍କିତ କାର୍ଯ୍ୟକ୍ରମ ଯେତେବେଳେ ଏଠାରେ ଆରମ୍ଭ କରାଗଲା ଏହି ଘଟଣାଟି ମୋ ଦୃଷ୍ଟିକୁ ଆସିଲା । ଆମ୍ଭର କାର୍ଯ୍ୟକ୍ରମ ମାଧ୍ୟମରେ ଆମେ କେନ୍ଦ୍ର, କର୍ମୀ, ଅଭିଭାବକ ଓ ଶିଶୁ ଆଦି ସମସ୍ତଙ୍କ ସହଯୋଗରେ ଶିଶୁଶିକ୍ଷାରେ ବିକାଶ ଆଣିବା ପାଇଁ ଉଦ୍ୟମ କରୁଥିଲୁ । ପ୍ରତି ମାସରେ ଅଙ୍ଗନବାଡି କେନ୍ଦ୍ରରେ ଏସଂପର୍କିତ ଆଲୋଚନା ସଭା ହେଉଥିଲା ଏବଂ କେନ୍ଦ୍ରର ବିଭିନ୍ନ ସମସ୍ୟା ଆଲୋଚନା ହେବା ସହ ସେସବୁର ସମାଧାନ କରାଯାଉଥିଲା । ସେହିପରି ଶିଶୁମାନଙ୍କ ଶିକ୍ଷା କେନ୍ଦ୍ରରେ ଏବଂ ଘରେ କିପରି ଠିକ୍ ଭାବରେ ହୋଇ ପାରିବ ସେ ବିଷୟରେ ବିଭିନ୍ନ ବ୍ୟବସ୍ଥା କରାଯାଉଥିଲା । ପ୍ରଥମେ କିଛିମାସ ଏ ସଂପର୍କରେ ଯେତେବେଳେ ବୈଠକ କରାଗଲା ଅଭିଭାବକ ମାନେ ଆଦୌ ଯୋଗ ଦେଇନଥିଲେ । ସେମାନଙ୍କୁ ବ୍ୟକ୍ତିଗତ ଭାବରେ ମିଶି ବୁଝାଇବାକୁ ଅନେକ ପ୍ରୟାସ କରିଥିଲୁ । ତଥାପି ସେମାନଙ୍କ ଉପସ୍ଥାନ ଅତି ନଗଣ୍ୟ ଥିଲା । ଏହି ପରିସ୍ଥିତିକୁ ଲକ୍ଷ୍ୟକରି ମୁଁ ଓ ଅଙ୍ଗନବାଡି କର୍ମୀ ଶିଶୁ ମାନଙ୍କ କେନ୍ଦ୍ରରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଦୃଢ଼ କରିବାକୁ ନିଷ୍ପ□ ନେଲୁ । କେନ୍ଦ୍ରକୁ ଆସୁଥିବା ପିଲାମାନଙ୍କୁ ନୂଆ କୌଶଳରେ ଚିତ୍ର, ଗପ, ଗୀତ, ଖେଳ ଆଦି ଦ୍ୱାରା ବିଭିନ୍ନ ଶିକ୍ଷା ଦିଆଗଲା । ପିଲାମାନେ ଏଥିରେ ଅଧିକ ଆଗ୍ରହୀ ହେଲେ । ଗାଁ ଲୋକମାନେ କେନ୍ଦ୍ରକୁ ଟୀକାଦାନ ଦିବସ, ଖାଦ୍ୟ ବ□ନ ଦିବସ ଆଦିରେ ଆସିବାବେଳେ ଶିଶୁ ମାନଙ୍କର ଏହି ଶିକ୍ଷାକୌଶଳ ଦେଖିଲେ । ସେହିପରି ଶିଶୁ ମାନଙ୍କୁ ଗୀତ, ଗପ ଓ ଅଭିନୟ ଆଦିରେ ବିଶେଷ ଦକ୍ଷ କରାଗଲା ଏବଂ ଘରେ ମଧ୍ୟ ଯାଇ ସେସବୁ ଅଭ୍ୟାସ କରିବାକୁ କୁହାଗଲା । ସେମାନେ ଘରେ ଯାଇ କେନ୍ଦ୍ରରୁ ଶିଖିଥିବା ବିଷୟ ଗୁଡିକ ବାପା ମାଙ୍କ ଆଗରେ ପ୍ରକାଶ କରୁଥିଲେ । ଜଣାଗଲା ଯେ ଅଭିଭାବକ ମାନେ କେନ୍ଦ୍ରରେ ନିଜ ପିଲାମାନଙ୍କ ଶିକ୍ଷା ପ୍ରତି ଧିରେ ଧିରେ ଆକୃଷ୍ଟ ହେଉଛନ୍ତି ।




କିଛିଦିନ ପରେ ଯେତେବେଳେ ଅଭିଭାବକ ମାନଙ୍କ ବୈଠକ କରାଗଲା ସେତେବେଳେ କିଛି ଅଭିଭାବକ ଆସିଲେ । ସେମାନଙ୍କ ସହ ଶିଶୁ ମାନଙ୍କ ଭବିଷ୍ୟତ ଓ ଦକ୍ଷତା ବିକାଶ ସଂପର୍କରେ ଆଲୋଚନା କରାଗଲା । ବର୍ତ୍ତମାନ ସମୟରେ ସେମାନଙ୍କ ଦକ୍ଷତା ବିକାଶ କିପରି ଜରୁରୀ ଏବଂ ଏହା ପିଲାମାନଙ୍କୁ ପ୍ରାଥମିକ ଶିକ୍ଷାରେ କିପରି ସାହାଯ୍ୟ କରିବ ତାହା ବୁଝାଇଦିଆଗଲା । ଶିଶୁ ମାନେ କେନ୍ଦ୍ରରେ ନେଉଥିବା ଶିକ୍ଷା ବିଷୟରେ ଜଣାଯିବା ସହ ଘରେ ବାପା ମାଆ ମଧ କିପରି ଶିଶୁ ଶିକ୍ଷାରେ ଦାୟିତ୍ୱ ନେବା ଆବଶ୍ୟକ ତାହା ଜଣାଇଦିଆଗଲା । ଅନେକ ଅଭିଭାବକ ଅଙ୍ଗନବାଡି କେବଳ ଏକ ଟୀକା କେନ୍ଦ୍ର ବୋଲି ତାଙ୍କର ଧାରଣାଥିବା ଜଣାଇଥିଲେ । ତେବେ ଏହା ଶିଶୁ ଶିକ୍ଷାକେନ୍ଦ୍ର ବୋଲି ସେମାନେ ଏବେ ଜାଣୁଥିବାର କହିଲେ । ଏହାର ପରବର୍ତ୍ତୀ ବୈଠକରେ ଅଧିକାଂଶ ଅଭିଭାବକ ବୈଠକରେ ଯୋଗଦାନ କଲେ ଏବଂ କେନ୍ଦ୍ରରେ ହେଉଥିବା ଶିଶୁଶିକ୍ଷା ବିଷୟରେ ଆଲୋଚନା କଲେ । ସେଠାରେ ସ୍ୱାତୀ ତରଫରୁ କିପରି ଶିଶୁଶିକ୍ଷା ପାଇଁ ବିଭିନ୍ନ ଉପକରଣ ଓ ଖେଳନା ଆଦି ଯୋଗାଇ ଦିଆଯାଇଛି ଏବଂ କର୍ମୀ କିପରି ବିଭିନ୍ନ କୌଶଳରେ ପାଠ ପଢାଉଛନ୍ତି ସେ ସଂପର୍କରେ ସମସ୍ତଙ୍କୁ ବୁଝାଇଦିଆଗଲା । ଗତ କିଛି ମାସ ମଧରେ ସେମାନେ ନିଜ ପିଲାମାନଙ୍କ ପାଠପଢା ଦକ୍ଷତା ବୃଦ୍ଧି ସଂପର୍କରେ ଅନୁଭବ ମଧ କରିଥିଲେ । ଏହା ସେମାନଙ୍କୁ ବେଶ୍ ଆନନ୍ଦିତ କରିଥିଲା । କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମରେ ସେମାନେ ନିୟମିତ ଯୋଗ ଦେବା ସହ ଦାୟିତ୍ୱ ତୁଲାଇବାକୁ ସମ୍ମତି ଦେଇଥିଲେ ।

ଗାଁ ଲୋକଙ୍କ ବୁଝାମଣାରୁ ଏବେ କେନ୍ଦ୍ରଟିର କାର୍ଯ୍ୟକ୍ରମରେ ବେଶ୍ ଉନ୍ନତୀ ଘଟିଛି । ଶିଶୁମାନେ କେନ୍ଦ୍ରରେ ଶିକ୍ଷା ଗ୍ରହଣ କରିବା ସହ ଘରେ ବାପା ମାଆ ମାନେ ମଧ ସେମାନଙ୍କ ଶିକ୍ଷା ପାଇଁ ବିଶେଷ ଦୃଷ୍ଟି ଦେଉଛନ୍ତି । ଗାଁର ଦଶଜଣ ଅଭିଭାବକ ପିଲାଙ୍କ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି କେନ୍ଦ୍ରକୁ ଦେଇଛନ୍ତି । ଗାଁ ଲୋକଙ୍କ ସଚେତନତାରୁ କେନ୍ଦ୍ରଟି ଠିକ୍ ଭାବେ ଚାଲିବା ସହ ଶିଶୁଶିକ୍ଷାରେ ମଧ ଉନ୍ନତୀ ଘଟିଛି ।



# ଶିଶୁ ଶିକ୍ଷାରେ ନୂଆ ଉତ୍ସାହ ଆଣିଲେ ସୀମାଂଚଳ ସାର୍

ସର୍ବେଶ୍ୱର ସାହୁ



ବନ୍ଧଗଡ ଅଂଚଳରେ ସୀମାଂଚଳ ସାର୍ ଜଣେ ପ୍ରବୀଣ ଶିକ୍ଷକ ଭାବେ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ବେଶ୍ ସୁପରିଚିତ । ତାଙ୍କ ଲୋକପ୍ରିୟତାର ପ୍ରଧାନ କାରଣଟି ହେଲା ତାଙ୍କର ଶିକ୍ଷାଦାନ ପଦ୍ଧତି । ବନ୍ଧଗଡ ପରି ଏକ ଆଭ୍ୟନ୍ତରୀଣ ଆଦିବାସୀ ବହୁଳ ଅଂଚଳରେ ବିଦ୍ୟାଳୟ ଗୁଡିକ ଛାତ୍ରଛାତ୍ରୀ ଉପସ୍ଥାନ ଓ ଅଧାରୁ ପାଠ ପଢାଛାଡିଦେବା ପରି ସମସ୍ୟା ଭିତରେ ଗତି କରୁଥିବାବେଳେ ସୀମାଂଚଳ ସାର୍‌ଙ୍କ ପରି ଉତ୍ସାହୀ ଓ ଉଦ୍ୟମୀ ଶିକ୍ଷକ ମାନଙ୍କ ପ୍ରଚେଷ୍ଟା ଯୋଗୁଁ ସେସବୁଥିରେ ପରିବର୍ତ୍ତନର ସମ୍ଭାବନା ଦେଖାଦେଇଛି । ପ୍ରାଥମିକ ସ୍ତରରେ ଶିଶୁଟିର ଶିକ୍ଷା ପାଇଁ କେଉଁଭଳି କୌଶଳର ଆବଶ୍ୟକତା ରହିଛି ଏବଂ କେଉଁ ଶିକ୍ଷଣ ସାମଗ୍ରୀ ଶିଶୁକୁ ପଢିବାରେ ଅଧିକ ଉତ୍ସାହିତ କରିବ ତାହା ସୀମାଂଚଳ ସାର୍‌ଙ୍କୁ ବେଶ୍ ଭଲଭାବେ ଜଣା ।

ବନ୍ଧଗଡ ପଂଚାୟତର କରଣ୍ଡାଗଡ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଏବେ ସେ କାର୍ଯ୍ୟରତ । ବନ୍ଧଗଡ ଠାରୁ ୩ କିଲୋମିଟର ଦୂରରେ ଅବସ୍ଥିତ ଏହି କରଣ୍ଡାଗଡ ଗାଁ । ଗାଁରେ ବିଦ୍ୟାଳୟଟି ୧୯୫୫ ମସିହାରୁ ସ୍ଥାପିତ । ଏବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସେଠାରେ ପଢାଯାଉଛି ଏବଂ ୮୦ ଜଣ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି । ମାତ୍ର ୪ ଜଣ ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି ସ୍କୁଲ୍‌ଟି । ସମସ୍ତ ପ୍ରକାର ଅସୁବିଧା ସତ୍ତ୍ୱେ ବିଦ୍ୟାଳୟଟିର ବିକାଶ ପାଇଁ ସେ ନିଷ୍ଠାର ସହ ଲାଗିଛନ୍ତି ।

ସୀମାଂଚଳ ସାର୍‌ଙ୍କ ନିଜ ଗାଁ ବନ୍ଧଗଡ । ତେଣୁ ଏହି ଅଂଚଳର ପରିସ୍ଥିତି ଓ ପରିବେଶ ସହ ସେ ବେଶ୍ ପରିଚିତ । ୧୯୯୮ ମସିହାରେ ସେ ପ୍ରଥମେ ଶିକ୍ଷକତା ଆରମ୍ଭ କରିଥିଲେ । ସ୍କୁଲ୍ ଗୁଡିକରେ ପିଲା ମାନଙ୍କ ଉପସ୍ଥାନ କମ୍

ରହୁଥିବାରୁ ଏବଂ ପିଲାମାନେ ସ୍କୁଲ୍‌କୁ ଆସିବାକୁ ଅନିଚ୍ଛା ପ୍ରକାଶ କରୁନଥିବାରୁ ସେମାନଙ୍କ ମନରେ କିପରି ଆଗ୍ରହ ସୃଷ୍ଟି କରାଯାଇପାରିବ ସେଥିପାଇଁ ସେ ନୂଆ କୌଶଳ ଚିନ୍ତାକଲେ । ପିଲା ମାନଙ୍କୁ ଗୀତ, ଗପ, ଅଭିନୟ ଏବଂ ବିଭିନ୍ନ ଖେଳନା ମାଧ୍ୟମରେ ଶିକ୍ଷାଦାନ ପାଇଁ ପ୍ରଚେଷ୍ଟା ଆରମ୍ଭ କଲେ । ଆଖପାଖରେ ଉପଲବ୍ଧ ବିଭିନ୍ନ ଅଦରକାରୀ ଜିନିଷରୁ ପିଲାମାନଙ୍କ ପାଇଁ ଶିକ୍ଷଣ ସାମଗ୍ରୀ ସବୁ ତିଆରି କଲେ । ସେହିପରି ପିଲାମାନେ ନିଜେ ଗାଇ ପାରିବା ଓ ଅଭିନୟ କରିପାରିବା ପରି ଛୋଟ ଛୋଟ ଗପଗୀତ ଆଦି ଲେଖିଲେ ଓ ସଂଗ୍ରହ କଲେ । ଶ୍ରେଣୀରେ ପିଲା ମାନଙ୍କୁ ଖେଳ ଓ ଶିକ୍ଷଣ ସାମଗ୍ରୀ ମାଧ୍ୟମରେ ଶିକ୍ଷାଦାନ କଲେ । ତାଙ୍କର ପିଲାମାନଙ୍କ ପ୍ରତି ଶ୍ରଦ୍ଧା ଓ ନୂଆ କୌଶଳ ଶିକ୍ଷାଦାନ ପାଇଁ ଛାତ୍ରଛାତ୍ରୀ ମାନଙ୍କ ମନରେ ସ୍କୁଲ୍‌କୁ ଆସିବା ପାଇଁ ଆଗ୍ରହ ବଢିଲା । ପିଲାମାନେ ମଧ୍ୟ ଅତି ସହଜରେ ବିଭିନ୍ନ ବିଷୟ ଶିଖି ପାରିଲେ । ତାଙ୍କର ଏହି କୃତିତ୍ୱ ପାଇଁ ୨୦୦୯ ମସିହାରେ ସେ ଜିଲ୍ଲା ଓ ରାଜ୍ୟସ୍ତରୀୟ ସାଧନ କର୍ମୀ ଭାବେ ପୁରସ୍କୃତ ହେଲେ । ଏହାପରେ ସେ ସି.ଆର୍.ସି.ସି ଓ ବି.ଆର୍.ସି.ସି ଭାବେ ଦାୟିତ୍ୱ ତୁଲାଇଲେ । ଅଧାରୁ ପାଠ ଛାଡୁଥିବା ପିଲାମାନେ କିପରି ପାଠପଢା ଚାଲୁରଖିବେ ସେ ଦିଗରେ ଉଦ୍ୟମ ଆରମ୍ଭ କଲେ ଏବଂ ସଫଳ ହେଲେ ।

ତାଙ୍କର ଶିକ୍ଷାଦାନ କୌଶଳ ଏବଂ ସୃଜନଶୀଳତା ପାଇଁ ସ୍ୱାତୀ ଦ୍ୱାରା ଚାଲୁଥିବା ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା କାର୍ଯ୍ୟକ୍ରମର ଜଣେ ତାଲିମ ଦାତା ଭାବରେ କର୍ମୀ, ଶିକ୍ଷକ ଓ ଅଙ୍ଗନବାଡି କର୍ମୀ ମାନଙ୍କୁ କିପରି ଶିକ୍ଷଣ ସାମଗ୍ରୀ ଦ୍ୱାରା ସହଜରେ ଶିକ୍ଷା ଦାନ କରାଯାଇପାରିବ ସେ ବିଷୟରେ ପ୍ରଶିକ୍ଷଣ ଦେଉଛନ୍ତି । ତାଙ୍କ ମତରେ, ଶିଶୁ ମାନେ କିପରି ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କରିବେ ତାହା ଶିକ୍ଷକର ମୂଳ ଦାୟିତ୍ୱ । ଏହାକୁ ଏକ ଗତାନୁଗତିକ କାମ ହିସାବରେ କଲେ ହେବ ନାହିଁ । ଏଥିପାଇଁ ପିଲା ମାନଙ୍କ ସହ ନିଜକୁ ପିଲାଟିଏ ହେବାକୁ ପଡିବ । ନିଜ ଅନୁଭୂତିରୁ ସେ କହନ୍ତି ଯେ, ପିଲା ମାନଙ୍କୁ ପଢାଇବା ସମୟରେ ମୁଁ ମୋ ପିଲା ଦିନର କଥା ମନେ ପକାଏ । କେଉଁ ବିଷୟ ସବୁ ପ୍ରତି ମୋ ଭୟ ରହୁଥିଲା, କେଉଁ ସବୁ କଥା ମୁଁ ଶିଘ୍ର ଶିଖି ପାରୁଥିଲି ଏବଂ କେଉଁ ପାଠ ପ୍ରତି ଆଗ୍ରହ ରହୁଥିଲା ତାହା ମନେ ପକାଇ ତାର କାରଣ ଓ ସମାଧାନ ପନ୍ଥା ଖୋଜେ । ସେତେବେଳେ ପାଠ ପଢା କହିଲେ ମାଷ୍ଟ୍ରେଙ୍କ ବେତ ଓ ତାଙ୍କର ରାଗ ଚାହାଣୀ ହିଁ କେବଳ ଆଖି ଆଗରେ ଆସେ । କେବଳ ମାଡକୁ ଡରି ଅଧିକାଂଶ ପିଲା ସ୍କୁଲ୍‌କୁ ଆସିବାକୁ ଲୁଚନ୍ତି ଏବଂ ପାଠ ପଢା ଛାଡି ଦିଅନ୍ତି । ଯେଉଁ ଶିକ୍ଷକ ମାନେ ସ୍ନେହ କରନ୍ତି ସେମାନଙ୍କୁ ସବୁ ପିଲା ଭଲ ପାଆନ୍ତି । ତେଣୁ ପିଲା ମାନଙ୍କୁ ଶିକ୍ଷାଦାନ କରିବାକୁ ହେଲେ ଶିକ୍ଷକଙ୍କୁ ସ୍ନେହୀ ଓ ସୃଜନଶୀଳ ହେବାକୁ ପଡିବ ।




Preparation of TLM
for Reading Buddies




Preparation of TLM
for Reading Buddies





SWATI (ସ୍ୱାତୀ)

Save the Children


ସୋସିଆଲ୍ ୱେଲ୍‌ଫେୟାର ଏଜେନ୍‌ସି ଆଂଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍
ପାବୁରିଆ, କନ୍ଧମାଳ – ୭୬୨୧୧୨, ଓଡିଶା
Email: swati_pab@yahoo.co.in,
Website: www.swatiodisha.org



ସହଭାଗୀତା
ସେଭ୍ ଦି ଚିଲ୍‌ଡ୍ରେନ
ଓଡିଶା, ଭାରତ